ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୪୦
୬ ଜାନୁଆରୀ, ୨୦୨୬ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 240
6th January, 2026 Tuesday
Kendrapara

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ପେଣ୍ଠ ସମୁଦ୍ରକୂଳ ଜିଓଟ୍ୟୁବ୍‌ରେ ପୁଣି ଲାଗିଲା ନିଆଁ

**ରାଜନଗର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ପେଣ୍ଠଠାରେ ୩୨କୋଟି ୯୫ଲକ୍ଷ ୯୨ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଜିଓଟ୍ୟୁବ୍‌ରେ ଚତୁର୍ଥଥର ରବିବାର ଦିନ ନିଆଁ ଲାଗିଥିଲା । ପେଣ୍ଠ ଗ୍ରାମର ଲୋକେ ସମୁଦ୍ର କୂଳରେ ଥିବା ଗ୍ୟାବିୟନ ବକ୍ସ ଭିତରୁ ସୋମବାର ସକାଳି ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବାହିନୀ ଓ ତଟବନ୍ଧ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲା । ଗ୍ୟାବିୟନ ବକ୍ସ ଭିତରେ ନିଆଁ ଲାଗିଥିବା ଦଉଡି ଜଳିଯାଇଛି । ଜିଓଟ୍ୟୁବରେ ନିଆଁ ଲାଗିଛି କି ନାହିଁ ତାହା ଜାଣି ହେଉନାହିଁ । କେହି ଦୁର୍ବୃତ୍ତ ସିଗାରେଟ ଟାଣି ଗ୍ୟାବିୟନ ବକ୍ସ ଉପରେ ଜଳନ୍ତା ସିଗାରେଟକୁ ପକାଇ ଦେଇଥିବା ସନ୍ଦେହ କରାଯାଉଛି । ସୂଚନା ଥାଉକି, ୨୦୧୮ ଓ ପରେ ୨୦୧୯ ଅଗଷ୍ଟ ୨୫ତାରିଖ ଦିନ ଜିଓଟ୍ୟୁବ ଉପରେ ଆଚ୍ଛାଦିତ ହୋଇଥିବା ଗ୍ୟାବିୟନ ବକ୍ସରେ ସମୁଦ୍ର ପଟରୁ ନିଆଁ ଲାଗି ଯାଇଥିଲା । ଏହାପରେ ୨୦୨୦ ଜାନୁୟାରୀ ମାସ ୧୯ତାରିଖ ଦିନ ନିଆଁ ଲାଗି ଯାଇଥିଲା । ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିବା ପରେ ତଟବନ୍ଧ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ଜିଓଟ୍ୟୁବ ଉପରକୁ ନଛାଡିବା ପାଇଁ ରାସ୍ତା କଡରେ ତାରବାଡ ଦେଇଥିଲା । ଏହି ଘଟଣା ଜାଣିବା ପରେ ଜିଓଟ୍ୟୁବର ସ୍ଥିତି ଅନୁଧ୍ୟାନ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ପହଂଚିଥିଲେ । ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶିଷ କୁମାର ସ୍ୱାଇଁଙ୍କୁ ଜଣାଇଥିଲେ । ଏସଂପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସ୍ୱାଇଁଙ୍କୁ ପଚାରିବାରୁ ମଙ୍ଗଳବାର ସେଠାକୁ ଯିବି । ଖୁବଶିଘ୍ର ଉଚ୍ଚ କର୍ତ୍ତୃପକ୍ଷ ଅନୁଧ୍ୟାନ କରିବା ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ୨୦୧୮ମସିହାରେ ଏହି ଜିଓଟ୍ୟୁବରେ ନିଆଁଲାଗି ପୋଡି ଯାଇଥିଲା । ସେତେବେଳେ କାହିଁକି ଓ କିପରି ନିଆଁ ଲାଗିଲା, ତାହାର କାରଣ ଓ ନିରାକରଣ ପାଇଁ ତଟବନ୍ଧ ବିଭାଗ ତତ୍ପରତା ପ୍ରଦର୍ଶନ ନକରି ରାଜନଗର ଥାନାରେ ଅଭିଯୋଗପତ୍ର ଦାଖଲ କରି ଚୁପ୍ ରହିଗଲା । ପୋଲିସ ପ୍ରଶାସନ ମଧ୍ୟ ନିଆଁ ଲାଗିବାର କାରଣ ଓ କିଏ ନିଆଁ ଲଗାଇଲା ତାହାର ତଦନ୍ତ କରି ସତ୍ୟତା ଲୋକଲୋଚନକୁ ଆଣିଲା ନାହିଁ । ଦ୍ୱିତୀୟଥର ନିଆଁ ଲାଗିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଲିଭାଇଥିଲେ ମଧ୍ୟ ୨୦ମିଟର ଜିଓଟ୍ୟୁବ୍‌କୁ ଆଚ୍ଛାଦନ ବା ଘୋଡେଇ ରଖିଥିବା ଗ୍ୟାବିୟନ ବକ୍ସର ଦଉଡିଗୁଡିକ ଜଳି ଯାଇ ପଥର ଖଣ୍ଡଗୁଡିକ ବାହାରି ଯାଇଥିଲା । ତୃତୀୟ ଥର ନିଆଁ ଲାଗିବା ଘଟଣା ବିଭାଗୀୟ ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ଏବେ ଚତୁର୍ଥ ଥର ନିଆଁ ଲାଗିବା ପରେ ଜିଓଟ୍ୟୁବ ବା ସି-ୱାଲ ଅସୁରକ୍ଷିତ ହୋଇପଡିଛି । ସ୍ମରଣ ଯୋଗ୍ୟ, ୨୦୦୮ମସିହା ଅଗଷ୍ଟ ୭ ତାରିଖରେ ପେଣ୍ଠଠାରେ ସରକାର ସିୱାଲ ନିର୍ମାଣ କରିବାକୁ ଘୋଷଣା କରିଥିଲେ । ୨୦୦୯ଜାନୁଆରୀ ୩୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପୁନେର ଗାରଓ୍ୱାର ୱାଲ ଲିମିଟେଡ ଏହି କାର୍ଯ୍ୟ କରିଥିଲା । ଏହି ଯୋଜନା ଆମେରିକା, ହଲାଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜଲାଣ୍ଡରେ ସଫଳ ହେବା ପରେ ଭାରତରେ ପ୍ରଥମେ ହାଇଦ୍ରାବାଦ ଓ ପରବର୍ତ୍ତୀ ସମୟରେ ପେଣ୍ଠରେ ଦ୍ୱିତୀୟ ଥର କାର୍ଯ୍ୟକାରୀ ହୋଇଥିଲା ।

## ନୀତିବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା**
**ନିର୍ଦ୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ । ଏହା ସେମାନଙ୍କର ସ୍ୱଭାବ ।

# ସନ୍ଧ୍ୟା ୬ରୁ ସକାଳ ୧୦ ଯାଏଁ ନିର୍ମାଣ କାର୍ଯ୍ୟ ବନ୍ଦ

**ବାଲେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାୟୁ ପ୍ରଦୂଷଣକୁ ନେଇ କଟକଣା ଜାରି କରାଯାଇଛି । ବାଲେଶ୍ୱର ପୌରପାଳିକା ଓ ଜିଲ୍ଲାର ଅନ୍ୟ ଏଏନଏସି ମ୍ୟୁନିସିପାଲଟି ପାଇଁ ପ୍ରଦୂଷଣ କଟକଣା ଲଗାଇଛନ୍ତି ଜିଲ୍ଲାପାଳ । ଲଗାତର ଏକ୍ୟୁଆଇ ବୃଦ୍ଧିକୁ ନେଇ ଜିଲ୍ଲାପାଳ ଗାଇଡ୍‌ଲାଇନ ଜାରି କରିଛନ୍ତି । ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ଯାଏଁ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତାରେ ଦିନକୁ ଅତି କମରେ ୩ ଥର ପାଣି ସିଞ୍ଚନ ପାଇଁ ଏନଏଚ୍‌ଏଆଇକୁ ନିର୍ଦ୍ଦେଶ ହୋଇଛି ।

ସେହିପରି ଖୋଲାରେ ଆବର୍ଜନା ପୋଡ଼ିବା ଓ ଢାବାରେ କୋଇଲା ରୋଷେଇକୁ ବାରଣ କରାଯାଇଛି । ଏହାସହ ସହର ଭିତରେ ଭାରିଯାନ ପ୍ରବେଶ ଉପରେ ମଧ୍ୟ କଟକଣା ଲଗାଯାଇଛି । ଆଗାମୀ ୭ ଦିନ ପାଇଁ ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି । ବିଏନଏସଏସ ଧାରା-୧୬୩(୨) ଅନୁଯାୟୀ ଏହି ନିର୍ଦ୍ଦେଶାନାମା ଜାରି କରାଯାଇଛି ।

ବାଲେଶ୍ୱର ପୌରପାଳିକା, ଏନଏସି ଓ ମ୍ୟୁନିସିପାଲଟି ୭ ଦିନ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ । ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ । ସୀମାଭିତରେ ଭଙ୍ଗାରୁଜା ଓ ମାଟି କାମ ସଂପୂର୍ଣ୍ଣ ଭାବେ ନିଷିଦ୍ଧ । ସମସ୍ତ ରାସ୍ତାରେ ଦିନକୁ ଅତି କମରେ ୩ ଥର ପାଣି ପକାଯିବ । ବାଲେଶ୍ୱର ସହର ଓ ଅନ୍ୟ ୟୁଏଲବି ଅଞ୍ଚଳରେ ଭାରୀ ଟ୍ରକ୍ ପ୍ରବେଶ କଟକଣା । ଆବର୍ଜନା ଖୋଲା ଜଳାଇବା, ଢାବାରେ କୋଇଲା ଜଳାଇବା ସଂପୂର୍ଣ୍ଣ ନିଷିଦ୍ଧ । ବିନା ଅନୁମତିରେ ଇଟାଭାଟି ଚାଲିବ ନାହିଁ । ଉପଜିଲ୍ଲାପାଳ, ବାଲେଶ୍ୱର ଓ ନୀଳଗିରି ପକ୍ଷରୁ ପ୍ରତିଦିନ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ଜାରିହେଲା ବାୟୁ ପ୍ରଦୂଷଣ କଟକଣା

## ଦିଲ୍ଲୀରେ ପ୍ରଦୂଷଣ ତାତି: ୪ ଏମ୍‌ଏଲଏ ସସ୍‌ପେଣ୍ଡ

**ନୂଆଦିଲ୍ଲୀ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାରଠୁ ଦିଲ୍ଲୀ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି । ଏହି ଅଧିବେଶନର ପ୍ରଥମ ଦିନରେ ବିରୋଧୀ ଦଳ ପ୍ରଦୂଷଣକୁ ନେଇ ସରକାରଙ୍କୁ ଘେରିବା ସହ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ । ହଙ୍ଗାମା ଏତେ ତୀବ୍ର ହୋଇଥିଲା ଯେ ବାଚ୍‌ସ୍ପତି ଆପ୍‌ର ୪ଜଣ ବିଧାୟକଙ୍କୁ ସସ୍‌ପେଣ୍ଡ କରିଛନ୍ତି । ତିନି ଦିନ ପାଇଁ ଏହି ବିଧାୟକମାନଙ୍କୁ ସସ୍‌ପେଣ୍ଡ କରାଯାଇଛି । ଏଥିସହିତ ବିଧାନସଭାକୁ ମଧ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଉଲ୍ଲେଖନୀୟ ଯେ ଦିଲ୍ଲୀରେ ପ୍ରଦୂଷଣ କିଛି ମାସ ଧରି ଆଲୋଚ଼ନାର ବିଷୟ ହୋଇଆସିଛି । ବିରୋଧୀ ଦଳ ମଧ୍ୟ ଏହାକୁ ଏକ ବଡ଼ ପ୍ରସଙ୍ଗ କରିଛନ୍ତି । ଆଜି ଦିଲ୍ଲୀ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା । ପ୍ରଦୂଷଣକୁ ନେଇ ବିଧାନସଭାରେ ଏକ ବଡ଼ ହଙ୍ଗାମା ହେବାର ଆଶା ପୂର୍ବରୁ କରାଯାଉଥିଲା ।

ଅଧିବେଶନରେ ପ୍ରବେଶ କରିବା ପୂର୍ବରୁ ବିରୋଧୀ ଦଳ ନେତା ଆତିଶୀ କହିଥିଲେ ଯେ ଦିଲ୍ଲୀବାସୀ ଗତ ଚ଼ାରି ମାସ ଧରି ଗୁରୁତର ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି । ସେ ଅଭିଯୋଗ (ଶେଷ ପୃଷ୍ଠା ଦେଖନ୍ତୁ)

## ଦୁଇ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ



**ବାରିପଦା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଲାଞ୍ଚ ନେଇ ପୁଣି ଧରାପଡ଼ିଛନ୍ତି ଦୁଇ ଯନ୍ତ୍ରୀ । ଏହି ମାମଲା ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥିତ ଓଡ଼ିଶା ଲିଫ୍ଟ ଇରିଗେସନ କର୍ପୋରେଶନ (ଓଏଲଆଇସି) ଉପ-ବିଭାଗରେ କାର୍ଯ୍ୟରତ ଦୁଇ ଅଧିକାରୀଙ୍କୁ ନେଇ । ଏମାନେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଏକ ବିଲ୍ ପାସ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କଠାରୁ ୬୦,୦୦୦ ଟଙ୍କା ଲାଞ୍ଚ ନେଉଥିଲେ । ତାଙ୍କଠାରୁ ସମସ୍ତ କେମିକାଲ ବୋଳା ନୋଟ୍‌କୁ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ସହକାରୀ ନିର୍ବାହୀ ଇଞ୍ଜିନିୟର (ଏଇଇ) ହରେକୃଷ୍ଣ ସିଂ ଏବଂ ବାରିପଦାରୁ ଉଦଳାରେ ଦାୟିତ୍ୱରେ ଥିବା ଜୁନିଅର ଇଞ୍ଜିନିୟର (ଜେଇ) ସୁବ୍ରତ ମହାନ୍ତି । ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ (କେସ୍ ନମ୍ବର ୧/୨୦୨୬), ପିସି (ସଂଶୋଧନ) ଆଇନ ୨୦୧୮ର ଧାରା ୭ ଅଧୀନରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଛି । ଗିରଫ ପରେ ସିଂଙ୍କ ୨ଟି ସ୍ଥାନ ଏବଂ ମହାନ୍ତିଙ୍କ ୩ଟି ସ୍ଥାନରେ ଆୟ ବର୍ହିଭୂତ ସମ୍ପତ୍ତି (ଡିଏ) ଦୃଷ୍ଟିରୁ ଏକକାଳୀନ ଚ଼ଢ଼ାଉ ଜାରି ରହିଛି ।

ସୂଚ଼ନାଯୋଗ୍ୟ, ଠିକାଦାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୨୫ ଲକ୍ଷ ଟଙ୍କାର ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) (ଶେଷ ପୃଷ୍ଠା ଦେଖନ୍ତୁ)

## ଗଜପତିଙ୍କ ପୁଷ୍ୟାଭିଷେକ



**ପୁରୀ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ । ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀନଅରରେ ପୁଷ୍ୟାଭିଷେକ ଅନୁଷ୍ଠିତ ।

ପୁରୀ ଶ୍ରୀନଅରରେ ରୀତିନୀତି ଅନୁସାରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମଙ୍କ ଅଭିଷେକ ନୀତି ଆଧାରରେ ଗଜପତିଙ୍କ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା । ସିଂହାସନ ଆରୋହଣ କରିବା ସହ ଗଜପତିଙ୍କୁ ଅଭିଷିକ୍ତ କରାଯାଇଥିଲା । ପରମ୍ପରା ଓ ରିତୀନୀତି ଅନୁଯାୟୀ ଏହି ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା ।

## ନିଆଁଲାଗି ୪ ଛାତ୍ର ଗୁରୁତର

**ବିଷମକଟକ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଦ୍ୟାଳୟ ପରିସରରେ ପାଠ ପଢା ଚ଼ାଲିଥିଲା ବେଳେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ୪ ଜଣ ଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇଛି । ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି । ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡାସ୍ଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅପରାହ୍ନରେ ଏହି ଅଗ୍ନିକାଣ୍ଡ ଘଟିଛି ।

ସୋମବାର ଅପରାହ୍ନ ୩ଟା ସମୟରେ ବିଦ୍ୟାଳୟ କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ । ସେ ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ଲଗାଇ ଦେଇଥିଲା ବୋଲି କୁହାଯାଉଛି । ଫଳରେ ପିଲାମାନଙ୍କ ଶରୀର ଅଗ୍ନି ସଂଯୋଗ ହୋଇଥିଲା । ପିଲାମାନେ ଜଳିଯାଉଥିଲେ । ଖବର ପାଇ ବିଦ୍ୟାଳୟ ଶିକ୍ଷକମାନେ ଚ଼ାରିଜଣ ଛାତ୍ରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଚ଼ିକିତ୍ସା ନିମନ୍ତେ ନେଇଛନ୍ତି । (ଶେଷ ପୃଷ୍ଠା ଦେଖନ୍ତୁ)

## ଓଡ଼ିଶାରେ ଏସ୍-୪୦୦ ସୁଦର୍ଶନର ଗର୍ଜନ

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ସୋମବାର ଏକ ବଡ଼ ସଫଳତା ମିଳିଛି । ଓଡ଼ିଶା ଉପକୂଳସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ଏସ୍-୪୦୦ ଇଣ୍ଟରସେପ୍‌ଟର ମିଜାଇଲ୍‌ର ବ୍ୟବହାରିକ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି ।

ଅପରାହ୍ନ ୩ଟା ୪୦ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିଲା । ଆକାଶମାର୍ଗରେ ଶତ୍ରୁପକ୍ଷର ମିଜାଇଲ୍ ସଦୃଶ ଗତି କରୁଥିବା 'ବଂଶୀ' ନାମକ ଏକ ଟାର୍ଗେଟ୍ ଡ୍ରୋନ୍‌କୁ ଏସ୍-୪୦୦ ସଫଳତାର ସହ ଚ଼ିହ୍ନଟ କରି ଧ୍ୱଂଶ କରିଛି । ଏହି ପ୍ରଣାଳୀ ୪୦୦ କିଲୋମିଟର ପରିଧି ମଧ୍ୟରେ



ଶତ୍ରୁପକ୍ଷର ବିମାନ, ଡ୍ରୋନ୍, ବାଲିଷ୍ଟିକ୍ ଏବଂ କ୍ରୁଜ୍ ମିଜାଇଲ୍‌କୁ ଚ଼ିହ୍ନଟ କରି ନିପାତ କରିବାରେ ସକ୍ଷମ । ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଭାରତୀୟ ସେନା ଦ୍ୱାରା କରାଯାଇଥିବା 'ଅପରେସନ ସିନ୍ଦୂର'ରେ ଏସ୍-୪୦୦ ଇଣ୍ଟରସେପ୍‌ଟର ସିଷ୍ଟମ ବ୍ୟବହୃତ ହୋଇ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ରୁଷିଆ ଓ ଭାରତ ଭଳି ଦେଶ ପାଇଁ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ୍ ବର୍ତ୍ତମାନ ପ୍ରତିରକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି । ଏହି ପରୀକ୍ଷଣ ପରେ ଭାରତର ଆକାଶମାର୍ଗ ସୁରକ୍ଷା ବଳୟ ଆହୁରି ସୁଦୃଢ଼ ହୋଇଛି । ଭାରତୀୟ ବାୟୁସେନାରେ ଏହାର ନିୟମିତ ବ୍ୟବହାର ଶତ୍ରୁ ଶିବିରରେ ଭୟ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

## ଘନ କୁହୁଡ଼ି ନେଇ ଆଇଏମଡିର ସତର୍କ ସୂଚନା

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ଆହୁରି ୫ଦିନ ଘନ କୁହୁଡ଼ି ଅନୁଭୂତ ହେବ । ଏଥିନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସତର୍କ ସୂଚ଼ନା ଜାରି କରାଯାଇଛି । ଆଇଏମଡି ପକ୍ଷରୁ କୁହାଯାଇଛି, ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଘନ କୁହୁଡ଼ି ଏବଂ ଥଣ୍ଡା ଅନୁଭୂତ ହେବା ଜାରି ରହିଛି । ରାଜ୍ୟର ସାତୋଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି ।

ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ବରଗଡ଼ରେ ତାପମାତ୍ରା ସର୍ବାଧିକ ୨୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୨୭.୮ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ୧୬.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

ସେହିପରି କଟକରେ ସର୍ବାଧିକ ତାପମାତ୍ରା ୨୫.୬ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ୧୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ପବନ ବହିବା ଫଳରେ ଥଣ୍ଡା ପ୍ରକୋପ ବୃଦ୍ଧି ପାଇଛି ।

ରାଜ୍ୟର ପାହାଡିଆ ଅଞ୍ଚଳଗୁଡ଼ିକ ଅଧିକ ଥଣ୍ଡା ଅନୁଭୂତ ହୋଇଛି । ଦାରିଙ୍ଗବାଡିରେ ରାତିର ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି । ବୌଦ୍ଧରେ ଘନ କୁହୁଡ଼ି ଦେଖାଯାଇଥିଲା ଯାହା ଦୃଶ୍ୟମାନତାକୁ ୫୦ ମିଟରରୁ କମ୍ କରିଦେଇଥିଲା ।

ଏହା ବ୍ୟତୀତ, ବଲାଙ୍ଗୀର, କୋରାପୁଟ ଏବଂ ଫୁଲବାଣୀରେ ୫୦-୨୦୦ ମିଟର ଦୃଶ୍ୟମାନ୍ୟତା ଥିବା ଘନ କୁହୁଡ଼ି ଦେଖାଯାଇଥିଲା । ଅପରପକ୍ଷରେ ସୋନପୁର, ଭବାନୀପାଟଣା, ପାରଳାଖେମୁଣ୍ଡି ଏବଂ ଜୟପୁରରେ ୨୦୦-୫୦୦ ମିଟର ଦୃଶ୍ୟମାନ୍ୟତା ଥିବା ମଧ୍ୟମ କୁହୁଡ଼ି ଦେଖାଯାଇଥିଲା । ସେହିପରି ଗୋପାଳପୁର, ବାରିପଦା, ସମ୍ବଲପୁର, ହୀରାକୁଦ ଏବଂ ରାଉରକେଲାରେ ୫୦୦ରୁ ୧୦୦୦ ମିଟର ଦୃଶ୍ୟମାନ୍ୟତା ଥିବା ହାଲୁକା କୁହୁଡ଼ି ଦେଖାଯାଇଥିଲା ।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପାଞ୍ଚ ଦିନିଆ କୁହୁଡ଼ି ସତର୍କ ସୂଚ଼ନା (ଶେଷ ପୃଷ୍ଠା ଦେଖନ୍ତୁ)

## ପ୍ରମିଳା ମଲ୍ଲିକଙ୍କ ଘରେ ଯାଜପୁର ନେତାଏ ଏକାଠି !

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ଉପସଭାପତି ପ୍ରମିଳା ମଲ୍ଲିକଙ୍କ ଘରେ ଯାଜପୁର ନେତାଏ ଏକାଠି ହୋଇଛନ୍ତି । ତାଙ୍କ ସରକାରୀ ବାସଭବନରେ ବିଜେଡି ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଏବଂ ଯାଜପୁର ଜିଲ୍ଲା ସଭାପତି ଏକାଠି ହୋଇ ଚର୍ଚ୍ଚା କରୁଥିବା ଦେଖାଯାଇଛି । ଯାଜପୁର ବିଜେଡି ସଂଗଠନକୁ ନେଇ ବୈଠକରେ ବିଭିନ୍ନ ପ୍ରସଂଗ ଉପରେ ମାନସ ମନ୍ଥନ ହୋଇଛି । ଏଥିନେଇ ପ୍ରମିଳା ମଲ୍ଲିକ କହିଛନ୍ତି, ଯାଜପୁରରେ ବିଜେଡି ସଂଗଠନ ଦୁର୍ବଳ ହୋଇନାହିଁ । ଗଣମାଧ୍ୟମରେ ଯାହା କିଛି ଗୁଜବ ହେଉଛି ।

ଶ୍ରୀମତୀ ମଲ୍ଲିକ କହିଛନ୍ତି, ଯାଜପୁର ଜିଲ୍ଲା ସଂଗଠନକୁ ନେଇ ସବୁବେଳେ ବୈଠକ ହୁଏ, ଏହା ସାଧାରଣ କଥା । ବିଜୁ ଜନତା ଦଳର ସଂଗଠନ ସୁଦୃଢ଼ କରିବାକୁ ଆଲୋଚ଼ନା ହୋଇଛି । ଯାଜପୁରରେ ବିଜେଡି ନେତାଙ୍କ କୌଣସି ମେଳି ହୋଇନାହିଁ । ଜିଲ୍ଲାର ବିଧାୟକ, ପୂର୍ବତନ ବିଧାୟକ, ସାଂସଦ ବସିକି ସଂଗଠନକୁ କିଭଳି ଭାବେ ସୁଦୃଢ଼ କରାଯିବ ସେ କଥା ଆମେ ଆଲୋଚ଼ନା କରୁଛୁ । ପ୍ରତି ଥର ବସୁ, ଆଲୋଚ଼ନା କରୁ, ଏଥିରେ ମେଳି କ'ଣ ? ମେଳି କିଏ କାହାର ବିରୋଧରେ କରୁଛି । କେହିତ ମେଳି କରୁନାହାନ୍ତି । ଦଳ ସପକ୍ଷରେ ଗଠନ ପାଇଁ ଆଲୋଚ଼ନା କରୁଥିଲୁ । ଯାଜପୁର ଜିଲ୍ଲାର ଯୁବ ନେତା କିଏ ହେବ ? ଛାତ୍ର ନେତା କିଏ ହେବ ? କୃଷକ ସଭାପତି କିଏ ହେବ ? ମହିଳା ସଭାପତି କିଏ ହେବ ? ଯାଜପୁର ନେତା ବସି ବିସ୍ତୃତ ଆଲୋଚ଼ନା କରିଛୁ ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି ।

ଏହି ବୈଠକରେ ଯାଜପୁର ଜିଲ୍ଲା ବିଜେଡି (ଶେଷ ପୃଷ୍ଠା ଦେଖନ୍ତୁ)

## ଦେବ୍ରିଗଡ଼କୁ ଆସିବେ ଦୁଇ ନୂଆ ବାଘ

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦେବ୍ରିଗଡ଼କୁ ଆସିବେ ୨ ନୂଆ ବାଘ । ନ୍ୟାସନାଲ ଟାଇଗର କନଜରଭେସନ ସହ ଆମେ ଯୋଗାଯୋଗରେ ଅଛୁ । ଭବିଷ୍ୟତରେ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି ସୂଚ଼ନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭବିଷ୍ୟତରେ ଦେବ୍ରିଗଡ଼କୁ ୨ଟି ବାଘ ଆଣିବା ପାଇଁ ଯୋଜନା ଅଛି । ନ୍ୟାସନାଲ ଟାଇଗର କନଜରଭେସନ ସହ ଆମେ ଯୋଗାଯୋଗରେ ଅଛୁ । ମାତ୍ର ଦେବ୍ରିଗଡ଼ରେ ବ୍ୟାଘ୍ର ଆଣିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର । (ଶେଷ ପୃଷ୍ଠା ଦେଖନ୍ତୁ)

# ବିଡିଓଙ୍କ ଆକ୍ରମଣକାରୀ ବିଜେପି ନେତାଙ୍କୁ ଗିରଫ ଦାବିରେ ବିଜେଡ଼ି ଅଟଳ

**କେନ୍ଦ୍ରାପଡ଼ା/ରାଜନଗର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବିଡିଓ ତିଲୋତମା ପୃଷ୍ଟିଙ୍କୁ ବିଜେପି ନେତା ଓ କର୍ମୀଙ୍କ ସଂଘବଦ୍ଧ ଆକ୍ରମଣ ଘଟଣାରେ ବିଜେଡି ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଛି । ଏପରିକି ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ସହିତ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି । ଫଳରେ ପ୍ରଶାସନିକ କାର୍ଯ୍ୟକ୍ରମ ଠପ ହୋଇଯାଇଛି । ସୋମବାର ସକାଳ ପ୍ରାୟ ୯ଟାରେ ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ନେତୃତ୍ୱରେ ବ୍ଲକ ବିଜେଡି ସଭାପତି ନିରଂଜନ ରାଉତ, ସରଂପଚ ସଂଘ ସଭାପତି ଅଶୋକକୁମାର ମହାନ୍ତି, ଉପାଧକ୍ଷ ଗଣେଷଚନ୍ଦ୍ର ଗୁଡିଆ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ଓ ସୟ ସ୍ୱାଇଁ ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଅଁର, ସରଂପଚ ଶଶ୍ମିତା ମହାନ୍ତି, ବିଣାପାଣୀ ପ୍ରଧାନ, ରାଣୀମଂଜରୀ ସେଠୀ, ସମୀର ସେଠୀ, ଶୈଳେନ୍ଦ୍ର ମିଶ୍ର, ଚିତରଂଜନ ପଣ୍ଡା, ପ୍ରସନ୍ନ ପରିଡା ପ୍ରମୁଖଙ୍କ ସହ ବିଜେଡି ନେତା କୈଳାସ ପରିଡା, ବିଜୟ ନାୟକ, ଗୋବର୍ଦ୍ଧନ ପ୍ରଧାନ, ଦେବେନ୍ଦ୍ର ଜେନା, ରଂଜନ ମହାନ୍ତି, ମୋହନ ଦାସ, ପାରେଶ୍ୱର ନାୟକ ପ୍ରମୁଖ ଦଳୀୟ ନେତା ଓ ଅନେକ କର୍ମୀ ଧାରଣାରେ ବସିଥିଲେ । ମୁଖ୍ୟମନ୍ତ୍ରୀ ଓ ବିଜେପି ନେତାଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ । ବ୍ଲକ ପ୍ରଶାସନ ସଂପୂର୍ଣ୍ଣ ଅଚଳ ହୋଇଯିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଧାରଣାସ୍ଥଳରେ ପହଂଚି ଆଲୋଚନା କରିଥିଲେ । ଆନ୍ଦୋଳନକାରୀ ବିଜେଡି ନେତାମାନେ ବିଡିଓଙ୍କୁ ଆକ୍ରମଣ କରିଥିବା ବିଜେପି ନେତା ଲଳିତକୁମାର ବେହେରାଙ୍କ ସମେତ ୩୦ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଜିଦ ଧରିଥିଲେ । ଏହାପରେ ତହସିଲଦାର ଜିଲ୍ଲା ପ୍ରଶାସନକୁ ଘଟଣା ସଂପର୍କରେ ଅବଗତ କରାଇବା ପରେ ପ୍ରଥମେ ଉପଜିଲ୍ଲାପାଳ ଅରୁଣକୁମାର ନାୟକ ଓ ପରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ବ୍ଲକ କାର୍ଯ୍ୟାଳୟରେ ପହଂଚିଥିଲେ । ପଚାଂୟତ ସମିତି ଅଧକ୍ଷା ଶ୍ରୀମତୀ ପାତ୍ର, ଉପାଧକ୍ଷ ଶ୍ରୀ ଗୁଡିଆ, ସରଂପଚ ସଂଘ ସଭାପତି ଶ୍ରୀ ମହାନ୍ତି ପ୍ରମୁଖଙ୍କ ସହ ଆଲୋଚନାରେ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ତାଲା ଖୋଲି ଆଲୋଚନା

▶ ବ୍ଲକ ଅଫିସ୍‌ରେ ତାଲା
▶ ଧାରଣାରେ ନେତା
▶ ଅଧିକାରୀ ଅସହାୟ

କରିବାକୁ କୁହାଯାଇଥିଲା । ମାତ୍ର ଆନ୍ଦୋଳନକାରୀମାନଙ୍କର ଗୋଟିଏ ଜିଦ୍ ରେ ଅଟଳ ରହିବା ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି ରୋକଠୋକ୍ ଜଣାଇଦେଇଥିଲେ । ଯାହାଫଳରେ କୌଣସି ନିଷ୍କର୍ଷ ବାହାରିନଥିଲା । ଫଳରେ ଜଣେ ମହିଳା ବିଡ଼ିଓଙ୍କ ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନପାରି ହାତବାନ୍ଧି ବସିଥିବା ଜିଲ୍ଲାର ପ୍ରଶାସନର ଅଧିକାରୀ ମାନେ ଅସହାୟ ହୋଇ ଫେରିଯାଇଥିଲେ । ସନ୍ଧ୍ୟାରେ ବିଜେଡ଼ି ନେତା ଓ କର୍ମୀମାନେ ଆଜିର ଗଣଧାରଣା କୁ ସ୍ଥଗିତ ରଖିଥିବାବେଳେ ମଙ୍ଗଳବାର ପୁନର୍ବାର ଧାରଣା ଚାଲୁ ରହିବ ବୋଲି ବ୍ଲକ ବିଜେଡି ସଭାପତି ଶ୍ରୀ ରାଉତ ଘୋଷଣା କରିଛନ୍ତି । ଅପରପକ୍ଷରେରାଜ୍ୟ ବିଜେଡ଼ି ଏହି ଘଟଣାକୁ ଗୁରୁତର ସହ ନେଇ ଆଜି କାର୍ଯ୍ୟାନୁଷ୍ଠାନ ଦାବିରେ ପୋଲିସ ଡ଼ିଜିଙ୍କୁ ଭେଟିଥିବାବେଳେ ସାମ୍ବାଦିକ ସମ୍ମିଳନୀ କରି ଏହି ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିଛି । ଖୋଦ୍ ଶାସକ ଦଳ ନେତାଙ୍କ ପାଇଁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବପର୍ଯ୍ୟସ୍ତ ହୋଇପଡ଼ିଥିବାର ଏହା ଏକ ଜ୍ୱଳନ୍ତ ନମୁନା ବୋଲି ଦଳ ପକ୍ଷରୁ କୁହାଯାଇଛି । ପ୍ରକାଶଯୋଗ୍ୟଯେ, ଗତ୨ତାରିଖ ଦିନ ପ୍ରାୟ ୧୧ଟା ସମୟରେ ବିଜେପି ନେତା ଲଳିତ ବେହେରାଙ୍କ କିଛି ସରଂପଚ, ସମିତି ସଭ୍ୟ ଓ ଦଳୀୟ କର୍ମୀଙ୍କୁ ଧରି ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ପ୍ରକଳ୍ପକାମ ସଂପର୍କରେ ଆଲୋଚନା କରିବା ସହିତ କେବଳ ବିଜେପି ଲୋକଙ୍କ କାମ କରିବାକୁ ଧମକଦେଇଥିଲେ । ମାତ୍ର ମହିଳା ବିଡିଓ ଜଣକ ଏଭଳି କଥାକୁ ଗୁରୁତ୍ୱ ନଦେଇ କମ୍ପୁଟରରେ ନିଜର କାମ କରିଚାଲିଥିଲେ । ଫଳରେ ଲଳିତ ଉତ୍ତେଜିତ ହୋଇ ବିଡ଼ିଓଙ୍କ କମ୍ପୁଟରର ମନିଟରକୁ ଘୋଷାଡ଼ି ଆଣି ବିଡ଼ିଓଙ୍କୁ ଲକ୍ଷ୍ୟ କରି ତାଙ୍କ ଉପରକୁ ଫୋପାଡ଼ିବାକୁ ଉଦ୍ୟମ କରିଥିଲେ । ସୌଭାଗ୍ୟକୁ ମନିଟର ଉଠାଇ ଫିଙ୍ଗିବା ସମୟରେ କିଛି ଦଳୀୟ ନେତା ଓ କର୍ମୀମାନେ ଧରି ନେଇଯିବାରୁ ବିଚରା ମହିଳା ବିଡ଼ିଓ ଜଣକ କୌଣସି ଶାରରୀକ କ୍ଷତିରୁ ବଂଚି ଯାଇଥିଲେ । ତେବେ ତାଙ୍କ ପ୍ରତି ଏଭଳି ଆଚରଣ ଓ ଆର୍କମଣ ଘଟଣା ରେ ସେ ଭାଙ୍ଗିପଡ଼ିବା ସହିତ ଜିଲ୍ଲାପାଳଙ୍କୁ ସବୁ ଜଣାଇ ଛୁଟିରେ ଚାଲିଯାଇଥିଲେ । ଯାହାକୁ ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ନିର୍ବାଚନରେ ହାରିଥିବା ଜଣେ ଲୋକ ଯଦିଓଏଏସ ଅଧିକାରୀ ବିଡ଼ିଓଙ୍କୁ ଆକ୍ରମଣ କରିବାକୁ କୁଣ୍ଠାବୋଧ କରୁନାହାନ୍ତି ତେବେ ସେ ଜିତିଥିଲେ ଆଇଏଏସ ଅଧିକାରୀଙ୍କ ପ୍ରତି ବି ଏଭଳି ବ୍ୟବହାର କରିନଥାନ୍ତେ ତାହା କୁହାଯାଇନପାରେ ବୋଲି ଚାରିଆଡ଼େ ଚର୍ଚ୍ଚା ହୋଇ ଆସୁଛି । ଏହି ଘଟଣାକୁ ନେଇ ବିରୋଧି ବିଜେଡି ସମର୍ଥୀତ ସରଂପଚ, ସମିତି ସଭ୍ୟ ଓ ନେତାମାନେଅରାଜକତା ସୃଷ୍ଟିକାରୀ ଅଭିଯୁକ୍ତମାନଙ୍କୁ ଗିରଫ ଦାବିକୁ ଜୋରଦାର କରିଛନ୍ତି । ଘଟଣା ଦିନ ହିଁ ରାସ୍ତାରୋକ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ । ଏହି ଘଟଣାରେ ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ବିଜେପି ନେତା ଶ୍ରୀ ବେହେରାଙ୍କ ସହ ୩୦ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ବିଏନଏସ ଦଫା- ୨୨୧/ ୧୩୨/ ୨୯୬/ ୧୧୫(୨)/୩୫୧(୨)/ ୩୫ ରେ ଏକ ମାମଲା(ନଂ- ୩/ ୨୫) ରୁଜୁ କରିଥିଲେ ମଧ୍ୟ ହାତବାନ୍ଧି ବସିଥିବା ଦେଖାଯାଇଛି ।

# ଭାରସ୍ୟାମ ହରାଇ ବାଇକ୍ ଦୁର୍ଘଟଣା ଗ୍ରସ୍ତ, ଦୁଇ ଗୁରୁତର

**ନାଉଗାଁ: ଏକ୍ସପ୍ରେସ ନ୍ୟୁଜ୍**

ନାଉଗାଁ ଥାନା ଅଧିନ ଗୋଠଦା ନିକଟରେ ବାଇକ୍ ଭାରସ୍ୟାମ ହରାଇ, ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଅଜା ୮୨ ବର୍ଷୀୟ ମଙ୍ଗୁଳି ସାସମଲ, ନାତି ଆୟୁଷ୍ମାନ ସାହୁ ଗୁରୁତର ଥିବାବେଳେ ଝିଅ ତୃପ୍ତିରାଣୀ ସାହୁ ଅଳ୍ପକେ ଆହତ ହୋଇଥିବାର ଜଣାଯାଇଛି। ତେବେ ନାତି ନିଜ ମାମୁଁ ଘର ଦହୀପାଳରୁ ଅଜା ଓ ମା'କୁ ନେଇ ନିଜ ବାଇକି ଯୋଗେ ନାଉଗାଁ ବଜାର ଅଭିମୁଖେ ଯାଉଥିବା ସମୟରେ ବାଇକିଟି ଗୋଠଦା ନିକଟରେ ଭାରସ୍ୟାମ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ସେଠାରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯିବା ପରେ ଗୁରୁତର ଥିବା ଅଜା ଓ ନାତିକୁ କଟକ ସ୍ଥାନାତରିତ କରାଯାଇଥିବାର ସୂଚନା ମିଳିଛି। ଅନ୍ୟପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ଠିକାଦାର ନିଯୁକ୍ତି କରାଯାଇ ଥିବାବେଳେ, ଦୀର୍ଘ ଦିନ ଧରି ଅବଧି ସାରିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ନହେବାରୁ ବିଭିନ୍ନ ସ୍ଥାନରେ ଖାଲଖମା ଓ ଗୋଡି ଉଠିବା ଫଳରେ ଏପରି ଦୁର୍ଘଟଣା ବିଭିନ୍ନ ସମୟରେ ହେଉଥିବା ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ଜାନୁଆରୀ ୨୦୨୬। ମଙ୍ଗଳବାର




# ଗୋପରୁ ହଟିଲେ ଜବରଦଖଲକାରୀ



**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘ ବର୍ଷଧରି ଗୋପରେ ଜବରଦଖଲକାରୀଙ୍କ କବଳରୁ ମୁକ୍ତ ହେଉଛି ସରକାରୀ ଜମି। କଟକ ଭାୟା ନିଆଳି ଓ ଚାରିଛକରୁ ଗୋପ ଦେଇ ପୁରୀ, ନିମାପଡା ଠାରୁ କୋଣାର୍କର ମୁଖ୍ୟ ସଂଯୋଗକାରୀ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘଦିନ ଧରି ଚାଲିଥିବା ଅବୈଧ ଜବରଦଖଲ ବିରୁଦ୍ଧରେ ଏକ ବଡ଼ ଅଭିଯାନରେ ଗୋପ ପ୍ରଶାସନ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୋପ ବଜାର ଅଞ୍ଚଳରେ, ସରକାରୀ ଜମିରେ ବେଆଇନ ଭାବରେ ନିର୍ମିତ ୧୨ଟି କୋଠା ଏବଂ ବାଣିଜ୍ୟିକ ନିର୍ମାଣ ପାଇଁ ଗଡି ଉଠିଥିବା ଘର ଉପରେ ବୁଲଡୋଜର ବ୍ୟବହାର କରି ଭାଗାଯାଇଛି। ସରକାରୀ ରେକର୍ଡ, ଜମି ମାନଚିତ୍ର ଏବଂ ପୂର୍ବରୁ ଜାରି ହୋଇଥିବା ନୋଟିସକୁ ଆଧାର କରି ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ଅଭିଯାନ କରାଯାଇଥିଲା। ପ୍ରଶାସନିକ ସୂତ୍ର ଅନୁଯାୟୀ, ରାସ୍ତା କଡ଼ରେ ଅନଧିକୃତ ନିର୍ମାଣ ଦୀର୍ଘ ଦିନ ଧରି ଅଞ୍ଚଳରେ ଲଗାତାର ଟ୍ରାଫିକ୍ ଜାମ୍ ଏବଂ ଅସୁବିଧା ସୃଷ୍ଟି କରୁଥିଲା। ଗୋପ ବଜାର ପୁରୀ-କଟକ ଏବଂ କୋଣାର୍କ-ଭୁବନେଶ୍ୱର ରାସ୍ତାର ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍କସନ ହୋଇଥିବାରୁ, ରାସ୍ତା ସଂକୀର୍ଣ୍ଣ ହେବାରୁ ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ନିତିଦିନିଆ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲା। ଏହି ଅଭିଯାନ ସକାଳ ୭:୦୦ ଟାରୁ ଆରମ୍ଭ ହୋଇ ଅପରାହ୍ଣ ପର୍ଯ୍ୟନ୍ତ ଜାରି ରହିଥିଲା। କୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ, ପୁରୀ ଜିଲ୍ଲା ପୋଲିସର ପକ୍ଷରୁ ୬ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯାଇଥିଲା। ଭଙ୍ଗାଯାଇଥିବା ନିର୍ମାଣଗୁଡ଼ିକରେ ହୋଟେଲ, ଭୋଜନାଳୟ, ଘର ଏବଂ ଛୋଟ ବାଣିଜ୍ୟିକ ଦୋକାନ ଅନ୍ତର୍ଭୁକ୍ତ ବୋଲି ଜଣାପଡିଛି। ଉଚ୍ଛେଦ ପ୍ରକ୍ରିୟା ସମ୍ପର୍କ ଗୋପର ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ କହିଛନ୍ତି, 'ସରକାରୀ ଜମିକୁ ସୁରକ୍ଷା ଦେବା ଏବଂ ପ୍ରସ୍ତାବିତ ରାସ୍ତା ପ୍ରଶସ୍ତୀକରଣକୁ ସହଜ କରିବା ପାଇଁ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଏହି ଉଚ୍ଛେଦ ଅଭିଯାନ କରାଯାଇଛି। ସମ୍ପୃକ୍ତ ପକ୍ଷମାନଙ୍କୁ ପୂର୍ବରୁ ନୋଟିସ୍ ଜାରି କରାଯାଇଥିଲା।' ପ୍ରଶାସନିକ ସୂତ୍ରଗୁଡ଼ିକ ଆହୁରି ସୂଚନା ଦେଇଛନ୍ତି ଯେ ପୁରୀ-କଟକ ରାସ୍ତାକୁ ଚାରି ଲେନ୍ କରିଡରରେ ପ୍ରଶସ୍ତ କରିବା ପ୍ରସ୍ତାବର ଅଂଶ ଭାବରେ ସମାନ ଉଚ୍ଛେଦ କାର୍ଯ୍ୟ କରାଯାଉଛି। ସମ୍ପୂର୍ଣ୍ଣ ହେବା ପରେ, ପ୍ରକଳ୍ପଟି ଟ୍ରାଫିକ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଏବଂ ପର୍ଯ୍ୟଟନ ଏବଂ ବାଣିଜ୍ୟିକ କାର୍ଯ୍ୟକଳାପକୁ ନୂତନ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଉଚ୍ଛେଦ ସମୟରେ ଗୋପର ତହସିଲଦାର, ଅତିରିକ୍ତ ତହସିଲଦାର, ନିମାପଡାର ଏସଡିପିଓ, ଗୋପ ଥାନାର ଭାରପ୍ରାପ୍ତ ଅଧିକାରୀ, ଗୋପର ଆରଆଇ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଗୋପର ବିକାଶ ନିମନ୍ତେ ଅବଶ୍ୟକୀୟ ବନ୍ଦୋବସ୍ତକୁ ସହଜରେ ଉପଲବ୍ଧ କରାଇବାପାଇଁ ଗୋପ ସୁରକ୍ଷା ମଞ୍ଚର ସଭାପତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଆଗାମୀ ଦିନରେ ହାଇକୋର୍ଟରେ ବିଚାରାଧୀନ ଥିବା ବା ସ୍ଥଗିତ ଥିବା ଏକ ଏକର ୩୨ ଡ଼ିସିମିଲ ଉପରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ତହସିଲଦାର ଶ୍ରୀଯୁକ୍ତ ଦାଶ କହିଛନ୍ତି।

# ଗମନାଗମନର ବିକାଶରେ ଅର୍ଥ ସାଜିବ ନାହିଁ ବାଧକ: ମନ୍ତ୍ରୀ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



ଦୀର୍ଘଦିନ ଧରି ଗମନାଗମନ ସମସ୍ୟାରେ ଜର୍ଜରିତ ସୁକିନ୍ଦା ଅଞ୍ଚଳ ପାଇଁ ଆସିଛି ଆଶାର ନୂଆ ସକାଳ। ସୁକିନ୍ଦାର ସାମଗ୍ରିକ ବିକାଶକୁ ନୂଆ ଦିଗ ଦେବା ପାଇଁ ଗମନାଗମନ ବ୍ୟବସ୍ଥାର ସୁଦୃଢ଼ତାକୁ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି ଏବଂ ଏହି କ୍ଷେତ୍ରରେ କୌଣସି ଅର୍ଥ ବାଧା ସାଜିବ ନାହିଁ ବୋଲି ସ୍ପଷ୍ଟ କହିଛନ୍ତି ଓଡିଶା ସରକାରଙ୍କ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ସୁକିନ୍ଦା ଅଞ୍ଚଳର ବିକାଶ ଧାରାକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟରେ ଆଜି ଆମ୍ଭୋଳବା ଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏହି ରାସ୍ତା ସୁଧାର କାର୍ଯ୍ୟ ସମ୍ପନ୍ନ ହେଲେ ସୁକିନ୍ଦା, କଳିଙ୍ଗନଗର ଓ ପାଶ୍ୱର୍ତ୍ତୀ ଅଞ୍ଚଳମାନଙ୍କ ସହିତ ଯୋଗାଯୋଗ ଅଧିକ ସୁଗମ ହେବ। ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ, 'ଗମନାଗମନ ହେଉଛି ବିକାଶର ମେରୁଦଣ୍ଡ। ଭଲ ରାସ୍ତା ଥିଲେ ଗ୍ରାମ ଓ ସହର ମଧ୍ୟରେ ଦୂରତା କମିଥାଏ। ସୁକିନ୍ଦାର ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ଓ ଶିଳ୍ପ ବିକାଶ ପାଇଁ ଗମନାଗମନର ଉନ୍ନତି ଅତ୍ୟାବଶ୍ୟକ।' ସେ ଆହୁରି କହିଥିଲେ ଦୀର୍ଘଦିନ ଧରି ଭାଙ୍ଗି ଯାଇଥିବା ରାସ୍ତା, ବର୍ଷା ଦିନରେ ଅଚଳ ହୋଇପଡୁଥିବା ଯୋଗାଯୋଗ ବ୍ୟବସ୍ଥା ଓ ଦୁର୍ଘଟଣା ଆଶଙ୍କାକୁ ଦୃଷ୍ଟିରେ ରଖି ସରକାର ଯୋଜନାବଦ୍ଧ ଭାବରେ ରାସ୍ତା ଉନ୍ନତି କାର୍ଯ୍ୟ ହାତକୁ ନେଇଛନ୍ତି। ଆବଶ୍ୟକ ହେଲେ ଅଧିକ ଅର୍ଥ ବିନିଯୋଗ କରାଯିବ, କିନ୍ତୁ ବିକାଶ କାମ ଅଟକିବ ନାହିଁ।

ଏହି ପ୍ରକଳ୍ପ ଦ୍ୱାରା ସୁକିନ୍ଦା ଅଞ୍ଚଳର ଲୋକମାନେ ଦୀର୍ଘଦିନ ଧରି ଯାହା ପାଇଁ ଦାବି କରୁଥିଲେ ସେଇ ଗମନାଗମନ ସମସ୍ୟାର ସମାଧାନ ହେବ। ବୃଦ୍ଧ, ରୋଗୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ଓ କଲେଜ ଡାକ୍ତରଖାନା ଯାତାୟାତ ସହଜ ହେବ, ରୋଗୀମାନେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚିପାରିବେ ଏବଂ ବ୍ୟବସାୟୀମାନେ ନିଜ ଉତ୍ପାଦ ବଜାରକୁ ନେବାରେ ଆରାମ ପାଇବେ। ସାମଗ୍ରିକ ଭାବେ, ଆମ୍ଭୋଳବା-ମଙ୍ଗଳପୁର ରାସ୍ତା ଉନ୍ନତି ପ୍ରକଳ୍ପ ସୁକିନ୍ଦାର ବିକାଶ ଯାତ୍ରାରେ ଏକ ମାଇଲଷ୍ଟୋନ୍ ସାବିତ ହେବ ବୋଲି ଅଞ୍ଚଳବାସୀ ଆଶା ବ୍ୟକ୍ତ କରୁଛନ୍ତି।



ଅଷ୍ଟ୍ରିଆ ରାଜଧାନୀ ଭିଏନାରେ ଅନୁଷ୍ଠିତ ଆନ୍ତର୍ଜାତିକ ସମବାୟ ସମ୍ମିଳନୀରେ ଭାଗ ନେଇ ଫେରିବାପରେ ଜନଚେତନା ବହୁମୁଖୀ ସମବାୟ ସମିତିର ବୋର୍ଡ ମିଟିଂରେ ସମିତିର ସଭାପତି ଅମ୍ବିକା ପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମିତିର ନିର୍ଦ୍ଦେଶକ ହେମନ୍ତ କୁମାର ଜେନା, ଗଣେଶ୍ୱର ସାହୁ ଓ ହିରଣ୍ୟ ପଣ୍ଡା ପ୍ରମୁଖ।

# ସିଆରଆରଆଇ ଥାନାଧିକାରୀ ନିଲମ୍ବିତ

**କଟକ: ଏକ୍ସପ୍ରେସ ନ୍ୟୁଜ୍**

ନିଲମ୍ବିତ ହେଲେ ସିଆରଆରଆଇ ଥାନା ଆଇଆଇସି ବିଜୟ ବାରିକ। ବିଜୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଲେ ପୋଲିସ ଡିଜି। ୪୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ। ଲାଞ୍ଚ କାରବାରରେ ସଂପୃକ୍ତ ପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନିଲମ୍ବନ ସମୟରେ ପୋଲିସ କମିଶନରଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବିଜୟ।

ଭିଜିଲାନ୍ସ ଲାଞ୍ଚ ମାମଲାରେ ଗିରଫ ହେବା ପରେ ସୋମବାର କଟକ ସହରର ସିଆରଆରଆଇ ପୋଲିସ ଷ୍ଟେସନର ଇନସପେକ୍ଟର-ଇନଚାର୍ଜ ବିଜୟ କୁମାର ବାରିକଙ୍କ ବିରୋଧରେ ଓଡ଼ିଶା ଡିଜିପି ୱାଇବି ଖୁରାନିଆ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ତାଙ୍କୁ ନିଲମ୍ବନ କରିଛନ୍ତି।

ଓଡିଶା ପୋଲିସ ରାଜ୍ୟ ମୁଖ୍ୟାଳୟ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଡିଜିପି ବାରିକଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବିତ କରିଛନ୍ତି ଏବଂ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ତାଙ୍କ ନିଲମ୍ବନ ଅବଧି ମଧ୍ୟରେ ଭୁବନେଶ୍ୱର-କଟକ ପୋଲିସ କମିଶନରଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ। ଏଠାରେ ଉଲ୍ଲେଖନୀୟ ଯେ ସିଆରଆରଆଇ ପୋଲିସ ଷ୍ଟେସନର ଆଇଆଇସିଙ୍କୁ ତାଙ୍କର ବ୍ୟବସାୟ ସୁରୁଖୁରୁରେ କରିବା ପାଇଁ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଥିଲେ। ପ୍ରେସ୍ ବିଜ୍ଞପ୍ତିରେ ଆହୁରି କୁହାଯାଇଛି, 'ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ, ସେ ଭୁବନେଶ୍ୱର-କଟକ, ଭୁବନେଶ୍ୱରର ପୋଲିସ କମିଶନରଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ।'

# ସାମନ୍ତ ମହୋତ୍ସବ ନେଇ ବ୍ୟାପକ ପ୍ରସ୍ତୁତି



**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ନୂତନ ମହୋତ୍ସବ ପଡିଆରେ ଚଳିତ ବର୍ଷ ଠାରୁ ପ୍ରଥମ କରି ଆୟୋଜିତ ହେବ ସାମନ୍ତ ମହୋତ୍ସବ। ଏ ପରିପ୍ରେକ୍ଷୀରେ ମହୋତ୍ସବ ପଡିଆରେ ବ୍ୟାପକ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ଖଣ୍ଡପଡ଼ା ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ଏ ନେଇ ପୁରାଦମରେ ଲାଗି ପଡିଥିବା ଜଣାପଡିଛି। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ପ୍ରଥମ କରି ଆୟୋଜିତ ହେବାକୁଯାଉଥିବା ସାମନ୍ତ ମହୋତ୍ସବ ଆସନ୍ତା ଜାନୁୟାରୀ ୨୩ରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ ବୋଲି ଜଣାପଡିଛି। ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ମହୋତ୍ସବ କମିଟିର ମୁଖ୍ୟ ଆବାହକ ଯୁବ ଆଇନଜୀବି ବିଧାନ ଚନ୍ଦ୍ର ପ୍ରଧାନ ଅହରହ ଉଦ୍ୟମ ଜାରି ରଖିଥିବା ବେଳେ ବିଭିନ୍ନ କାର୍ଯ୍ୟରେ ଖଣ୍ଡପଡ଼ା ସହରାଞ୍ଚଳର ଯୁବକମାନେ ତାଙ୍କୁ ସହଯୋଗର ହାତ ବଢାଇଥିବା ଜଣାପଡିଛି।

# ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି



**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକ ବିଡ଼ିଓ ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ତଥା ବ୍ଲକ ବିଏସଏ ସୋ ରିଙ୍କୁ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୁଚାରୁରୂପେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଅର୍ଥ କମିଟି, ପ୍ରତି ପ୍ରତିଯୋଗିତା କମିଟି, ପଡିଆ ସାଜସଜ୍ଜା କମିଟି ସାଂସ୍କୃତିକ କମିଟି ଆଦିକୁ ନିଜ ନିଜ ଦାୟିତ୍ୱ ତୁଲାଇବା ପାଇଁ ଆଲୋଚନା କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅଗସ୍ତି ବଘାର, ପ୍ରଫୁଲ୍ଲ ବଘାର ସହ ମୁରିବାହାଲ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବିପିଏମ ଡ.ଗୋପାଳକୃଷ୍ଣ ଦୀପ ଧନ୍ୟବାଦ ଦେଇଥିଲେ।

# ଭିନ୍ନକ୍ଷମଙ୍କ ଗାଡିକୁ ଧକ୍କା ଦେଲା ବାଇକ, ଦୁଇ ଗୁରୁତର

**ନିମାପଡା: ଏକ୍ସପ୍ରେସ ନ୍ୟୁଜ୍**

ଚାରିଛକ-ଗୋପ ରାସ୍ତାର ଛଣିଜଙ୍ଗ ନିକଟ ଲଙ୍କପଡା ଛକ ଠାରେ ଆଜି ଏକ ଭିନ୍ନକ୍ଷମ ଟ୍ରାୟ ସାଇକେଲ ଗାଡିକୁ ଏକ ବାଇକ ଧକ୍କା ଦେବା ଫଳରେ ବାଇକ ଆରୋହୀ ଓ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ନିଆଳୀ ଥାନା ଅନ୍ତର୍ଗତ କୁରାଙ୍ଗ ଗ୍ରାମର ଭିନ୍ନକ୍ଷମ ଦମ୍ପତି ଝରିଆ ସେଠୀ ପତ୍ନୀ ଭାସୀ ସେଠୀ ଏକ ଟ୍ରାଏ ସାଇକେଲରେ ଗୋପ ପଟୁ ଚାରିଛକ ଆସୁଥିବା ସମୟରେ ତାଙ୍କ ପଛପଟୁ ନିଆଳୀ ଥାନା ଅନ୍ତର୍ଗତ ମଥୁରୀଡିହ ଗ୍ରାମର ବାବୁନୀ ବାଲ (୨୮) ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବାଇକ ଚାଳକ ବାବୁନୀ ଓ ଟ୍ରାଏ ସାଇକେଲ ସହିତ ଆସୁଥିବା ମହିଳା ଭାସୀ ସେଠୀ (୬୫) ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି। ଘଟଣାସ୍ଥଳରେ ଚାରିଛକ ପୋଲିସ ପହଂଚି ଘଟଣାର ତଦନ୍ତ ଚଳାଇଛି।

## ବାଣିଜ୍ୟ

# ତୈଳ ମୂଲ୍ୟ ଉପରେ ଭେନେଜୁଏଲା ସଙ୍କଟର ପ୍ରଭାବ ନାହିଁ'

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆମେରିକା-ଭେନେଜୁଏଲାର ସାମ୍ପ୍ରତିକ ଘଟଣାକ୍ରମ ଉପରେ ପ୍ରତିକ୍ରିୟା ଦେଇ ବିଶେଷଜ୍ଞମାନେ କହିଛନ୍ତି ଯେ ଭେନେଜୁଏଲା ସହିତ ଜଡିତ ବର୍ତ୍ତମାନର ସଙ୍କଟ ବିଶ୍ୱ ସୁନା, ରୂପା ଏବଂ ଅଶୋଧିତ ତୈଳ ମୂଲ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାର ସମ୍ଭାବନା ନାହିଁ, କାରଣ ଦେଶ ପୂର୍ବରୁ ଅନେକ ବର୍ଷ ଧରି ପ୍ରତିବନ୍ଧକ ଅଧୀନରେ ଅଛି ଏବଂ ଆନୁଷ୍ଠାନିକ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଏହାର ସୀମିତ ଭୂମିକା ରହିଛି।

ବ୍ୟାଙ୍କିଙ୍ଗ ଏବଂ ବଜାର ବିଶେଷଜ୍ଞ ଅଜୟ ବାଗା କହିଛନ୍ତି ଯେ ଦୀର୍ଘକାଳୀନ ପ୍ରତିବନ୍ଧକ ଯୋଗୁଁ ଗତ ଦଶନ୍ଧି ମଧ୍ୟରେ ବିଶ୍ୱ ବ୍ୟବସ୍ଥାରେ ଭେନେଜୁଏଲାର ଅର୍ଥନୈତିକ ଗୁରୁତ୍ୱ ଦ୍ରୁତ ଭାବରେ ହ୍ରାସ ପାଇଛି।

ସେ କହିଛନ୍ତି, 'ପ୍ରକୃତରେ, ପ୍ରତିବନ୍ଧକ ଯୋଗୁଁ, ଭେନେଜୁଏଲାର ଜିଡିପି ୨୦୧୨ରେ ୩୫୦ ବିଲିୟନ ଡଲାରରୁ ୨୦୨୫ରେ ୮୦ ବିଲିୟନ ଡଲାରକୁ ହ୍ରାସ ପାଇଛି। ୧୧୬ ଟ୍ରିଲିୟନ ଡଲାରର ବିଶ୍ୱ ଅର୍ଥନୀତିରେ, ଏହା ଏକ ବଡ଼ ସଂଖ୍ୟା ନୁହେଁ। ତୈଳ କ୍ଷେତ୍ରରେ, ଏହାର ବିଶାଳ ଭଣ୍ଡାର ସତ୍ତ୍ୱେ, ତୈଳ ଭିତ୍ତିଭୂମି ଭାଙ୍ଗିପଡ଼ିଛି ଏବଂ ସରକାରୀ ତୈଳ ଉତ୍ପାଦକ ବ୍ୟତୀତ, କେବଳ ଶେଭ୍ରନ୍ କିଛି ତୈଳ କ୍ଷେତ୍ରରେ କାର୍ଯ୍ୟ କରେ। ତେଣୁ, ଭେନେଜୁଏଲାର ପ୍ରତିଦିନ ୯୫୦,୦୦୦ ବ୍ୟାରେଲ ଉତ୍ପାଦନର ସମ୍ପୂର୍ଣ୍ଣ କ୍ଷତି ମଧ୍ୟ ୧୦୩ ନିୟୁତ ବ୍ୟାରେଲ ପ୍ରତି ବିଶ୍ୱ ଯୋଗାଣ ଶୃଙ୍ଖଳରେ କମ୍ ଗୁରୁତ୍ୱପୂର୍ଣ୍ଣ।'

ବାଗା କହିଛନ୍ତି ଯେ ଯଦି ଭେନେଜୁଏଲାର ପ୍ରତିଦିନ ପ୍ରାୟ ୯୫୦,୦୦୦ ବ୍ୟାରେଲ ଉତ୍ପାଦନ ସମ୍ପୂର୍ଣ୍ଣ ଭାବରେ ହ୍ରାସ ପାଏ, ତେବେ ମଧ୍ୟ ବିଶ୍ୱ ତୈଳ ବଜାର ଉପରେ ପ୍ରଭାବ ନଗଣ୍ୟ ହେବ, ଯାହା ପ୍ରତିଦିନ ପ୍ରାୟ ୧୦୩ ନିୟୁତ ବ୍ୟାରେଲ ଉତ୍ପାଦନ କରେ, ତାହା ନଗଣ୍ୟ ହେବ।

ମୂଲ୍ୟବାନ ଧାତୁ ଉପରେ ମତାମତ ଦେଇ, ବାଗା କହିଛନ୍ତି ଯେ ସୁନା ଏବଂ ରୂପା ମୂଲ୍ୟରେ ସାମ୍ପ୍ରତିକ ଉତ୍ଥାନ-ପତନ ଭେନେଜୁଏଲାର ନିର୍ଦ୍ଦିଷ୍ଟ କାରଣ ଅପେକ୍ଷା ନିରାପଦ-ସ୍ୱର୍ଗ କ୍ରୟ ସହିତ ଅଧିକ ଜଡିତ। ସେ ଆହୁରି କହିଛନ୍ତି ଯେ ଆମେରିକୀୟ ଡଲାରରେ ମଧ୍ୟ ସମାନ ସୁରକ୍ଷିତ-ସ୍ୱର୍ଗ ଚାହିଦା ଦେଖାଯାଉଛି, ଯାହା ମଜବୁତ ହୋଇଛି।

ସେ କହିଛନ୍ତି, 'ସୁନା ଏବଂ ରୂପା ସମ୍ପର୍କରେ, ପ୍ରତିକ୍ରିୟା ହେଉଛି ଅଧିକ ସୁରକ୍ଷିତ-ସ୍ୱର୍ଗ କିଣିବା, ଯେପରି ଆମେରିକୀୟ ଡଲାର ପାଇଁ ଘଟୁଛି, ଯାହା ଆଜି ବୃଦ୍ଧି ପାଇଛି। ତେଣୁ, ଭେନେଜୁଏଲା ନିଜେ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ ନିର୍ଣ୍ଣାୟକ ନୁହେଁ, ଗତ ବର୍ଷର ମୌଳିକ ସମସ୍ୟାଗୁଡ଼ିକ ଖେଳରେ ଅଛି।'

ଶକ୍ତି ନୀତି ବିଶେଷଜ୍ଞ ନରେନ୍ଦ୍ର ତନେଜା ମଧ୍ୟ କହିଛନ୍ତି ଯେ ଭେନେଜୁଏଲା ବିଶ୍ୱ ତୈଳ ମୂଲ୍ୟରେ କୌଣସି ତୁରନ୍ତ ବାଧା ସୃଷ୍ଟି କରିବାର ସମ୍ଭାବନା ନାହିଁ। ସେ କହିଛନ୍ତି ଯେ ବିଶ୍ୱର ଅଧିକାଂଶ ରିଫାଇନାରୀ ଭେନେଜୁଏଲା ଅଶୋଧିତ ତୈଳ ପ୍ରକ୍ରିୟାକରଣ ପାଇଁ ଡିଜାଇନ୍ କରାଯାଇ ନାହିଁ, ଯାହା ଭାରୀ ତେଲ। ସେ କହିଛନ୍ତି, 'ତେଲ ମୂଲ୍ୟ ଉପରେ ମୁଁ ତୁରନ୍ତ କୌଣସି ପ୍ରଭାବ ଦେଖୁନାହିଁ। ଯଦିଓ ଭେନେଜୁଏଲାରେ ବଡ଼ ତେଲ ଗଚ୍ଛିତ ଥାଇପାରେ, ସେମାନେ ବିଶ୍ୱ ତୈଳ ଯୋଗାଣ ବ୍ୟବସ୍ଥାରେ ଏକ ବହୁତ ଛୋଟ ଖେଳାଳି। ସେମାନେ ପ୍ରତିଦିନ କେବଳ ୯୦୦,୦୦୦ ବ୍ୟାରେଲ ତେଲ ଉତ୍ପାଦନ କରନ୍ତି। ଏହାର ଅଧିକାଂଶ ରପ୍ତାନି ହୁଏ ଏବଂ ଚୀନକୁ ଯାଏ। ଆମେରିକା ଏବେ ଏଥିରେ ସାମିଲ ହେଉଛି, ଆମେରିକା କମ୍ପାନୀଗୁଡ଼ିକ ଏଥିରେ ସାମିଲ ହେଉଛନ୍ତି। ଏହା ସମ୍ଭବ ଯେ ଆଗାମୀ ବର୍ଷ ମଧ୍ୟରେ, ଭେନେଜୁଏଲ ପ୍ରତିଦିନ ୩ ନିୟୁତ ବ୍ୟାରେଲ ତେଲ ଉତ୍ପାଦନ ଆରମ୍ଭ କରିବ, ଯାହାର ଅର୍ଥ ହେଉଛି ବିଶ୍ୱ ଯୋଗାଣ ବ୍ୟବସ୍ଥାରେ ତେଲ ପ୍ରବାହିତ ହେବା ଆରମ୍ଭ ହେବ, ଯାହା ଖରାପ ଖବର ନୁହେଁ।'

ସାମଗ୍ରିକ ଭାବରେ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଭେନେଜୁଏଲାର ସଙ୍କଟ ନିକଟ ଭବିଷ୍ୟତରେ ତୈଳ କିମ୍ବା ମୂଲ୍ୟବାନ ଧାତୁ ବଜାରକୁ ବଡ଼ ଝଟକା ଦେବାର ସମ୍ଭାବନା ନାହିଁ।

# ସମବାୟ ବ୍ୟାଙ୍କରେ ସ୍ଥିର ବୃଦ୍ଧି, ସମ୍ପତ୍ତି ଗୁଣବତ୍ତାର ଲଗାତାର ଉନ୍ନତି

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ 'ଭାରତରେ ବ୍ୟାଙ୍କିଂର ଧାରା ଓ ପ୍ରଗତି ୨୦୨୪-୨୫' ରିପୋର୍ଟ ଅନୁସାରେ, ଦେଶର ଗ୍ରାମୀଣ ଋଣ ବ୍ୟବସ୍ଥାର ମୁଖ୍ୟ ଆଧାର ଥିବା ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କମାନେ ଚଳିତ ଆର୍ଥିକ ବର୍ଷରେ ସ୍ଥିର ବୃଦ୍ଧି ରେକର୍ଡ କରିଛନ୍ତି। ଜମା ଓ ଋଣରେ ସ୍ଥାୟୀ ବୃଦ୍ଧି ସହ ସମ୍ପତ୍ତି ଗୁଣବତ୍ତାର ଲଗାତାର ଉନ୍ନତି ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି।

ଆର୍‌ବିଆଇ ରିପୋର୍ଟ ଅନୁସାରେ, ଉଚ୍ଚଧାର ଗ୍ରହଣ ଓ ନାବାର୍ଡ ପୁନଃଅର୍ଥାୟନର ସହାୟତାରେ ରାଜ୍ୟ ସମବାୟ ବ୍ୟାଙ୍କମାନେ ଋଣ ବୃଦ୍ଧିରେ ଦ୍ରୁତଗତି ଦେଖାଇଥିବା ବେଳେ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କମାନେ ତାଙ୍କର ବିସ୍ତୃତ ଗ୍ରାମୀଣ ଶାଖା ନେଟୱର୍କ ମାଧ୍ୟମରେ ଜିଲ୍ଲାସ୍ତରରେ ଜମା ସଂଗ୍ରହ ଓ ଋଣ ପହଞ୍ଚକୁ ଅଧିକ ସୁଦୃଢ଼ କରିଛନ୍ତି। ଏହା ଫଳରେ କୃଷି ଋଣ ବିତରଣରେ ଉଭୟ ବ୍ୟାଙ୍କର ପୂରକ ଭୂମିକା ପୁନଃ ସ୍ପଷ୍ଟ ହୋଇଛି।

ମାର୍ଚ୍ଚ ୨୦୨୫ ଶେଷ ସୁଦ୍ଧା ଦେଶରେ ୩୪ଟି ରାଜ୍ୟ ସମବାୟ ବ୍ୟାଙ୍କମାନେ ୨,୧୪୬ଟି ଶାଖା ମାଧ୍ୟମରେ କାର୍ଯ୍ୟରତ ଥିବାବେଳେ, ୩୫୧ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କମାନେ ୧୩,୮୨୫ଟି ଶାଖା ସହ ବିସ୍ତୃତ ନେଟୱର୍କ ଗଢ଼ିଛନ୍ତି। ଏହି ଗ୍ରାମୀଣ ସହକାରୀ ବ୍ୟାଙ୍କଗୁଡ଼ିକ ଦେଶର ୧.୦୭ ଲକ୍ଷରୁ ଅଧିକ ପ୍ରାଥମିକ କୃଷି ଋଣ ସମିତି (ପିଏସିଏସ) ସହ ସଂଯୁକ୍ତ ଥିବା ସହ ୬.୫ ଲକ୍ଷରୁ ଅଧିକ ଗ୍ରାମକୁ ସେବା ପ୍ରଦାନ କରୁଛନ୍ତି।

ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କର ବ୍ୟାଲାନ୍ସ ଶୀଟ ଆକାର ୭.୭ ପ୍ରତିଶତ ବୃଦ୍ଧି ପାଇ ୫.୨୬ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଜମା ୬.୮ ପ୍ରତିଶତ ବୃଦ୍ଧି ପାଇ ୨.୭୪ ଲକ୍ଷ କୋଟି ଟଙ୍କାକୁ ଏବଂ ଧାର ଗ୍ରହଣ ୯.୫ ପ୍ରତିଶତ ବୃଦ୍ଧି ପାଇ ୧.୯୦ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଏହାର ଫଳସ୍ୱରୂପ, କ୍ରେଡିଟ-ଡିପୋଜିଟ ଅନୁପାତ ୧୧୬.୭ ପ୍ରତିଶତକୁ ବୃଦ୍ଧି ପାଇଛି।

ସମ୍ପତ୍ତି ପକ୍ଷରେ, ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କର ଋଣ ଓ ଅଗ୍ରଗତି ୩.୨୦ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଥିବାବେଳେ, ତାହାର ୪୩.୪ ପ୍ରତିଶତ କୃଷି ଋଣ ରହିଛି। ସମ୍ପତ୍ତି ଗୁଣବତ୍ତାରେ ଲଗାତାର ଚତୁର୍ଥ ବର୍ଷ ପାଇଁ ଉନ୍ନତି ଦେଖାଯାଇଛି ଏବଂ ସମଗ୍ର ଏନପିଏ ଅନୁପାତ ୪.୮ ପ୍ରତିଶତକୁ କମିଛି।

ଏହିପରି, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କର ସମୁଦାୟ ସମ୍ପତ୍ତି ଓ ଦେୟତା ୮.୨୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଜମା ୫.୦୯ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଥିବାବେଳେ, ସିଏସଏ ଜମାର ଅଂଶ ୪୦.୫ ପ୍ରତିଶତ ରହିଛି। ଋଣ ଓ ଅଗ୍ରଗତି ୪.୫୫ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଜିଲ୍ଲା ସହକାରୀ ବ୍ୟାଙ୍କମାନଙ୍କର ନେଟ୍ ଲାଭ ୧୨.୧ ପ୍ରତିଶତ ବୃଦ୍ଧି ପାଇ ୨,୧୨୪ କୋଟି ଟଙ୍କାକୁ ପହଞ୍ଚିଛି।

ରିପୋର୍ଟ ଆହୁରି କୁହେ ଯେ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କର ସମ୍ପତ୍ତି ଗୁଣବତ୍ତା ପଞ୍ଚମ ଲଗାତାର ବର୍ଷ ପାଇଁ ଉନ୍ନତି ପାଇଛି। ସମଗ୍ର ଘଟଇ ଅନୁପାତ ୮.୭ ପ୍ରତିଶତକୁ କମିଥିଲେ ମଧ୍ୟ, ଏହା ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କ ତୁଳନାରେ ଅଧିକ ରହିଛି।

ସମଗ୍ର ଭାବେ, ୨୦୨୪-୨୫ ମସିହାରେ ରାଜ୍ୟ ଓ ଜିଲ୍ଲା ସମବାୟ ବ୍ୟାଙ୍କମାନେ ଜମା ଓ ଋଣରେ ସ୍ଥିର ବୃଦ୍ଧି ସହ ସମ୍ପତ୍ତି ଗୁଣବତ୍ତାର ଲଗାତାର ଉନ୍ନତି ରେକର୍ଡ କରିଛନ୍ତି। ଖର୍ଚ୍ଚ ବୃଦ୍ଧି ଯୋଗୁଁ ଲାଭଜନକତା ଉପରେ ଚାପ ଥିଲେ ମଧ୍ୟ, ଗ୍ରାମୀଣ ସମବାୟ ବ୍ୟାଙ୍କିଂ ବ୍ୟବସ୍ଥା ଧୀରେ ଧୀରେ ଅଧିକ ସୁଦୃଢ଼ ହେଉଥିବାର ସଙ୍କେତ ମିଳୁଛି।

# ଜନ୍ମଦିନରେ ପ୍ରଶଂସକଙ୍କୁ ଦୀପିକାଙ୍କ ଉପହାର

## ସିନେମାଫିନେମା ଟିଭିଫିବି




ବଲିଉଡର ସବୁଠାରୁ ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଦୀପିକା ପାଦୁକୋଣ ଅନ୍ୟତମ। ଦୀପିକି ନିଜ ଜନ୍ମଦିନ ପ୍ରଶଂସକଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ଜଣେ ଅଭିନେତ୍ରୀ, ପ୍ରଯୋଜକ, ଉଦ୍ୟୋଗୀ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରବକ୍ତା ଭାବରେ ଜଣାଶୁଣା ଦୀପିକା ତାଙ୍କ ଜନ୍ମଦିନରେ ଏକ ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି, ଯାହା ପରବର୍ତ୍ତୀ ପିଢ଼ିର ସୃଜନଶୀଳ ପ୍ରତିଭା ପାଇଁ ନୂତନ ଦ୍ୱାର ଖୋଲିବ। ଏହା ବିଶେଷ ଭାବେ ଚଳଚ୍ଚିତ୍ର ଶିଳ୍ପରେ ନିଜର ଛାପ ସୃଷ୍ଟି କରୁଥିବା ପିଢ଼ି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ହେବ।

ଦୀପିକା ୪୦ତମ ଜନ୍ମଦିନ ପାଳନ କରିଛନ୍ତି। ଅଭିନେତ୍ରୀ ଏହି ବିଶେଷ ଅବସରରେ 'ଦି ଅନସେଟ ପ୍ରୋଗ୍ରାମ' ନାମକ ଏକ ନୂତନ ପ୍ଲାଟଫର୍ମ। ଏହି ପ୍ଲାଟଫର୍ମ ଉଦୀୟମାନ କଳାକାରମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ହେବ ବୋଲି ଆଶା କରାଯାଉଛି।

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ସାରା ଦେଶରୁ ଉଦୀୟମାନ ସୃଜନଶୀଳ କଳାକାରଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି ପ୍ରୟାସ ମାଧ୍ୟମରେ ଦୀପିକା ଭାରତୀୟ ଚଳଚ୍ଚିତ୍ର, ଟେଲିଭିଜନ ଏବଂ ବିଜ୍ଞାପନ ଶିଳ୍ପରେ କ୍ୟାରିଅର କରିବାକୁ ଚାହୁଁଥିବା ଯୁବତୀ ଯୁବକମାନଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତିଶ୍ରୁତିବଦ୍ଧ ପ୍ରତିଭା ପାଇଁ ତାଲିମ ସୁଯୋଗ ପ୍ରଦାନ କରିବ ଏବଂ ସେମାନଙ୍କ ନିଜସ୍ୱ ପ୍ରକଳ୍ପ ପରିଚାଳନା କରିବା ପାଇଁ ଦକ୍ଷତା ଏବଂ ଅଭିଜ୍ଞତା ଥିବା ଲୋକଙ୍କ ପାଇଁ ଏକ ଲଞ୍ଚପ୍ୟାଡ ଭାବରେ କାର୍ଯ୍ୟ କରିବ।

ଦୀପିକା ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି, ଏଥିରେ ସେ କହିଛନ୍ତି, ଗତ ବର୍ଷ ବର୍ଷ ଧରି, ମୁଁ ଦେଶ ଏବଂ ବିଶ୍ୱର ସର୍ବଶ୍ରେଷ୍ଠ ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଗଭୀର ଭାବରେ ଆଗ୍ରହୀ ଅଛି, ଯେଉଁଠାରେ ସେମାନଙ୍କୁ ଦେଖାଯାଇପାରିବ, ଶୁଣାଯାଇପାରିବ ଏବଂ ଅଭିଜ୍ଞତା କରାଯାଇପାରିବ। ମୁଁ 'ଦି ଅନସେଟ ପ୍ରୋଗ୍ରାମ'ର ଶୁଭାରମ୍ଭ ଘୋଷଣା କରି ବହୁତ ଉତ୍ସାହିତ ଏବଂ ଆପଣମାନଙ୍କୁ ଆଗାମୀ ପିଢ଼ିର ସୃଜନଶୀଳ ପ୍ରତିଭା ସହିତ ପରିଚିତ କରାଇବା ପାଇଁ ଅପେକ୍ଷା କରିଛି।

# ୩୧୬ ଗାଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅପହଞ୍ଚ



**୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବେ ସରକାର ଚୟନ କରିଛନ୍ତି । ତେବେ ପଛୁଆ ଅଞ୍ଚଳର ସାମୂହିକ ବିକାଶ ସହିତ ଲୋକଙ୍କ ଖାଦ୍ୟ ସୁରକ୍ଷା, ପରିବହନ ବ୍ୟବସ୍ଥାର ଉନ୍ନତି ଓ ଶିକ୍ଷା, ବିଦ୍ୟୁତ୍, ପିଇବା ପାଣି ତଥା ସ୍ୱାସ୍ଥ୍ୟସେବାର ବିକାଶ ହିଁ ସଫଳତାର ଚାବିକାଠି ବୋଲି କୁହାଯାଇପାରେ । ସ୍ୱାସ୍ଥ୍ୟସେବା ହେଉଛି ଏକ ଜରୁରୀ ଆବଶ୍ୟକତା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜିଲ୍ଲାର ୩୧୬ ଗାଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅପହଞ୍ଚ ହୋଇ ରହିଯାଇଛି । ଏହି ଗାଁଗୁଡିକୁ ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇବାରେ ସବୁଠାରୁ କଷ୍ଟସାଧ ବୋଲି ଚିହ୍ନଟ କରିଛି । ଏଥିରେ ଜିଲ୍ଲାର ଭବାନୀପାଟଣା ସଦର ବ୍ଲକର ୩୧ଟି, ଜୟପାଟଣା ୧୯, ଜୁନାଗଡ ୧୭, କଲମପୁର ୧୦, କର୍ଲାମୁଣ୍ଡା ୨ଟି, କୋକସରା ୭ଟି, ଲାଞ୍ଜିଗଡ଼ ୯୭, ଏମ ରାମପୁର ୫୮, ଥୁଆମୂଳ ରାମପୁରର ୭୫ ଗ୍ରାମ ସ୍ୱାସ୍ଥ୍ୟଜନିତ କାରଣରୁ ବହୁବିଧ ସମସ୍ୟାକୁ ସାମ୍ନା କରୁଛି । ପରିବହନ ବ୍ୟବସ୍ଥା ନ ଥିବାରୁ ବେଳେବେଳେ ବୋଟ, ବାଇକ ଆମ୍ବୁଲାନ୍ସ ଦ୍ୱାରା ସେବା ପାଇବାର ସୁଯୋଗ ମିଳିଥାଏ । ବୋଟ, ବାଇକ ଆମ୍ବୁଲାନ୍ସ ଦ୍ୱାରା ସ୍ୱାସ୍ଥ୍ୟସେବାର ପରିକଳ୍ପନା ନବୀନ ସରକାରଙ୍କ କାଳରେ ସମ୍ଭବ ହୋଇପାରିଥିଲା । କିନ୍ତୁ ବାଇକ ଆମ୍ବୁଲାନ୍ସ ଜରିଆରେ ମାତ୍ର ୫,୬୫୭ ଜଣ ସେବା ପାଇବାର ଲକ୍ଷ୍ୟ ରଖାଯାଇଛି । ଥୁଆମୂଳ ରାମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୭୩୪ ଜଣ, ଥୁଆମୂଳ ରାମପୁର ସାଇସୁରନି ଅଞ୍ଚଳରେ ୨୦୬୪, ଲାଞ୍ଜିଗଡ଼ ବ୍ଲକର ବଙ୍କାକୁଣ୍ଡରୁରେ ୭୦୨ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ୫୩୮, ଏମ ରାମପୁର ଅଞ୍ଚଳର ୬୧୯ଜଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ୫ଟି ବାଇକ ଆମ୍ବୁଲାନ୍ସ ଜିଲାରେ କାର୍ଯ୍ୟ କରୁଛି ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି । ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ଘର ଘର ବୁଲି ସେବାମୂଳକ ସମସ୍ତ କାର୍ଯ୍ୟ କରିବା ସହ ଜନନୀ ଏକ୍ସପ୍ରେସ (୧୦୮) କେତେକ ଗାଁକୁ ଯାଉଛି । ତେବେ ବର୍ଷା ଦିନରେ ଏହିସମସ୍ତ ସୁବିଧା ମିଳିବା ଅସମ୍ଭବ ହୋଇପଡୁଛି । କାରଣ ରାସ୍ତାଘାଟର ଶୋଚନୀୟତା ଓ ଗୋଟିଏ ଘରୁ ଅନ୍ୟ ଘରର ଦୂରତା ଅଧିକ । ଦୂର ଦୂରାନ୍ତରେ ପାହାଡ଼ ଉପରେ ଗ୍ରାମଗୁଡିକ ରହୁଥିବା ଯୋଗୁ ପହଞ୍ଚିବା କଷ୍ଟକର ହେଉଥିବାରୁ ଅନେକ ସମୟରେ ଖଟିଆରେ ବୁହାହୋଇ ରୋଗୀ ଏବଂ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ଯେମିତି ନିତିଦିନିଆ ଘଟଣା ସାଜିଛି । ଏହା ସତ୍ତ୍ୱେ ସବୁଠାରୁ ଦୟନୀୟ ସ୍ଥିତିକୁ ଆପଣେଇ ନେଇଛନ୍ତି ଇନ୍ଦ୍ରାବତୀର ବୁଡି ଅଞ୍ଚଳବାସୀ । ସାଧାରଣ ଜୀବନ ଜିଇଁବା ଲାଗି ଡଙ୍ଗା ଉପରେ ଭରସା କରିବାକୁ ପଡୁଛ । ସ୍ୱାସ୍ଥ୍ୟ ଜନିତ ସମସ୍ୟା ପାଇଁ ଗୋଟିଏ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି । ତାହା କେବଳ ଆପାତକାଳୀନ ସେବାରେ ସାହାଯ୍ୟରେ ଆସିଥାଏ । ବୋଟ ଆମ୍ବୁଲାନ୍ସ ଉପରେ ଗୁରୁତର ରୋଗୀ ଭରସା କରି ରହିଲେ ଜୀବନ କେତେବେଳେ ଚାଲିଯିବ ତାହା ବି କହିହେବନି । ବୁଡି ଅଞ୍ଚଳରେ ଥିବା ୧୭ଟି ଗ୍ରାମର ଅଧିବାସୀଙ୍କୁ ନିରବଛିନ୍ନ ସ୍ୱାସ୍ଥ୍ୟସେବା ପାଇବା ସ୍ୱପ୍ନ ହୋଇ ରହିଆସିଛି । ସଂକ୍ରାମକ ରୋଗରେ ଅନେକ ବିଭିନ୍ନ ସମୟରେ ଆକ୍ରାନ୍ତ ହୋଇଥାନ୍ତି । କାରଣ ବିଶୁଦ୍ଧ ପିଇବା ପାଣି ମିଳେନାହିଁ । ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ପାଇଁ ଚିନ୍ତା କରିବାକୁ ପଡେଛ ଇନ୍ଦ୍ରାବତୀ ବିଚ୍ଛିନ୍ନାଞ୍ଚଳବାସୀଙ୍କ ପରସ୍ତ ପରସ୍ତ ଦୁଃଖ ଭିତରୁ ସ୍ୱାସ୍ଥସେବା ଅନ୍ୟତମ । ଆଜି ମଧ୍ୟ ଖଟିଆରେ ରୋଗୀଙ୍କୁ ବୁହା ଯିବାର ନଜିର ରହିଛି । ଯଦିଓ ହେଲଥ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ତାହା ଜଳବନ୍ଦୀ ଅଞ୍ଚଳରୁ ରୋଗୀ ଆଣିବାରେ କେବଳ ସାହାଯ୍ୟରେ ଆସୁଛି । ମୋବାଇଲ ହେଲଥ ୟୁନିଟ କାମରେ ଆସୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି । ଇତିମଧ୍ୟରେ ଅନେକ କଳାହାଣ୍ଡି ଜିଲାପାଳ ଉକ୍ତ ଜଳବନ୍ଦୀ ତଥା ବିଚ୍ଛିନ୍ନାଞ୍ଚଳକୁ ଗସ୍ତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଜିଲାରେ ଡାକ୍ତର ଅଭାବ ଏକ ଗୁରୁତର ସମସ୍ୟା ହୋଇଥିଲେ ହେଁ ଯେଉଁମାନେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି ଏଥିରେ ମଧ୍ୟ ନିଷ୍ଠା ରହୁନାହିଁ । ବିଜୁ ଜନତା ଦଳ ସରକାର ସମୟରେ ଜିଲାରେ ସହୀଦ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଛି । ଜିଲାବାସୀ ଭାବୁଥିଲେ ଡବଲ ଇଞ୍ଜିନ ସରକାର ସ୍ୱାସ୍ଥ୍ୟ ସମସ୍ୟାକୁ ସୁଧାରିବେ । ହେଲେ ବର୍ତ୍ତମାନ ଡାକ୍ତର ନାହାନ୍ତି । ତେଣୁ ବାଧହୋଇ ରୋଗୀ ଜିଲା ତଥା ରାଜ୍ୟ ବାହାରକୁ ଯାଇ ଚିକିତ୍ସା ହେଉଛନ୍ତି । ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଶିଶୁ ମୃତ୍ୟୁ ଏବଂ ମ୍ୟାଲେରିଆ ରୋଗ ବୃଦ୍ଧିରେ ରୋକ ଲାଗିପାରୁନାହିଁ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆକାଂକ୍ଷା ଜିଲା କଳାହାଣ୍ଡି ପ୍ରତି ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତିଛ ଏ ନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ, ବାଇକ ଓ ବୋଟ ଆମ୍ବୁଲାନ୍ସ ଆସିବା ପରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆସିଛି । ତେବେ ବର୍ଷା ଋତୁ ସମୟରେ କିଛିଟା ଅସୁବିଧା ପରିଲକ୍ଷିତ ହେଉଥିବା କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର–ତୃତୀୟା |
|---|---|
| ୬.୧.୨୦୨୬ | ନକ୍ଷତ୍ର– ଅଶ୍ଳେଷା, କର୍କଟଚନ୍ଦ୍ର |

| | | |
|---|---|---|
| ମେଷ | : | କର୍ଣ୍ଣପୀଡ଼ା କଷ୍ଟ ଦେବ । |
| ବୃଷ | : | ଋଣଚାପ ବୃଦ୍ଧି ପାଇବ । |
| ମିଥୁନ | : | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| କର୍କଟ | : | ପଡ଼ୋଶୀ ଯୋଗୁଁ ଅଶାନ୍ତିରେ ଦିନଟି କଟିବ । |
| ସିଂହ | : | ଦ୍ରବ୍ୟଲାଭ ଯୋଗ ରହିଛି । |
| କନ୍ୟା | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ତୁଳା | : | ବ୍ୟବସାୟରେ ଭଲ ଆୟ ଭଲ । |
| ବିଛା | : | ଅପେକ୍ଷା କରିଥିବା କାର୍ଯ୍ୟରେ ସଫଳତା ପାଇବେ । |
| ଧନୁ | : | କର୍ମକ୍ଷେତ୍ରେ ଅଶାନ୍ତି ଦେଖାଦେବ । |
| ମକର | : | ଯାନବାହନରେ ଆଘାତ ପାଇପାରନ୍ତି । |
| କୁମ୍ଭ | : | ଧନଲାଭ ଯୋଗ ରହିଛି । |
| ମୀନ | : | ବ୍ୟବସାୟରେ ଉନ୍ନତି କରିବେ । |

## ଚୋରା ବାଲି ଚାଲାଣ ବେଳେ ୪ ଗାଡ଼ି ଜବତ

**ଯାଜପୁର, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଭାବେ ଚୋରା ବାଲି ଓ କଳାପଥର ଚାଲାଣ ବେଳେ ଯାଜପୁର ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ବନ୍ଧମୁଣ୍ଡା ଓ ବୁଢ଼ାଘାଟରୁ ଚଢ଼ଉ କରି ୪ ଗାଡ଼ିକୁ ଜବତ କରି ଯାଜପୁର ପୁଲିସକୁ ଜିମା ଦେଇଛନ୍ତି । ଘଟଣାର ବିବରଣୀରୁ ପ୍ରକାଶ, ଯାଜପୁର ସମେତ ଏହାର ଆଖପାଖ ବାଲି ଘାଟରେ ଦୈନିକ ବେଆଇନ ଭାବେ ରାତି ସମୟରେ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏହି ବେଆଇନ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ଯାଜପୁର ଖଣି ବିଭାଗ ରାତି ସମୟରେ ବିଭିନ୍ନ ବାଲି ଘାଟ ଉପରେ ଚଢ଼ଉ କରି ଗାଡ଼ିକୁ ଜବତ କରିଥାନ୍ତି । ଗତ ୩ ତାରିଖ ରାତି ୧୧ ଟାରୁ ଭୋର୍ ୪ଟା ସମୟରେ ଖଣି ବିଭାଗ ଓ ପୁଲିସର ମିଳିତ ଭାବେ ବନ୍ଧମୁଣ୍ଡା ଓ ବୁଢ଼ାଘାଟରୁ ବେଆଇନ ଭାବେ ବାଲି ଓ କଳା ପଥର ଚାଲାଣ ହେଉଥିବା ସମୟରେ ଚଢ଼ଉ କରିଥିଲେ । ବେଆଇନ ବାଲି ଚାଲାଣରେ ବ୍ୟବହୃତ ଗୋଟିଏ ଏକ୍ସାଭେଟର, ଗୋଟିଏ ହାଇୱା ଗାଡ଼ିକୁ ଜବତ କରିଥିଲେ। ସେହିପରି ବେଆଇନ କଳା ପଥର ବୋଝେଇ ଗୋଟିଏ ହାଇୱା ଓ ଗୋଟିଏ ଟ୍ରକକୁ ଜବତ କରିଥିଲେ। ଏହି ୪ଟି ଗାଡ଼ିକୁ ଜବତ କରି ଯାଜପୁର ଥାନାରେ ଜିମା ଦିଆଯାଇଛି । ଏହି ଚଢ଼ଉ ସମୟରେ ଜିଲା କନିଷ୍ଠ ଖଣି ଅଧିକାରୀ ସିତେଶ କୁମାର ନାୟକ, ଛାୟାକାନ୍ତ ମାହାନ୍ତ ସମେତ ଯାଜପୁର ପୁଲିସ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଖରସ୍ରୋତା ନଦୀର ବନ୍ଧମୁଣ୍ଡା ଘାଟରେ ଲିଜ୍ ଅବଧି ଶେଷ ପରେ ମଧ୍ୟ ବାଲି ଉତ୍ତୋଳନ କରାଯାଉଥିବା ନେଇ ଖଣି ବିଭାଗ ନିକଟରେ ଅଭିଯୋଗ ହେଉଥିଲା ।

## ଓପିଡିରେ ଡାକ୍ତର ନିଯୁକ୍ତି ଦାବିରେ ରାସ୍ତାରୋକ

**ପାଟଣାଗଡ଼, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ମୁଖ୍ୟ ସହର ଭିତରେ ଦୀର୍ଘ ବର୍ଷଧରି ରହିଥିବା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ଏବେ ନୂତନ ଭାବରେ ଗଙ୍ଗାସାଗର ପାଖରେ ନିର୍ମାଣ କରାଯାଇଛି । ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପ୍ରଶାସନ ତରଫରୁ କିଛିଦିନ ହେବ ସ୍ଥାନାନ୍ତରିତ କରାଯାଇଛି । ଯାହାଫଳରେ ସହରରେ ବସବାସ କରୁଥିବା ଲୋକେ ଜରୁରୀକାଳୀନ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପେକ୍ଷୀରେ ଆଜି ସହରବାସୀ ପାଟଣାଗଡ଼ରୁ କଣ୍ଟାବାଞ୍ଜିକୁ ଯାଉଥିବା ସହରର ମୁଖ୍ୟ ରାସ୍ତା ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ରାସ୍ତାରୋକ କରିଥିଲେ ।

ଅଭିଯୋଗ ଅନୁସାରେ , ସହରରେ ଥିବା ଏହି ପୁରୁଣା ଡାକ୍ତର ଖାନାକୁ ସ୍ଥାନାନ୍ତରିତ ହେବାପରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ ପାଇଁ ପୁରୁଣା ଡାକ୍ତର ଖାନାରେ ଜରୁରୀକାଳୀନ ସେବାପାଇଁ ଓପିଡି ଡାକ୍ତର ଓ ସ୍ମାର୍ଟ ଚିକିତ୍ସା କରାଯିବାକୁ ଆନ୍ଦୋଳନ କାରିମାନେ ଦାବି କରିଛନ୍ତି ଛ ଖବରପାଇ ଆନ୍ଦୋଳନ ସ୍ଥଳକୁ ସ୍ଥାନୀୟ ପୋଲିସ ସହ ଉପଖଣ୍ଡ ଚିକିତ୍ସା ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବାସହ ଏବିଷୟରେ ଲିଖିତ ଭାବରେ ଦେବାକୁ ଅନୁରୋଧ କରିଥିଲେ । ପରେ ସେମାନେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଇଥିଲେ । ଏହାପରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବାପରେ ଆନ୍ଦୋଳନକାରୀ ନିଜ ଜିଦରୁ ଓହରିଥିଲେ । କିଛି ସମୟ ପର୍ଯ୍ୟନ୍ତ ରାସ୍ତ ରୋକ ଯୋଗୁଁ ଉଭୟ ପକ୍ଷରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା । ଯାହାଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ମାହାଙ୍ଗା, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ସ୍ୱର୍ଗତ ଭାସ୍କର ସାହୁଙ୍କ ପତ୍ନୀ ପାର୍ବତୀ ସାହୁ (୮୦) ବଡ ଗେଙ୍ଗୁଟୀ ନଦୀରେ ଶୌଚ ହେବାକୁ ଯାଇ ନିଖୋଜ ଥିଲେ । ସୂଚନା ମୁତାବକ ବୃଦ୍ଧା ପାର୍ବତୀ ଗତକାଲି ଅପରାହ୍ନରେ ଶୌଚ ହେବା ପାଇଁ ନଦୀକୁ ଯାଇଥିଲେ । ହେଲେ ଦୀର୍ଘ ସମୟ ଧରି ସେ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ଶନି ଘାଟ ନଦୀ ତୁଠରେ ତାଙ୍କର ଚପଲ ଓ ଚଷମା ରହିଥିବା ଦେଖିବାକୁ ପାଇଥିଲେ । ନଦୀରେ ବୁଡି ଭାସିଯାଇଥିବା ସନ୍ଦେହ କରି କୁଆଁପାଳ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ କୁଆଁପାଳ ଦମକଳ ବାହିନୀର ଏକ ଟିମ ନଦୀରେ ବିଭିନ୍ନ ଖୋଜାଖୋଜି କରି ସନ୍ଧ୍ୟାରେ ଫେରି ଯାଇଥିଲେ । ଆଜି ସକାଳେ ନଦୀରୁ ପାବତୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାଯାଇଛି ।

## ମିଳୁନି ମୁଗ–ବିରି ବିହନ

**ବାଲିଅନ୍ତା : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାୟ ୨ସପ୍ତାହ ହେଲା ବିଲରୁ ଧାନ ଅମଳ ସରିଗଲାଣିଛ ଫଳରେ ମୁକୁଳା ବିଲ ଖରା ଖାଇଖାଇ ଶୁଖିବାରେ ଲାଗିଛି । ଆଉ ମାତ୍ର ଦିନ କେଇଟା ପରେ ଜମିର ବତର ପୂରା କମିଯାଇଥିବ ଏବଂ ମୁଗ, ବିରି ଭଳି ରବି ଫସଲ ପାଇଁ ଜମିର ପାଗ ନଥିବ । ତେଣୁ ଏତିକିବେଳେ ହିଁ ଚାଷୀ ହାତରେ ମୁଗ, ବିରି ବିହନ ପହଞ୍ଚିବା ଜରୁର । ମାତ୍ର ବାଲିଅନ୍ତା ବ୍ଲକ୍ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏପର୍ଯ୍ୟନ୍ତ ଚାହିଦା ମୁତାବକ ମୁଗ ଓ ବିରି ବିହନ ଯୋଗାଣ ହୋଇପାରିନାହିଁଛ ଜମିର ବତର ହ୍ରାସ ପାଉଥିବା ବେଳେ ଚାଷୀଙ୍କୁ ବିହନ ନ ମିଳିବାରୁ ଚଳିତବର୍ଷ ରବି ଫସଲ ପ୍ରଭାବିତ ହେବା ଆଶଙ୍କା ଉପୁଜିଲାଣିଛ ତେଣୁ ରବିଋତୁରେ ଧାନ ଚାଷ ନ କରି ମୁଗ, ବିରି ଫସଲ କରୁଥିବା ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି ।

ଚାଷୀମାନଙ୍କ ଅଭିଯୋଗ ଅନୁସାରେ ଚଳିତ ବର୍ଷ ଗୋପ ଓ ନିମାପଡ଼ା ବ୍ରାଞ୍ଚ୍ କେନାଲ ମରାମତି ହେଉଛି । ତେଣୁ କେନାଲରେ ଜଳ ଯୋଗାଣ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି । ତେଣୁ ଅଧିକାଂଶ ଚାଷୀ ରବି ଧାନ ବଦଳରେ ମୁଗ, ବିରି, ସୋରିଷ, ରାଶି, ଚିନାବାଦାମ ଓ ବିଭିନ୍ନ ପନିପରିବା ଫସଲ କରିବା ପାଇଁ ସ୍ଥିର କରିଛନ୍ତ । କିଛି ଚାଷୀ ଧାନ ଅମଳ ସାରି ମୁଗ, ବିରି ବୁଣିବା ପାଇଁ ଟ୍ରାକ୍ଟରରେ ଜମିକୁ ହଳ କରି ସାରିଲେଣି । ମାତ୍ର କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପରିମାଣର ବିହନ ମିଳୁନି ।

# ସୁନା ଓ ରୁପା ଅଳଙ୍କାର ଜବତ, ଦୁଇ ଗିରଫ

**ପାରଳାଖେମୁଣ୍ଡି, ୫।୧ ଏକ୍ସପ୍ରେସ୍ ନ୍ୟୁଜ୍**





ଗଜପତି ଜିଲ୍ଲାର ଦୁଇଟି ଥାନା ଅଞ୍ଚଳର ୪ଟି ଚୋରି ମାମଲାର ପର୍ଦ୍ଦାଫାସ କରିଛି ଗଜପତି ପୋଲିସ୍ । ସହରରେ ଗତ କିଛି ଦିନ ହେବ ଚୋରି ମାମଲା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ଚୋରି ମାମଲା ମଧ୍ୟରୁ ୪ଟି ଚୋରି ମାମଲାରେ ଗଜପତି ପୋଲିସକୁ ମିଳିଛି ବଡ ସଫଳତା । କେବଳ ଦୁଇଜଣ ଚୋରିକାଣ୍ଡକରି ଲୋକଙ୍କ ନିଦ ହଜାଇଦେଇଥିଲେ । ଘରେ ତାଲା ପଡିଛିମାନେ ଚୋରି ହେବା ଥୟ । ଏପରି ଲୋକଙ୍କୁ ଭୟଭିତ କରାଇଥିଲେ ଧରାପଡିଥିବା ଦୁଇ ଦୁର୍ବୃତ୍ତ । ଜଣେ ମାଷ୍ଟରମାଇଣ୍ଡ ଟିପିଏସଓଡିଏଲ୍ ର ମିଟର ରିଡର ହିସାବରେ କାମ କରି ଘରକୁ ଘର ବୁଲି ମିଟର ରିଡିଂ ନେଉଥିଲେ । ଏହି ସମୟରେ କାହାଘରେ କେତେ ଦିନ ହେଲା ତାଲା ପଡିଛି, କିଏ କେତେ ଦିନ ହେଲା ଘରେ ନାହିଁ ସବୁ ତଥ୍ୟ ଯୋଗାଡ କରି ବିଭିନ୍ନ ସମୟରେ ଜଣେ ସହଯୋଗୀକୁ ନେଇ କଳାକନା ବୁଲାଉଥିଲେ । ତେବେ ଶେଷରେ ସିସିଟିଭି ଧରାଇଦେଇଛି ଏମାନଙ୍କ ସମସ୍ତ କଳାକନା ବୁଲାଇବାର କାରନାମା ଗୁଡିକୁ । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରି କହିଛନ୍ତି ଯେ ଧରାପଡିଥିବା ଦୁଇ ଚୋର ପାରଳାଖେମୁଣ୍ଡି ସହରର କଣ୍ଡରା ସାହିର ଦୁର୍ଗାପ୍ରସାଦ ବେଣିଆ (୨୮) ଯିଏକି ଟିପିଏସ୍ଓଡିଏଲ୍‌ର ମିଟର ରିଡର ଭାବେ କାର୍ଯ୍ୟରତ ଏବଂ ତାଙ୍କ ସହଯୋଗୀ ସେହି କଣ୍ଡରା ସାହିର ଦେବ ମଣ୍ଡଳ (୩୫) । ଏମାନେ ଗତ ୨୨.୬.୨୦୨୫ ତାରିଖରେ ପାରଳାଖେମୁଣ୍ଡି ସହରର ଗଜେନ୍ଦ୍ର ସାହିର ସନ୍ଦୀପ ନାମକ ଜଣେ ବ୍ୟବସାୟୀଙ୍କ ଘରେ ପଶି ୧୦କେଜି ରୁପା ଓ ୩ ତୁଳା ସୁନା ଅଳଙ୍କାର ଲୁଟିନେଇଥିଲେ ।

ସେହିପରି ଗୁରାଣ୍ଡି ଥାନା ଅନ୍ତର୍ଗତ ମଧୁରନାରାୟଣପେଟା ଗ୍ରାମର ଟି.ଲବକୁମାର ନାମକ ଜଣେ ବ୍ୟସାୟୀ ୧୪.୧୧.୨୦୨୫ ତାରିଖରେ ସପରିବାଙ୍କ ସହ ତିରୁପତି ଯାଇଥିଲେ । ତେବେ ତାଙ୍କ ଘରେ ତାଲାପଡିଥିବାର ଦେଖି ଧରାପଡିଥିବା ଦୁର୍ବୃତ୍ତମାନେ ତାଙ୍କ ଘରର ଭେଣ୍ଟିଲେଟର ଭାଙ୍ଗି ପଶି ନଗଦ ଏକଲକ୍ଷ ଟଙ୍କା, ୨ତୁଳା ଓଜନର ସୁନା ଅଳଙ୍କାର ସମେତ ରୁପା ସାମଗ୍ରୀ ଚୋରାଇ ନେଇଯାଇଥିଲେ । ଗତ ଡିସେମ୍ବର ମାସ ୧୨ ତାରିଖ ଦିନ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ବାଟଗୌଡ ସାହି ଛକ ନିବାସୀ ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ର ନାଥ ପାଢ଼ୀଙ୍କ ଘରେ ପରିବାର ଲୋକଙ୍କ ଅନୁପସ୍ଥିତ ସୁଯୋଗ ନେଇ ସନ୍ଧ୍ୟା ୮ଘଣ୍ଟା ସମୟରେ ଘରର ସ୍କାଇ ଲାଇଟ ଭାଙ୍ଗି ଘର ଭିତରକୁ ପଶି ଲକର ଭାଙ୍ଗିବା ସହ କିଛି ସୁନା ଗହଣା ଏବଂ ୨୫ ହଜାର ନଗଦ ଚୋରି ହୋଇଥିବା ନେଇ ଡିସେମ୍ବର ୧୩ ତାରିଖ ଦିନ ଥାନାରେ ଅଭିଯୋଗ ହୋଇଥିଲା । ଏହାପରେ ୨୭.୧୨.୨୦୨୫ ତାରିଖରେ ପାରଳାଖେମୁଣ୍ଡି ସହରର କୁମୁଟି ସାହିର କେ.ନାରାୟଣରାଓଙ୍କ ଘରେ ପଶି ୧.୫ କେଜି ଓଜନର ରୁପା ସାମଗ୍ରୀ ନଗଦ ୪୦ହଜାର ଟଙ୍କା ଲୁଟି ନେଇଥିଲେ । ତେବେ ସମସ୍ତ ଘଟଣାରେ ଆଲୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଘଟଣାର ପରେ ଆଉ ଗୋଟିଏ ଘଟଣାରେ ଧରାପଡିଥିବା ଦୁଇ ଚୋର ଚୋରି ଘଟଣା ସାମନାକୁ ଆସିଥିଲା । ତଦନ୍ତ କରିବା ସମୟରେ ସହରରେ ଘଟିଥିବା ଅନ୍ୟ ତିନୋଟି ଘଟଣାର ସମାନ ରୂପକ ଘଟଣା ବିଧି ଦେଖିବାକୁ ମିଳିଥିଲା ପାରଳାଖେମୁଣ୍ଡି ଏବଂ ଗୁରାଣ୍ଡି ପୋଲିସକୁ । ତଦନ୍ତ ବେଳେ ସିସିଟିଭି ଫୁଟେଜ ଓ ଟେକ୍ନୋଲୋଜି ବ୍ୟବହାର କରି ପୋଲିସ ଦୁଇ ଜଣ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି । ସେହି ଦୁଇଜଣ ଅଭିଯୁକ୍ତ ହେଲେ ପାରଳାଖେମୁଣ୍ଡି କଣ୍ଡର ସାହିର ଦୁର୍ଗା ପ୍ରସାଦ ବେନିଆ ଓ ଦେବୀ ମଣ୍ଡଳ । ଏମାନଙ୍କ ମଧ୍ୟରୁ ଦୁର୍ଗା ପ୍ରସାଦ ଟିପିଏସ୍ଡିଏଲର ମିଟର ରିଡର ଭାବେ କାର୍ଯ୍ୟରତ ଥିଲେ ମିଟର ରିଡିଙ୍ଗ ନେବା ସମୟରେ ପାରିବାରିକ ଅନୁପସ୍ଥିତି ଘଟଣାକୁ ସଠିକ ରୂପ ଦେବା ପାଇଁ ସମସ୍ତ କୌଶଳ ଅପଣାଇ ଦୁଇଜଣ ଅଭିଯୁକ୍ତ ପାରଳାଖେମୁଣ୍ଡି ସହରରେ ଘଟିଥିବା ୩ଟି ଘଟଣା ଏବଂ ଗୁରାଣ୍ଡି ଥାନା ଅନ୍ତର୍ଗତ ଏମ ଏନ ପେଟା ଠାରେ ସଫଳତାର ସହ ଲୁଟ କରିଥିଲେ । ଏହାପରେ ଏହି ଦୁଇ ଅଭିଯୁକ୍ତ ଲୁଟ ସୁନା ଗହଣାକୁ ନେଇ ମୁଥୁଡ ଫାଇନେନ୍ସ କମ୍ପାନୀରେ ବନ୍ଧକ ରଖି ଲକ୍ଷାଧିକ ଟଙ୍କା ଋଣ ନେଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ତେବେ ଅଭିଯୁକ୍ତଙ୍କ ପାଖରୁ ୧୧୪ଗ୍ରାମ ସୁନା, ୯ କିଲୋ ରୁପା, ନଗଦ ୩୩ ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ହରଲୀ ଡେଭିଡ୍ ସନ ବାଇକ ସହ ଗୋଟିଏ ସ୍କୁଟି ଜବତ କରିଛି ପୋଲିସ । ବରିଷ୍ଠ ସାମ୍ବାଦିକଙ୍କ ଘରୁ ଚୋରି ହୋଇଥିବା ପ୍ରାୟ ସମସ୍ତ ଜିନିଷ ଫେରି ପାଇଥିବାରୁ ସାମ୍ବାଦିକ ଦ୍ୱିଜେନ ପାଢ଼ୀ ଗଜପତି ପୋଲିସର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଉପଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୁପତି, ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ପ୍ରମୁଖଙ୍କ ସମେତ ପାରଳାଖେମୁଣ୍ଡି ଓ ଗୁରାଣ୍ଡିଥାନାର ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଏପରି ବିଦ୍ୟୁତ ମିଟର ରିଡର ଜଣେ ଘରର ତଥ୍ୟ ରଖି ଓ ତାଲାପଡିଥିବାର ଦେଖି କଳାକନା ବୁଲାଉଥିବାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଅଛି । ମିଟର ରିଡରଙ୍କୁ ଏଣିକିବିଶ୍ୱାସକୁ ନେବେ ନା ନାହିଁ ଏପରି ଦ୍ୱନ୍ଦ୍ୱରେ ପଡିଛନ୍ତି ବିଦ୍ୟୁତ ଉପଭକ୍ତୋ ମାନେ । ଏନେଇ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା କହିଛନ୍ତି ଯେ ଘରକୁ ଆସୁଥିବା ମିଟର ରିଡର କିମ୍ବା କ୍ଷୀର ବିକିବାକୁ ଆସୁଛନ୍ତି, କୋରିୟର ଦେବାକୁ ଆସୁଛନ୍ତି ସେମାନଙ୍କ ପ୍ରତି ସତର୍କତା ରହିବାକୁ ପରାମର୍ଶ ଦେଇଛନ୍ତି ।

## ଏକତରଫା ପ୍ରେମକୁ ନେଇ ଗୁଳିମାଡ଼

**ମୋହନା, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରେମ ସମ୍ପର୍କକୁ ନେଇ ଯୁବକକୁ ଗୁଳିମାଡ଼ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଢେପାସାହି ଗାଁରେ । ଗାଁରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କକୁ ନେଇ ବିବାଦ ଲାଗି ରହିଥିବା ବେଳ ଆଜି ଗାଁରେ ଏକ ବୈଠକ ଆୟୋଜନ କରଯାଇଥିଲା । ଗାଁର ସନ୍ତୋଷ ପ୍ରଧାନ ନାମକ



ଯୁବକ ଏକ ତରଫା ପ୍ରେମ କରି ସେହି ଗ୍ରାମର ଏକ ଝିଅକୁ ଜୋର୍ ଜବରଦସ୍ତି କିଛି ଦିନ ତଳେ ଉଠାଇ ନେଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ଆଣି ଝିଅକୁ ଅନ୍ୟତ୍ର ବିବାହ କରାଇଥିଲେ । ହେଲେ କିଛି ଦିନ ପରେ ଯେତେବେଳେ ଝିଅ ନିଜ ଗାଁକୁ ଆସିଥିଲା ତାହାର ଫାଇଦା ନେବାକୁ ପୁଣି ଚେଷ୍ଟା କରିଥିଲା ଲାଜର । ଲାଜର ପୁଣି ଝିଅକୁ ଜୋର୍ ଜବରଦସ୍ତି ଟେକି ନେଇ ଏକ ଘରେ ଲୁଚାଇ ରଖିଥିଲା । ପୁଣି ପରିବାର ଲୋକେ ଝିଅକୁ ଉଦ୍ଧାର କରି ସମାଧାନ ପାଇଁ ଗାଁରେ ଏକ ବୈଠକ କରାଯାଇଥିଲା । ହେଲେ ସେହି ସମୟରେ ସନ୍ତୋଷ ପ୍ରଧାନ ବନ୍ଧୁକରେ ଗୁଳି କାଣ୍ଡ ଘଟାଇଥିଲା । ଯାହା ଫଳରେ ଅନିଲ କୁମାର କରାଡ ନାମକ ଯୁବକଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା । ତେବେ ତାଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ଚନ୍ଦ୍ରଗିରି ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ଚିକିତ୍ସା ପରେ ଗୋଡ଼ରେ ଗୁଳି ରହିଥିବା ହେତୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଆପରପକ୍ଷେ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଲାଜରକୁ ଗାଁ ପାଖ ଜଙ୍ଗଲରୁ କାବୁକରି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

## ଜଳିଗଲା ୭ ବଖରା

**ଚାନ୍ଦବାଲି, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଛାତ୍ରପଦା ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ବିଳମ୍ବିତ ରାତିରେ ନିଆଁ ଲାଗି ୭ଟି ପରିବାରର ୧୦ ବଖରା ଘର ଜଳିଯାଇଛି । ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ୧୦ଟି ଗୋରୁ, ଶହେରୁ ଅଧିକ ଛେଳି ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ୧୦୦ରୁ ଅଧିକ ଧାନ ବସ୍ତା ପୋଡ଼ି ନଷ୍ଟ ହୋଇଯାଇଛି । ବର୍ତ୍ତମାନ୍ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁଛ ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି ।

## ଦୁଇ ବାଇକ ମୁହାଁମୁହିଁ, ୨ ଗୁରୁତର

**ଚାରିଛକ, ୫।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ–ନିଆଳୀ ରାସ୍ତାର ଚାରିଛକ ପୁରୁଣା ଫାଣ୍ଡିଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ବାଇକ ଆରୋହୀ ଗୁରତର ଆହତ ହୋଇଥିବା ଜଣାପଡିଛି । ସୁଚନା ମୁତାବକ ଏହି ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ବିନୋଦ ନାୟକ ରବିବାର ସନ୍ଧ୍ୟାରେ ଚାରିଛକ ପଟୁ ନିଆଳୀ ଯାଉଥିବା ସମୟରେ ବିପରୀତ ପଟୁ ଆସୁଥିବା ଏହି ଥାନା ଅନ୍ତର୍ଗତ ସଇଦାବାଦ ଗ୍ରାମର ସତ୍ୟବ୍ରତ ମିଶ୍ରଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟେ ରାସ୍ତା କଡକୁ ଛିଟିକି ପଡିଥିଲେ । ଦୁର୍ଘଟଣା ସ୍ଥଳରୁ ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଇ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି ।

# ଖଳିଆ ବନ୍ଧ କାହାର : ପୌର ପରିଷଦର ନା’ ଫୁଲବାଣୀ ବ୍ଲକର ?

**ଫୁଲବାଣୀ, ୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌର ପରିଷଦ ମଧ୍ୟରେ ଥିବା ସହର ବାସୀଙ୍କର ଅତି ପ୍ରିୟ ଓ ପରିଚିତ ହେଉଛି ଖଳିଆ ବନ୍ଧ । ଯାହାକି ବର୍ତ୍ତମାନ ବସ୍‌ଷ୍ଟାଣ୍ଡରୁ ଫୁଲବାଣୀ ସାହିକୁ ଯିବା ରାସ୍ତାରେ ରହିଅଛି ବହୁ ପୁରାତନ ଖଳିଆ ବନ୍ଧ । ଉକ୍ତ ବନ୍ଧରେ ଖରାଦିନରେ ଫୁଲବାଣୀ ସାହି, ପେଂଜି ସାହି, କୁମ୍ଭାର ପଡା ସମେତ ସହର ଜନସାଧାରଣ ଦୈନନ୍ଦିନ ଏହାକୁ ବ୍ୟବହାର କରୁଥିଲେ । ତେଣୁ ଖଳିଆ ବନ୍ଧ କହିଲେ ଫୁଲବାଣୀ ସହର ତଥା ସହର ବାହାରର ଆବାଳ ବୃଦ୍ଧ ବନିତା ଜାଣିପାରିବେ ଯେ ଏହି ବନ୍ଧ କୋଉଠି ଅଛି ବୋଲି, ତେଣୁ ଏହି ପୋଖରୀ ଭାରି ପରିଚିତ । ଲୋକେ କହନ୍ତି ଏହି ବନ୍ଧଟି ଖଳିଆ ମାଟିର ଜାଗାରେ ଖୋଳା ଯାଇଥିବାରୁ ଖଳିଆ ବନ୍ଧ ନାମରେ ପରିଚିତ ଓ ସରକାରୀ ରେକର୍ଡ଼ ଭୁକ୍ତ ଅଟେ । ଦଶନ୍ଧି ପୂର୍ବରୁ ଖଳିଆ ମାଟିରେ ପୁରୁଷ ଓ ପ୍ରାୟତଃ ବିଶେଷ କରି ମହିଳାମାନେ ମୁଣ୍ଡ ଧୋଉଥିଲେ, ଆଉ ମୁଣ୍ଡ ବି ଅତି ଆଶ୍ଚର୍ଯ୍ୟ ଭାବେ ସଫା ହେଉଥିଲା ଓ କେଶ ଚିକ ଚିକ କରୁଥିଲା, ତଦ୍ୱାରା ମୁଣ୍ଡରୁ ରୁଟି ମଧ୍ୟ ବର୍ତ୍ତମାନ ତୁଳନାରେ ଉପୁଡି ଯାଉନ ଥିବାର ଅନେକ ନଜିର ରହିଛି । ଦୀର୍ଘ ୨୫ ବର୍ଷ ତଳେ ଲୋକେ ଏହି ପୋଖରୀକୁ ବହୁଳ ଭାବରେ ବ୍ୟବହାର କରୁଥିଲେ ଓ ବର୍ତ୍ତମାନ ବନ୍ଧକୁ ସମୟାନୁକ୍ରମେ ରକ୍ଷଣାବେକ୍ଷଣ କରାନ ଯିବା ଆଉ ପଙ୍କ ଉଦ୍ଧାର କରାଯାଇନ ଥିବାରୁ କ୍ରମଶଃ ବନ୍ଧର ପାଣି ନୀଳ ଓ ଅପରିଷ୍କାର ହେବାରେ ଲାଗିଛି । ଫଳରେ ସହରରେ ରଖିଥିବା ଗାଈଗୋରୁଙ୍କୁ ନେଇ ଲୋକେ ଉକ୍ତ ବନ୍ଧ ଭିତରେ ନେଇ ଗାଈ ଗୋରୁ ଗାଧେଇଲେ, ଯାହା ଫଳରେ ଲୋକେ ଉକ୍ତ ପୋଖରୀ ପାଣିକୁ ବ୍ୟବହାର କରିବା ପାଇଁ ପସନ୍ଦ କଲେ ନାହିଁ । ଯାହାଫଳରେ ଦିନକୁ ଦିନ ପରେ ଖଳିଆ ବନ୍ଧର କାଚକେନ୍ଦୁ ପରି ପାଣି ଦୂଷିତ ହେବାରେ ଲାଗିଛି । ବର୍ତ୍ତମାନ ମଧ୍ୟ ଏଭଳି ଦୂଷିତ



ପାଣିରେ ମଧ୍ୟ ଅବକାରୀ ବିଭାଗ ହେଉ କି ପୋଲିସ ବିଭାଗର ସୁଇମିଙ୍ଗ ଟେଷ୍ଟ କରାଯାଉଥିବା ଦେଖିବାକୁ ମିଳୁଛି । ବିଗତ ଦିନରେ ଏହି ବନ୍ଧରୁ ଲୋକେ କଇଁଫୁଲ ସଂଗ୍ରହ କରୁଥିଲେ । ଏମିତି ଭାବେ ଖଳିଆ ବନ୍ଧ ଫୁଲବାଣୀ ଅଞ୍ଚଳବାସୀଙ୍କ ଉପକାରରେ ବ୍ୟବହାର ହେଇପାରୁଥିଲା ଉକ୍ତ ବହୁ ପୁରାତନ ଖଳିଆ ବନ୍ଧର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି । ବନ୍ଧର ମରାମତି କାର୍ଯ୍ୟ ପାଇଁ ଅଭିଯୋଗ କଲେ ପୌର ପରିଷଦ କହୁଛି ବନ୍ଧ ଆମର ନୁହେଁ ବୋଲି ଆଉ ଫିସେରୀ ବିଭାଗ କହୁଛି ଆମର ନୁହଁ ଆଉ ବ୍ଲକ କହୁଛି ଖଳିଆ ବନ୍ଧ ଆମର ନୁହଁ, ହେଲେ ଏହି ସର୍ବପୁରାତନ ଖଳିଆ ବନ୍ଧ କାହାର ? ଆଉ କିଏ କରିବ ଏହି ଖଳିଆ ବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟ, ବ୍ଲକ ନ ପୌରପରିଷଦ ନ ଫିସେରୀ ବିଭାଗ ? କିଏ ଦେବ ଏହାର ପ୍ରକୃତ ଉତ୍ତର ? ବର୍ଷା ଦିନେ ଖଳିଆ ବନ୍ଧର ପାଣି କୁଳ ଲଙ୍ଘି ରାସ୍ତା ଉପର ଦେଇ ବହିଯାଉଛି ଯାହାଫଳରେ ସେଇ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ, ବାଇକ ଚଳାକମାନେ ବହୁ ଅସୁବିଧାର ସନମୁଖୀନ ହେଉଥିବା ବହୁ ନଜିର ରହିଛି । ଉକ୍ତ ଖଳିଆ ବନ୍ଧ ପୌରପାରିଷଦର ୪ ନମ୍ବର ଆଉ ୫ ନମ୍ବର ୱାର୍ଡ ମଧ୍ୟରେ ଥିଲେ ମଧ୍ୟ ଉଭୟ ୱାର୍ଡର ନିର୍ବାଚିତ କାଉନସିଲରମାନେ କାହିଁକି ଏହି ପୋଖରୀକୁ ଅଣଦେଖା କରୁଛନ୍ତି ତାହାବି ପ୍ରଶ୍ନବାଚୀ ? ପୌର ପରିଷଦ ଦ୍ୱାରା ପୋଖରୀକୁ ରାସ୍ତାର ମରାମତି କାର୍ଯ୍ୟ କରାଯଇପାରୁଛି ହେଲେ ଉକ୍ତ ଖଳିଆ ବନ୍ଧର ମରାମତି କାର୍ଯ୍ୟ କରିବା ପାଇଁ କାହାର ଆନ୍ତରିକତା ରହୁନାହିଁ କାହିଁକି? ସେ ଯାହାବି ହେଉନା କାହିଁକି ସହର ମଧ୍ୟ ସ୍ଥଳରେ ଥିବା ଉକ୍ତ ଖଳିଆ ବନ୍ଧକୁ ସହରବାସୀଙ୍କ ଉପକାରରେ ଆସିବା ପାଇଁ ପୌର ପରିଷଦ ନିଜ ଅଧୀନରେ ଗ୍ରହଣ କରି ତାର ପଙ୍କ ଉଦ୍ଧାର କାର୍ଯ୍ୟ ସହିତ ବନ୍ଧର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ପାଇଁ ଉଭୟ ୱାର୍ଡର କାଉନସିଲର, ପୌର ପରିଷଦ ଅଧ୍ୟକ୍ଷା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲାପାଳ ବେଦଭୂଷଣ ଦୃଷ୍ଟି ଦେଇ ଏହାର ଉନ୍ନତି କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେବା ସହିତ ଜିଲ୍ଲାପାଳଙ୍କ ଜିଲ୍ଲାପାଳ ହସ୍ତକ୍ଷେପ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ ରଖିଛନ୍ତି । ଦେଖାଯାଉ ଖଳିଆ ବନ୍ଧର ଖବର ପ୍ରସାରଣ ପରେ ପୌର ପରିଷଦ କିମ୍ବା ଜିଲ୍ଲାପାଳ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାର ବାକି ରହିଲା ।

■ ଏଣିକି ମଦ ପିଇ 'ଆମ ବସ୍' ଚଳାଇଲେ ଚାଳକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ଏଥିସହିତ ଟ୍ରାନ୍ସପୋର୍ଟ କମିଶନର, ଭୁବନେଶ୍ୱର ମଧ୍ୟରେ ଚାଲୁଥିବା 'ଆମ ବସ୍'ଗୁଡ଼ିକର ଫିଟ୍‌ନେସ୍ ଯାଞ୍ଚ ଆରମ୍ଭ କରିଛନ୍ତି । ପ୍ରଥମେ ମାଷ୍ଟର କ୍ୟାଣ୍ଟିନଠାରୁ ରାମମନ୍ଦିର ରାସ୍ତାରେ ଯାଉଥିବା ଆମ ବସ୍‌ଗୁଡ଼ିକର ଚେକିଂ କରାଯାଇଛି । କୌଣସି ଭୁଲ୍ ପରିଲକ୍ଷିତ ହେଲେ ସେହି ଗାଡ଼ି ସହ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ଟ୍ରାନ୍ସପୋର୍ଟ କମିଶନର ସୂଚନା ଦେଇଛନ୍ତି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୬ ଜାନୁଆରୀ, ୨୦୨୬ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ

# ଡ୍ରାଇଭିଂ ଟେଷ୍ଟକୁ କଡ଼ାକଡ଼ି କରାଯାଉ

**ଗୋ**ଟେ ସମୟରେ ଘରେ ବସି ମଧ୍ୟ ଡ୍ରାଇଭିଂ ଲାଇସେନ୍ସ ହାସଲ କରିହେଉଥିଲା । ଏଥିପାଇଁ ବ୍ରୋକର ବା ଦଲାଲଙ୍କୁ କିଛି ପାଉଣା ଦେବାକୁ ପଡୁଥିଲା । ଦଲାଲ ଜଣକ ପରିବହନ ବିଭାଗ କର୍ମଚାରୀମାନଙ୍କୁ ମଧ୍ୟ କିଛି ପ୍ରଣାମି ଦେଇ ଆବେଦନକାରୀଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ କରାଇ ଦେଉଥିଲେ । ଦଲାଲ ଏବଂ ପରିବହନ ବିଭାଗ ଭିତରେ ଏକ ମଧୁର ସମ୍ପର୍କ ଥିଲା । ଏଇ ସମ୍ପର୍କ ପାଇଁ ହିଁ ହଜାର ହଜାର ଲୋକ ବିନା ଟେଷ୍ଟରେ ଡ୍ରାଇଭିଂ ଲାଇସେନ୍ସ ହାତେଇ ନେଇଛନ୍ତି, ଯେଉଁମାନଙ୍କର ଗାଡ଼ି ଚାଳନା ଉପରେ ସାମାନ୍ୟ ଅଭିଜ୍ଞତା କିମ୍ବା ଦକ୍ଷତା ନାହିଁ । ଏହା ମଧ୍ୟ ଆମ ରାଜ୍ୟରେ ଦୁର୍ଘଟଣା ହାର ବଢ଼ାଇବାର ଅନ୍ୟ ଏକ କାରଣ ।

ଏବେ ଡ୍ରାଇଭିଂ ଲାଇସେନ୍ସକୁ ଟିକେ କଡ଼ାକଡ଼ି କରାଯାଇଛି ସତ କିନ୍ତୁ ସେଥିରେ ଯେ ଗଳିଆବାଟ ତିଆରି ହୋଇନି ଏକଥା କହିବା ଭୁଲ୍ ହେବ । ଆମ ଦେଶରେ ପ୍ରତିଟି ସରକାରୀ କାମ ପାଇଁ ଦୁଇଟି ବାଟ ଥାଏ– ଗୋଟେ ନିୟମ ଅନ୍ତର୍ଭୁକ୍ତ ବାଟ, ଆଉଗୋଟେ ନିୟମ ବହିର୍ଭୂତ ବାଟ । ନିୟମ ବହିର୍ଭୁତ ବାଟରେ ଗଲେ କିଛି ଝାମେଲା ନଥାଏ । କୌଣସି କଷ୍ଟ କରିବାକୁ ପଡ଼େନି । ଦଲାଲ ଜଣକ ଆପଣଙ୍କ ଶ୍ରମକୁ ଲାଘବ କରେ କିଛି ପାଉଣା ନେଇ, ଆଉ ସେଇ ପାଉଣାରେ ଭାଗ ଥାଏ ବିଭାଗୀୟ ଦୁର୍ନୀତିଗ୍ରସ୍ତ ବାବୁ ଏବଂ କର୍ମଚାରୀମାନଙ୍କର । ସିଧାବାଟରେ ଗଲେ ଆପଣଙ୍କର ଚପଲ ଘୋରି ହୋଇଯିବ, ସିଏ ଯେତେ ଦାମୀ କମ୍ପାନୀର ଚପଲ ହେଇଥାଉ ନା କାହିଁକି? ତେଣୁ ଯେଉଁମାନେ ବୁଦ୍ଧିମାନ ବ୍ୟକ୍ତି ସେମାନେ ସିଧା ବାଟରେ ଯାଇ ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ । ସିଧାବାଟରେ ଗଲେ ବାରମ୍ବାର ଦୌଡ଼ିବାକୁ ପଡ଼ିବ ଆଉ ଆପଣଙ୍କୁ ଗୁଡ଼େ ଅଯଥା କାଗଜପତ୍ର ସରକାରୀ କିରାଣିମାନେ ମାଗିବେ, ଯାହାର କୌଣସି ଆବଶ୍ୟକତା ହିଁ ନଥିବ । ଗଳାବାଟରେ ଗଲେ କିଛି ଦରକାର ପଡ଼ିବନି ।

ଆଜିକାଲି କୁଆଡ଼େ ନୂଆ ସରକାର ଆସିବା ପରେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯାଉଛି । ଅଧିକ କଠୋର ହୋଇଛନ୍ତି ସରକାର ପୂର୍ବ ସରକାରଙ୍କ ତୁଳନାରେ । ପୂର୍ବ ସରକାର ଅମଳରେ ମଧ୍ୟ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯାଉଛି ବୋଲି ପ୍ରଚାର ଚାଲିଥିଲା, ଏବେ ମଧ୍ୟ ଚାଲିଛି ।

ନିଯୁକ୍ତିମେଳାରେ ନବନିଯୁକ୍ତ ଯୁବକ ଯୁବତୀମାନଙ୍କୁ ସଚ୍ଚୋଟ ହେବାର ପରାମର୍ଶ ଦେଉଛନ୍ତି ମୁଖ୍ୟମନ୍ତ୍ରୀ । ଆଗକୁ ଦୁର୍ନୀତି କମିବ ବୋଲି ଆମେ ଆଶା କରିପାରିବା ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ରାଜ୍ୟରେ ରାସ୍ତା ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢୁଛି, ଦେଶର ହାରଠାରୁ ଆମ ରାଜ୍ୟରେ ରାସ୍ତା ଦୁର୍ଘଟଣା ହାର ଅଧିକ ରହିଛି । ଦୁର୍ଘଟଣା ପାଇଁ ଯେତେ ସଚେତନତା କାର୍ଯ୍ୟକ୍ରମ କଲେ ମଧ୍ୟ ଦୁର୍ଘଟଣାକୁ ରୋକାଯାଇପାରୁନି । ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ କରାଯାଉଥିବା ସପ୍ତାହ ମଧ୍ୟରେ ମଧ୍ୟ ଦୁର୍ଘଟଣା ଘଟୁଛି, ସବୁପ୍ରକାର ସତର୍କତା ସତ୍ତ୍ୱେ । ଦୁର୍ଘଟଣା ହାର ଯେତେ ଜଗିଲେ ବି ଶୂନ୍ୟ କରାଯାଇପାରୁନି ।

ଏଇ କିଛିମାସ ହେଲା 'ସିଟି ବସ୍' ବା 'ଆମ ବସ୍' ଏକାଧିକ ଦୁର୍ଘଟଣା ଘଟାଇବାର ଖବର ପ୍ରକାଶ ପାଇଛି । ଏଥିରେ ବେଶ୍ କିଛି ଲୋକ ମୃତାହତ ମଧ୍ୟ ହୋଇଛି । 'ଆମ ବସ୍'କୁ ଲୋକେ 'ଯମ ବସ୍' ବୋଲି କହିବାକୁ ଆରମ୍ଭ କଲେଣି । ଖବରରୁ ଜଣାଯାଇଛି– ଏଣିକି ଯାଞ୍ଚ କଡ଼ାକଡ଼ି ହେବ । ଆମ ଦେଶରେ ନେଡିଗୁଡ଼ କହୁଣୀକୁ ଛୁଇଁଲେ ସବୁପ୍ରକାର ଯାଞ୍ଚକୁ କଡ଼ାକଡ଼ି କରାଯାଏ । ପୂର୍ବରୁ କଡ଼ାକଡ଼ି କରିବାକୁ କିଏ କ'ଣ ମନା କରିଥାଏ?

ଏଣିକି ମଦ ପିଇ 'ଆମ ବସ୍' ଚଳାଇଲେ ଚାଳକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ଏଥିସହିତ ଟ୍ରାନ୍ସପୋର୍ଟ କମିଶନର, ଭୁବନେଶ୍ୱର ମଧ୍ୟରେ ଚାଲୁଥିବା 'ଆମ ବସ୍'ଗୁଡ଼ିକର ଫିଟ୍‌ନେସ୍ ଯାଞ୍ଚ ଆରମ୍ଭ କରିଛନ୍ତି । ପ୍ରଥମେ ମାଷ୍ଟର କ୍ୟାଣ୍ଟିନଠାରୁ ରାମମନ୍ଦିର ରାସ୍ତାରେ ଯାଉଥିବା ଆମ ବସ୍‌ଗୁଡ଼ିକର ଚେକିଂ କରାଯାଇଛି । କୌଣସି ଭୁଲ୍ ପରିଲକ୍ଷିତ ହେଲେ ସେହି ଗାଡ଼ି ସହ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ଟ୍ରାନ୍ସପୋର୍ଟ କମିଶନର ସୂଚନା ଦେଇଛନ୍ତି ।

ଶନିବାର ଦିନ ସହିଦନଗର ଥାନା ଅନ୍ତର୍ଗତ ରୁପାଲି ଛକରେ 'ଆମ ବସ୍' ଯମଭଳି ମାଡ଼ି ଆସି ଏକ ଅଟୋକୁ ଧକ୍କା ଦେବା ଫଳରେ ଦୁର୍ଘଟଣା ସ୍ଥଳରେ ଅଟୋ ଚାଳକ ପ୍ରାଣ ହରାଇଥିଲେ । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦେଖଣାହାରୀ ତଟସ୍ଥ ହୋଇଯାଇଥିଲେ ।

ସରକାରୀ କଠୋରତା ଯଦି ସବୁବେଳେ ଅବ୍ୟାହତ ରହନ୍ତା ଏବଂ ଡ୍ରାଇଭିଂ ଲାଇସେନ୍ସ ଦକ୍ଷ ଚାଳକଙ୍କୁ ଦିଆଯାଆନ୍ତା ତା'ହେଲେ ବୋଧେ ଦୁର୍ଘଟଣା ସଂଖ୍ୟା କମିପାରନ୍ତା । ଅତୀତରେ ବିନା ଟେଷ୍ଟରେ ଯେଉଁମାନେ ଡ୍ରାଇଭିଂ ଲାଇସେନ୍ସ ହାତେଇ ନେଇଛନ୍ତି ସେମାନଙ୍କ ପାଇଁ ମଧ୍ୟ ଦୁର୍ଘଟଣାହାର ବଢୁଛି । ଏଥିପ୍ରତି ସରକାର ଦୃଷ୍ଟି ଦେବେ ବୋଲି ଆଶା ।

# ଚାନ୍ଦା ପାଇଁ ଧନ୍ଦା



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

**ତୁଷାରକାନ୍ତ**

**ଏ**ହି ଦୈନିକ ସମ୍ବାଦପତ୍ରର ତା୩୦.୧୨.୨୦୨୫ରିଖର ସଂସ୍କରଣରେ ପ୍ରକାଶିତ ତଥା ମୋ ଲିଖିତ ପ୍ରବନ୍ଧଟିର ଶୀର୍ଷକ ଥିଲା 'ଧନ୍ଦା ପାଇଁ ଚାନ୍ଦା ।' ଏଥିରେ, ଚୁଇଁମାନଙ୍କଠାରୁ ଆରମ୍ଭକରି ଥାକକୁ ଥାକ ଦେଇ ସବୁଠାରୁ ବଡ଼ ବଡ଼ ପୁଞ୍ଜିପତି, ବ୍ୟବସାୟୀ ସରକାରୀ କାମ ପାଇବାକୁ କିପରି ଚୁଇଁନେତାମାନଙ୍କଠାରୁ ଆରମ୍ଭ କରି ଥାକକୁ ଥାକ ଦେଇ ସର୍ବୋଚ୍ଚସ୍ତରର ନେତାମାନଙ୍କୁ ଚୁଇଁ ପରିମାଣର ଚାନ୍ଦା ଦେବାଠାରୁ ଆରମ୍ଭ କରି ଥାକକୁ ଥାକ ଦେଇ ବିରାଟ ବିରାଟ ପରିମାଣର ଚାନ୍ଦା ଦେଇଥାଆନ୍ତି, ସେସବୁ ବାବଦରେ ବର୍ଣ୍ଣନା ରହିଥିଲା ।

ଏଥରର ଶୀର୍ଷକଟି, ଗତଥରର ଶୀର୍ଷକ 'ଧନ୍ଦା ପାଇଁ ଚାନ୍ଦା'କୁ ଓଲଟାଇ ଦିଆଯାଇ 'ଚାନ୍ଦା ପାଇଁ ଧନ୍ଦା' ରଖାଯାଇଛି, ଯେଉଁଥିରେ ସରକାରୀ ଦଳର ଲୋକେ କିପରି ବିରାଟ ବିରାଟ ପରିମାଣର ଚାନ୍ଦା ଆଦାୟ କରିବାକୁ ବଡ଼ ବଡ଼ ଲୋକଙ୍କୁ ବଡ଼ ବଡ଼ ଧନ୍ଦା ଯୋଗାଇଥାନ୍ତି, ତାହା ଉପରେ ଉପଲବ୍ଧ ଶହ ଶହ ଉଦାହରଣରୁ ଗୋଟିଏ ଉଦାହରଣ ବାବଦରେ କିଛି ଆଲୋଚନା କରାଯାଇଛି । ଏହା 'ଆରାବଳୀ ପର୍ବତମାଳା ଖନନ' ଉପରେ ଚାଲିଥିବା ବାଦ–ବିସମ୍ବାଦ ଉପରେ ପର୍ଯ୍ୟବସିତ ।

(୧) ରାଜତନ୍ତ୍ରର ରାଜା ପାହାନ୍ତିଆ ସକାଳୁ ସକାଳୁ ନିଦରୁ ଉଠି 'ଏବେ ମଧ୍ୟରାତ୍ରି ହୋଇଛି' କହୁ କହୁ, ରାଣୀ ତଥା ମନ୍ତ୍ରୀ ପରିଷଦ, ପଣ୍ଡିତ (ବିଶେଷଜ୍ଞ) ପରିଷଦ, ନ୍ୟାୟିକ ପରିଷଦ, ଭାଟ (ବର୍ତ୍ତମାନର ଗଣମାଧ୍ୟମ) ପରିଷଦ, ବୁଦ୍ଧିଜୀବୀ ପରିଷଦ, ପ୍ରଜା ପରିଷଦ' ଇତ୍ୟାଦି ଅନୁଷ୍ଠାନଗୁଡିକର ଆବାଳବୃଦ୍ଧବନିତା ରଡ଼ି ପକେଇଥିଲେ, 'ହଁ ହଁ, ବର୍ତ୍ତମାନ ମଧ୍ୟରାତ୍ରି ଚାଲିଛି ମଧ୍ୟରାତ୍ରି' ।

ଯଦିଓ ସକାଳର ସୂର୍ଯ୍ୟ ଦିଶିବା ଆରମ୍ଭ ହୋଇଥିଲା, ତଥାପି ରାଜତନ୍ତ୍ରର ରାଜା କହିଥିବାରୁ, 'ପାହାନ୍ତିଆ ସକାଳ ବି ମଧ୍ୟରାତ୍ରି'ରୂପେ ଘୋଷିତ ହେଇଥିଲା ।

(୨) 'ଆରାବଳୀ ପର୍ବତାଞ୍ଚଳ' ଗୁଜରାଟରୁ ଆରମ୍ଭହୋଇ, ରାଜସ୍ଥାନ, ହରିୟଣା ଓ ଦିଲ୍ଲୀ ସୀମାରେ ଥିବା National Capital Territory (NCR) ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହାର ୮୦% ଅଂଶ ରାଜସ୍ଥାନ ରାଜ୍ୟର ଅନ୍ତର୍ଭୁକ୍ତ ।

(୩) ଏହା ପୃଥିବୀର ଅନ୍ୟତମ ପର୍ବତମାଳା, ଯାହାର ସୃଷ୍ଟି ୩୨୦ କୋଟି ବର୍ଷତଳେ ହୋଇଥିବାର ଅନୁମାନ କରାଯାଏ । ଏହା ଉତ୍ତର–ପଶ୍ଚିମ ଭାରତର ପ୍ରାକୃତିକ ରକ୍ଷାକର୍ତ୍ତା ଭାବରେ କାର୍ଯ୍ୟ କରିଆସୁଛି । ଏହାଥିବାରୁ ରାଜସ୍ଥାନର 'ଥର ମରୁଭୂମି' ଅନ୍ୟ ଆଡକୁ ପ୍ରସାରିତ ହେଉନାହିଁ । ଏହାର ପରିବ୍ୟାପ୍ତ ଅଞ୍ଚଳର ଭୂତଳ ଜଳସ୍ତରର ସୁରକ୍ଷା ଏହି ପର୍ବତମାଳା ଉପରେ ନିର୍ଭରଶୀଳ । ଏହା ମଧ୍ୟ ଅତି ଦରକାରୀ 'ଜୈବ ବିବିଧତା– BIO DIVERSITY'କୁ ସୁରକ୍ଷା ପ୍ରଦାନ କରୁଛି । ଏହା ଚମ୍ବଲ, ସାବରମତୀ, ଲୁନୀ ଇତ୍ୟାଦି ନଦୀଗୁଡିକର ଜଳସ୍ରୋତର ଅନ୍ୟତମ ଉତ୍ସ, ଯାହା ପିଇବା ତଥା ଜଳସେଚନ ପାଇଁ ଜଳ ଯୋଗାଇଥାଏ । ସାରିସ୍କା,ରଥାମ୍ବୋରା ଇତ୍ୟାଦି ବିବିଧ ପ୍ରାଣୀସମ୍ପଦ ଭରା ଅଞ୍ଚଳର ବାଘ ଓ ଅନ୍ୟାନ୍ୟ ଜନ୍ତୁମାନଙ୍କର ରକ୍ଷଣାବେକ୍ଷଣ, ଗତାୟତରେ ଏହା ସାହାଯ୍ୟ କରିଥାଏ । ଉତ୍ତର–ପଶ୍ଚିମ ଭାରତବାସୀଙ୍କ ପାଇଁ ଶୁଦ୍ଧ ଅକ୍ସିଜେନ ଯୋଗାଣରେ ଏହାର ପ୍ରମୁଖ ଭୂମିକା ରହିଛି । ଏହା ମଧ୍ୟ ଜନତାଙ୍କୁ ଧୂଳି, ବିଷାକ୍ତ କୁହୁଡ଼ିର କୁ–ପ୍ରଭାବରୁ ରକ୍ଷା କରି, ବାୟୁମଣ୍ଡଳର ସମତା ରକ୍ଷାପାଇଁ ସାହାଯ୍ୟ କରିଥାଏ ।

(୪) ଏହା ଯୁଗ ଯୁଗର ବାସ୍ତବିକତା ଯେ 'କିଛି ଚାଲାକ ଓ ବଳଶାଳୀ ବର୍ଗର ଲୋକମାନେ, ନିରୀହ, ସରଳ ତଥା ଦୁର୍ବଳ ବର୍ଗର ମାତ୍ରାଧିକ ଲୋକମାନଙ୍କୁ ଶୋଷଣ କରିଥାଆନ୍ତି', ଠିକ ଯେମିତି ମାନବ ସଭ୍ୟତାର ପ୍ରାରମ୍ଭିକ କାଳରେ ଚାଷବାସର ଆବଶ୍ୟକତା ପଡ଼ିବାପରେ, ନଦୀକୂଳ ତଥା ସମତଳ ଅଞ୍ଚଳର ଯଥେଷ୍ଟ ଆବଶ୍ୟକତା ଅନୁଭୂତ ହେବାରୁ କିଛି ଚାଲାକ ତଥା ଧୂର୍ତ୍ତ ଲୋକେ ଏଭଳି ଅଞ୍ଚଳରେ ବସବାସ କରୁଥିବା ମାତ୍ରାଧିକ ମୂଳନିବାସୀଗଣଙ୍କୁ ଏଠାରୁ ବଣଜଙ୍ଗଲ, ଅପହଞ୍ଚ ଇଲାକାକୁ ତଡ଼ିଦେଇ ଏହି ଚାଷପୋଯୋଗୀ ସ୍ଥାନଗୁଡିକୁ ଅକ୍ତିଆର କରି ନେଇଥିଲେ ।

ଏହାର ପରବର୍ତ୍ତୀ ଶିଳ୍ପସଭ୍ୟତାର ଆରମ୍ଭ ହେବାପରେ, ଏଥିପାଇଁ ବଣଜଙ୍ଗଲରେ ଯଥେଷ୍ଟ କଞ୍ଚାମାଲ ରହିଛି ବୋଲି ଜଣାପଡିବା ପରେ, ସେହି ସରଳ ଓ ନିରୀହ ଲୋକମାନଙ୍କୁ ସେଠାରୁ ତଡାଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯାହା ସେଠାର ସେହି ସମ୍ପଦ ଶେଷ ହେବାଯାଏ ଅନବରତ ଚାଲୁ ରହିଥାଏ ।

(୫) ଏହି ଧାରାର ଅଂଶ ବିଶେଷ ସ୍ୱରୂପ, ପାଖାପାଖି ଖ୍ରୀଷ୍ଟପୂର୍ବ ୪୦୦୦ ମସିହାରେ ଆରାବଳୀ ପର୍ବତାଞ୍ଚଳରେ ତମ୍ବାଧାତୁ (Copper) ସନ୍ଧାନରେ ଖନନ ଆରମ୍ଭ ହୋଇଥିଲା ।

(୬) ଏଥିରେ ପ୍ରତିବନ୍ଧକ ଲଗାଇବାକୁ ୧୯୮୦ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟରେ ଗୋଟିଏ 'ଜନ ହିତକାରୀ ମାମଲା' (PIL) ଦାଖଲ କରାଯାଇଥିଲା । ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ତରଫରୁ ନିଷ୍ପତ୍ତି ଦିଆଯାଇଥିଲା ଯେ, 'ଆରାବଳୀ ପର୍ବତମାଳା ଖନନ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି ନେବାକୁ ପଡିବ ।' ପୁନଃଶ୍ଚ,୨୦୦୨ ମସିହାରେ ସୁପ୍ରିମକୋର୍ଟଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, 'ସରକାରଙ୍କ ବିନା ଅନୁମତିରେ ଜଙ୍ଗଲ ଅଞ୍ଚଳରେ କୌଣସି ଖନନ କାର୍ଯ୍ୟ କରାଯାଇ ପାରିବ ନାହିଁ ।'

(୭) ଏତେସବୁ ପ୍ରତିବନ୍ଧକ ସତ୍ତ୍ୱେ, ୨୦୦୩ ମସିହାରେ ରାଜସ୍ଥାନ ପ୍ରଦେଶର ଶାସନରେଥିବା କଂଗ୍ରେସର ଗଣତାନ୍ତ୍ରିକ ରାଜା (ମୁଖ୍ୟମନ୍ତ୍ରୀ) ଅଶୋକ ଗେହଲୋଟ ହଠାତ୍ 'ଆରାବଳି ପର୍ବତମାଳାର ଅମୁକ ଅମୁକ ଅଂଶ ପର୍ବତଶ୍ରେଣୀର ନୁହେଁ, ତେଣୁ ସେଠାରେ ଖଣି ଖୋଳିବା, ବସତି ସ୍ଥାପନ, ପର୍ଯ୍ୟଟନସ୍ଥଳୀ ନିର୍ମାଣ ଇତ୍ୟାଦି କରାଯିବ' ବୋଲି ବିଳିବିଳାନ୍ତେ, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ତଥା ଭାଟ ପରିଷଦ, ନ୍ୟାୟିକ ପରିଷଦ, ବୁଦ୍ଧିବାଦୀ ପରିଷଦ, ପଣ୍ଡିତ (ବିଶେଷଜ୍ଞ) ପରିଷଦ' ଇତ୍ୟାଦି ପରିଷଦର ସଦସ୍ୟଗଣ ଭାଗ ଭାଗ ହୋଇଯାଇ ସମର୍ଥନ ତଥା ବିରୋଧ କରିବାପରେ, ଶ୍ରୀ ଗେହଲୋଟ ଚୁପ୍ ରହିଥିଲେ ।

(୮) ୨୦୦୯ ମସିହାରେ ସୁପ୍ରିମକୋର୍ଟଙ୍କ ତରଫରୁ ହରିୟଣାର ଗୁରଗ୍ରାମ, ଫରିଦାବାଦ, ମେଓ୍ୱାଟ ଅଞ୍ଚଳର ଆରାବଳୀ ଖନନ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଥିଲା ।

(୯) ୨୦୧୦ ମସିହା ଫେବୃୟାରୀ ମାସରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମତେ ଗଠିତ ଗୋଟିଏ ଉଚ୍ଚସ୍ତରୀୟ କମିଟିର କର୍ମକର୍ତ୍ତା ଓ Forest Survey of Indiaର ବିଶେଷଜ୍ଞ ମିଶି ସେହି ୨୦୧୦ ମସିହା ଅକ୍ଟୋବର ମାସରେ ସୁପାରିଶ କରିଥିଲେ ଯେ, 'ଆରାବଳୀ ପର୍ବତମାଳାର ଚିହ୍ନଟ ୩% ଢଳାଣ (Slope) ଉପରେ ଆଧାରିତ ହେବ ।'

(Why the 3-Degree Formula Matters The FSI and environmentalists advocate for the slope-based formula because many parts of the Aravallis are low-lying ridges (between 10m and 30m high). While they are not tall, they are geologically part of the range and serve as:

Windbreaks: They block heavy dust particles from the Thar Desert, preventing desertification of the National Capital Region (NCR).

Groundwater Rechargers: The fractured rocks in these slopes allow rainwater to seep into aquifers.

Wildlife Corridors: They provide essential connectivity for leopards and other fauna between protected forests.)

(୧୦) 'ତାରିଖ ପେ ତାରିଖ ପେ ତାରିଖ' ଆଦର୍ଶରେ ଅନୁପ୍ରାଣିତ ଆମର ଏହି ଦେଶରେ ତା୯.୫.୨୦୨୪ ରିଖରେ ପୁନଃଶ୍ଚ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶମତେ, କେନ୍ଦ୍ର ସରକାରଙ୍କ ପରିବେଶ ବିଭାଗ FOREST SURVEY OF INDIAର କିଛି ବିଶେଷଜ୍ଞମାନଙ୍କୁ ନେଇ ଗୋଟିଏ ବିଶେଷଜ୍ଞ କମିଟି ଗଢାଯାଇ, 'ଆରାବଳୀ ପର୍ବତାଞ୍ଚଳରେ ଏକିକୃତ (Uniform) ଖନନ ନିୟମାବଳୀ ବାବଦରେ ସୁପାରିଶ କରାଯିବାକୁ' ପରାମର୍ଶ ଦିଆଯାଇଥିଲା ।

(୧୧) ତା୧୩.୧୦.୨୦୨୫ ରିଖରେ କେନ୍ଦ୍ରୀୟ ପରିବେଶ ବିଭାଗ ଏହି କମିଟିର ୧୦୦ ମିଟର ଉଚ୍ଚତା ଫର୍ମୁଲାକୁ ଗ୍ରହଣ କରାଯାଇଥିଲା । 'ଆରାବଳୀ ପର୍ବତାଞ୍ଚଳର ୧୦୦ ମିଟର ପରିଚୟ (100-Metre Aravalli Identification) ଫର୍ମୁଲା: ସୁପ୍ରିମକୋର୍ଟ ଏକ ସମାନ ପରିଭାଷା ଗ୍ରହଣ କରିଥିଲେ ଯେ, ଆରାବଳୀ ପରିବ୍ୟାପ୍ତ ଜିଲ୍ଲାଗୁଡ଼ିକରେ ସ୍ଥାନୀୟ ଭୂମିଠାରୁ ୧୦୦ ମିଟର କିମ୍ବା ତା'ଠାରୁ ଅଧିକ ଉଚ୍ଚତା ଥିବା ଯେ କୌଣସି ଭୂ–ଭାଗକୁ ଆରାବଲ୍ଲୀ ପାହାଡ଼ ଭାବରେ ଗଣାଯିବ, ଏଥିରେ ଏହାର ପାର୍ଶ୍ୱ ଓ ସଂଲଗ୍ନ ଅଞ୍ଚଳ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଆରାବଳୀ ରେଞ୍ଜ (Aravalli Range): ୫୦୦ ମିଟର ପରିଧି ମଧ୍ୟରେ ଥିବା ଦୁଇ ବା ତା'ଠାରୁ ଅଧିକ ଆରାବଳୀ ପାହାଡ଼କୁ ଏକ 'ଆରାବଳୀ ରେଞ୍ଜ' କୁହାଯିବ ।

(The Accepted Recommendation: In its November 20, 2025 judgment, the Supreme Court endorsed the MoEFCC-led committee's proposed uniform criteria for identifying the Aravalli Hills and Ranges, specifically for regulating mining activities. The key components of the accepted definition were:

Aravalli Hill: Any landform in the Aravalli districts having an elevation of 100 metres or more from the local relief (measured from the lowest contour line encircling the landform). This definition included the entire landform within that contour, including supporting slopes.

Aravalli Range: Two or more Aravalli Hills located within 500 metres of each other, with the entire intervening area included as part of the range.

Comparison: FSI vs. New 100-Meter Rule The 3-degree formula has recently been at the center of a legal debate. In November 2025, a new definition was proposed by a Ministry-led panel and initially accepted by the Supreme Court, though later stayed for further review.)

(୧୨) ଏହା ଯେ,'ଚାନ୍ଦା ପାଇଁ ଧନ୍ଦା' ରାଜନୈତିକ ଚାଲବାଜି ଓ ଏଥିଯୋଗୁ ଏହି ଲେଖାର ଉପରେ ଅଂଶରେଥିବା ଲାଭଗୁଡିକ ବ୍ୟାହତ ହେବ, ଉତ୍ତର–ପଶ୍ଚିମ ଭାରତ ମରୁଭୂମି ପାଲଟିଯିବ', ଏସବୁ ଉପଲବ୍ଧି କରି ସେହିସବୁ ଅଞ୍ଚଳର, ବିଶେଷକରି ରାଜସ୍ଥାନର ଜନସାଧାରଣ ପ୍ରବଳ ଜନ ଆନ୍ଦୋଳନ ଗଢିତୋଳିବା ପରେ, ସୁପ୍ରିମକୋର୍ଟଙ୍କ ବର୍ତ୍ତମାନର ମୂଖ୍ୟ ନ୍ୟାୟାଧୀଶଙ୍କ ଅଧକ୍ଷତାରେ ଗଠିତ ଆଉ ଗୋଟିଏ ଖଣ୍ଡପୀଠ, ତା୨୯.୧୨.୨୦୨୫ରିଖରେ, ପୂର୍ବ ଖଣ୍ଡପୀଠର ନିଷ୍ପତ୍ତି ଉପରେ ସାମୟିକ ବିରତି ଲଗାଇ ଗୋଟିଏ ନୂଆ କମିଟି ଗଢାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।' ଏହା ଉପରେ ପରବର୍ତ୍ତୀ ଶୁଣାଣି ତା୨୦.୧.୨୦୨୬ଖକୁ ଧାର୍ଯ୍ୟ କରାଯାଇଛି ।

'ତାରିଖ ପରେ ତାରିଖ ପରେ ତାରିଖ ପରେ ତାରିଖ' ତତ୍ତ୍ୱ ସହିତ 'କମିଟି ପରେ କମିଟି ପରେ କମିଟି ପରେ କମିଟି' ମିଶିଯିବା ଉପରେ, ୧୯୬୦ ଦଶକରେ ଓଡ଼ିଆ ସାମ୍ବାଦିକତା ଜଗତର ଅନ୍ୟତମ ଉଜ୍ଜ୍ୱଳତମ ନକ୍ଷତ୍ର ଗୋଦାବରୀଶ ମହାପାତ୍ର, ତାଙ୍କ ସମ୍ପାଦିତ 'ନିଆଁଖୁଣ୍ଟା' ପତ୍ରିକାର ଗୋଟିଏ ସଂସ୍କରଣରେ 'ଓଡିଶାର ସବୁଆଡେ ବୁଲୁଛି ତଦନ୍ତ, ସମସ୍ତ ତଦନ୍ତ କିନ୍ତୁ ବିଗଳିତ (ଗଳି ପଡିଥିବା) ଦନ୍ତ' ପଦଟି ମନେ ପଡୁଛି ।

(୧୩) 'ଏଭଳି ଯେ ସାଧାରଣ ଜନତାଙ୍କ ଜନ–ଅସନ୍ତୋଷ ତଥା ଆନ୍ଦୋଳନାତ୍ମକ ପଦକ୍ଷେପକୁ ସାମୟିକ ଭାବେ ବିରତି ଦେବାପାଇଁ ଉଦ୍ଦିଷ୍ଟ, କିଛି ସମୟପରେ 'ଚାନ୍ଦା ପାଇଁ ଧନ୍ଦା ତତ୍ତ୍ୱ' ପୁଣି ବଳବତ୍ତର ହୋଇଯିବ, ଯେତେବେଳକୁ ଆଉ ଆନ୍ଦୋଳନ କରିବାକୁ ସାଧାରଣ ଜନତାଙ୍କର ସାମର୍ଥ୍ୟ ନଥିବ' ଭଳି ଉଠୁଥିବା ମତାମତଟିଏକୁ ଅଣଦେଖା କରି ହେଉନି, ଯେହେତୁ ବର୍ତ୍ତମାନର ଅତ୍ୟନ୍ତ ଖର୍ଚ୍ଚବହୁଳ ନିର୍ବାଚନ ପ୍ରକ୍ରିୟାରେ ଭାଗନେବାକୁ ହେଲେ, 'ଧନ୍ଦା ପାଇଁ ଚାନ୍ଦାଚାନ୍ଦା ପାଇଁ ଧନ୍ଦା'ର ନିହତି ଆବଶ୍ୟକତା ରହିଛି ।

(୧୪) ବର୍ତ୍ତମାନର ଗଣତାନ୍ତ୍ରିକ ଶାସନର ରାଜାଗଣ ତଥା ମହାରାଜା ମଧ୍ୟ ସେଇଆ ଚାହୁଁଥିବାରୁ, ରାଜତନ୍ତ୍ର ସମୟର 'ରାଜା ପାହାନ୍ତିଆ ସକାଳୁ ସକାଳୁ ନିଦରୁ ଉଠି ଏବେ ମଧ୍ୟରାତ୍ରି ହୋଇଛି' କହୁ କହୁ, ରାଣୀ ତଥା ମନ୍ତ୍ରୀ ପରିଷଦ, ପଣ୍ଡିତ (ବିଶେଷଜ୍ଞ) ପରିଷଦ, ନ୍ୟାୟିକ ପରିଷଦ, ଭାଟ (ବର୍ତ୍ତମାନର ଗଣମାଧ୍ୟମ) ପରିଷଦ, ବୁଦ୍ଧିଜୀବୀ ପରିଷଦ, ପ୍ରଜା ପରିଷଦ' ଇତ୍ୟାଦି ଅନୁଷ୍ଠାନଗୁଡିକର ଆବାଳବୃଦ୍ଧବନିତାଗଣ, 'ହଁ ହଁ, ବର୍ତ୍ତମାନ ମଧ୍ୟରାତ୍ରି ଚାଲିଛି ମଧ୍ୟରାତ୍ରି'ରଡ଼ି ପକେଇଥିବା ଭଳି 'ଯଦିଓ ସକାଳର ସୂର୍ଯ୍ୟ ଦିଶିବା ଆରମ୍ଭ ହୋଇଥିଲା,' ବର୍ତ୍ତମାନର 'ମନ୍ତ୍ରୀ ପରିଷଦ, ପଣ୍ଡିତ (ବିଶେଷଜ୍ଞ) ପରିଷଦ, ନ୍ୟାୟିକ ପରିଷଦ, ଭାଟ (ବର୍ତ୍ତମାନର ଗଣମାଧ୍ୟମ) ପରିଷଦ, ବୁଦ୍ଧିଜୀବୀ ପରିଷଦ, ପ୍ରଜା ପରିଷଦ' ଇତ୍ୟାଦି ଅନୁଷ୍ଠାନଗୁଡିକର 'ଆବାଳବୃଦ୍ଧବନିତା' ତଦନୁସାରେ '୧୦୦ ମିଟର ଉଚ୍ଚତା ସଠିକ'ରଡ଼ି ପକେଇବା ନିଶ୍ଚିତ ।

ମୋ. ୮୮୯୫୮୫୭୩୧୮

# ଅସହାୟତା ଯନ୍ତାରେ ଅବହେଳିତ ବାର୍ଦ୍ଧକ୍ୟ

**ମ**ଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନରେ ବିଭିନ୍ନ ପର୍ଯ୍ୟାୟର ବଞ୍ଚିବାର ଭିନ୍ନଭିନ୍ନ ତିକ୍ତ ମଧୁର ଅନୁଭୂତି ସାଉଁଟିଥାଏ । କିନ୍ତୁ ଶୈଶବର ମଧୁର ସ୍ମୃତିର ଅନୁଭବ ନିଆରା ଯାହା ସଦା ଅବିସ୍ମରଣୀୟ । ସାଙ୍ଗସାଥୀମାନଙ୍କ ସହ ଖେଳକୁଦ, ହସଖୁସି, ମଜାମଉଜର ଅନୁଭୂତି ବାର୍ଦ୍ଧକ୍ୟରେ ମନକୁ ଆନ୍ଦୋଳିତ କରେ । ସମୟ ବଡ଼ ବଳବାନ । ସମୟ ଚକ୍ରରେ ମଣିଷ ବୟସର ଗତିରେ କୈଶୋର ଶିକ୍ଷା ଦୀକ୍ଷା, ଯୌବନର ଜୀବନ ଜୀବିକା, ପ୍ରୌଢତ୍ୱର ସାଂସାରିକ ଗୁରୁଦାୟିତ୍ୱ ସମ୍ପାଦନ ଅତିକ୍ରମ କରି ଶେଷରେ ଜରା ବା ବାର୍ଦ୍ଧକ୍ୟର ଜୀବନ ଯନ୍ତ୍ରଣାରେ ଉପନୀତ ହେବ । ସେତେବେଳେ ମନେପକାଇବ ଦାୟିତ୍ୱବିହୀନ ଆନନ୍ଦ ଉଲ୍ଲାସରେ ବିତାଇଥିବା ବାଲ୍ୟକାଳର ଅଭୁଲା କଥା ।

ସାମ୍ପ୍ରତିକ ସମାଜରେ ମାନବିକ ମୂଲ୍ୟବୋଧ, ପାରିବାରିକ ଦାୟିତ୍ୱବୋଧ, ପାରସ୍ପରିକ ଶ୍ରଦ୍ଧାସମ୍ମାନର ଅବକ୍ଷୟତା ଶେଷ ଜୀବନରେ ମଣିଷକୁ ଅସହାୟତାର ଅପସଂସ୍କୃତି ଆଡକୁ ଟାଣିନେଉଛି । ପରିଣତ ବୟସରେ ଅବହେଳିତ ବାର୍ଦ୍ଧକ୍ୟ ଜରାଶ୍ରମର ଆଶ୍ରୟକୁ ଆପଣେଇ ନେବାକୁ ବାଧ୍ୟ ହେଉଛି ।



**ନିର୍ମଳ ଚନ୍ଦ୍ର ସାମଲ**

ବରିଷ୍ଠ ନାଗରିକମାନଙ୍କ ପରିଣତ ବୟସର ଅସହାୟତାର ଅସରନ୍ତି କାହାଣୀ କହିଲେ କହିଲେ କୁଳ କୁଟୁମ୍ବକୁ ଲାଜ ଆଉ ନକହିଲେ କୁଳ ଭାସିଯାଉଛି । ତଥାପି ମୋହ ଓ କୋହର ଅନୁଭୂତିର ଅସରନ୍ତି କାହାଣୀ ଅବତାରଣା କରିବାକୁ ବାଧହେଉଛି । ଆଜିକାଲି ଗାଁ ଗଣ୍ଡାରେ ରାଜନୀତିର ପଶାପାଲି ଗାଁର ରୂପ ବଦଳାଇ ଦେଇଛି । ପୂର୍ବର ପାରିବାରିକ କର୍ତ୍ତବ୍ୟ ବୋଧ,କନିଷ୍ଠ ବରିଷ୍ଠ ଶ୍ରଦ୍ଧା ସମ୍ମାନ କ୍ୱଚିତ୍ ଦେଖିବାକୁ ମିଳୁଛି । ଗାଁଆରେ ଅଧିକାଂଶ ଘର ତାଲା ପଡିଛି । ଉଚ୍ଚ ଶିକ୍ଷିତ ଯୁବକ ପରିବାର ନେଇ ଦେଶ ଓ ବିଦେଶରେ ଚାକିରି କରୁଛନ୍ତି । କେତେକ ଘରେ ବୁଢ଼ାବୁଢ଼ୀ କର୍ମକୁ ଆଦରି ପଡିରହିଛନ୍ତି । ସ୍ୱଳ୍ପ ଶିକ୍ଷିତ ଯୁବକ ମଧ୍ୟ ଗାଁ ଛାଡି ସହରାଭିମୁଖୀ । କେତେକ ଜୀବନ ଜୀବିକା ପାଇଁ ବାପ ମାଆଙ୍କୁ ଛାଡି ଦୂରଦୂରାନ୍ତରେ ରହୁଛନ୍ତି ।

ଆଜିର ଶିକ୍ଷା ଯୁବପିଢିକୁ ଶ୍ରମ ବିମୁଖତା କରିବା ସହିତ ସ୍ୱାବଲମ୍ବୀ ହେବାକୁ ନିରୁତ୍ସାହିତ କରୁଛି । ଶ୍ରମ ବିମୁଖ ଯୁବକ ଚାକିରି ପଛରେ ଘୋଡାଉଛନ୍ତି । ଏବେର ଶିକ୍ଷାରେ ନୀତି ନୈତିକତାର ଅଭାବ । ପିତା, ମାତାମାନେ ପିଲାମାନଙ୍କୁ ଆତ୍ମ ନିର୍ଭରଶୀଳ ହେବା ପରିବର୍ତ୍ତେ ଡାକ୍ତର, ଇଞ୍ଜିନିୟର କରି ଅଧିକ ରୋଜଗାର କରିବାକୁ ପ୍ରୋତ୍ସାହିତ କରିବାକୁ ଲାଗି ପଡ଼ିଛନ୍ତି ଯାହା ସେମାନଙ୍କ ଦୁରାବସ୍ଥାର ପ୍ରମୁଖ କାରଣ ।

ପଚାଶ ଦଶକରେ ଚାଟଶାଳୀମାନଙ୍କରେ ମୂଲ୍ୟ ବୋଧକ ଶିକ୍ଷା ଦିଆଯାଉଥିଲା । ଆଜିର ଶିକ୍ଷା ଆଦର୍ଶ ମଣିଷ ଗଠନ ପରିବର୍ତ୍ତେ ଅର୍ଥ ଉପାର୍ଜନର କାରଖାନା ପାଲଟିଛି । ଆଜିର ଶିକ୍ଷାରେ ସଂସ୍କାର, ଶାଳିନତା, ଭୟ ଭକ୍ତି,ଶ୍ରଦ୍ଧା ସମ୍ମାନର ଅଭାବ ପାରିବାରିକ ସମ୍ପର୍କର ମାନବିକ ମୂଲ୍ୟବୋଧର ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୪୩୮୭ ୦୫୫୭୦*

## ଏଇଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା...


ସତ କହିବାକୁ କିଆଁ ଡରିବି
ଅମ୍ବିକା ପ୍ରସାଦ ଦାସ

ମହାଶୟ,

ଏହି ଧରଣର ଲୋକଙ୍କ ତାଲିକା ବହୁତ ଲମ୍ବା, ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି । ସରକାରୀ କଳରେ କ୍ୱଚିତ ମଣିଷ ଅନ୍ୟକୁ ସାହାଯ୍ୟ କରିବାର ଦେଖାଯାଏ । ଆଇନକୁ ନେଇ ଗୋଟିଏ କରିବା ପାଇଁ ଅନ୍ୟଟି କାମକୁ ନକରାଇଦେବା ପାଇଁ ବୁଦ୍ଧି ପ୍ରୟୋଗ କରନ୍ତି । ଯେଉଁଠି ଯେପରି ଦରକାର ତାହା ପ୍ରୟୋଗ କରନ୍ତି । ସମ୍ପୃକ୍ତ ପଦାଧିକାରୀ ଦିନେ ସେହି ପଦବୀରୁ ଅପସରି ଯିବେ ତାଙ୍କର ଶତ୍ରୁ ସେହି ଫାଇଲ ଦେଖିବେ ଏହା ବହୁ କ୍ୱଚିତଙ୍କ ମନରେ ଥାଏ । ପରର ପଡୋଶୀମାନଙ୍କ ସମୃଦ୍ଧି, ଶାନ୍ତି, ସୁଖ ଦେଖି ସେମାନେ ନିଜକୁ ବହୁତ କ୍ଲେଶ ଅନୁଭବ କରନ୍ତି । ଭଗବାନଙ୍କୁ ଆମେ କେହି ଦେଖିବା ସମ୍ଭବ ନୁହେଁ, କିନ୍ତୁ ଅନୁଭବ କରି ଅଛେ, ଭଗବାନ ଆମ ସହିତ ସର୍ବଦା ଚାଲିଛନ୍ତି । ଆମେ ତାଙ୍କୁ ସାଙ୍ଗରେ ଧରି ଚାଲିଛେ । ତାଙ୍କର ପସନ୍ଦ ମୁତାବକ, ଖାଦ୍ୟ, ଚିନ୍ତାଧାରାରେ ଅନୁଗାମୀ ହୋଇ ଚାଲିପାରିଲେ ଏହା ଅନୁଭବ ହୋଇଥାଏ ।

ଈଶ୍ୱର ସବୁ ଜାଗାରେ ଅଛନ୍ତି । ବିବେକ ବିହୀନ ଲୋକଙ୍କୁ ତାଙ୍କର ଚିନ୍ତା ଧାରା ନେଇ, କର୍ମ ନେଇ ଠିକ୍ ସମୟରେ ପ୍ରହାର କରନ୍ତି । ଆମ ପରି ନିରୀହ ବ୍ୟକ୍ତିଙ୍କୁ ସର୍ବଦା ରାସ୍ତା ଦେଖାନ୍ତି । ମୋର ଏହି ଅନୁଭୂତି । କ୍ଷମତା ଧରି ବ୍ୟକ୍ତି ମାନଙ୍କ ପାଖକୁ କେବେ ଯାଇନଥିଲେ ମଧ୍ୟ, ସେମାନେ ଦୀର୍ଘ ବର୍ଷ ଧରି ସେମାନଙ୍କ ସହିତ ସମ୍ପର୍କ ଈଶ୍ୱରଙ୍କ ଆଶୀର୍ବାଦ । ମୋର ଅନୁଭୂତି । ୨୦୨୫ ମସିହାରେ ବହୁ ଘଟଣାରେ ମୋର ନିଜର ବହୁ ଦିନ କଷ୍ଟକର ହୋଇଛି । ୨୦୨୬ରେ ଶୁଭାରମ୍ଭ ନବବର୍ଷରେ ଆପଣଙ୍କ 'ଓଡିଶା ଏକ୍ସପ୍ରେସ'କୁ ଶୁଭ କାମନା । ଆପଣ ତଥା ଆପଣଙ୍କ ପରିବାରକୁ ଶୁଭ କାମନା । ପ୍ରଭୁ, ସୁଖ, ଶାନ୍ତି, ସମୃଦ୍ଧ ପ୍ରଦାନ କରନ୍ତୁ ।

**କୃପାନିଧି ବିଶ୍ୱାଳ**, ଓଡ଼ିଶା ଭବନ, ମୁମ୍ବାଇ

# ଅସଂଗଠିତ ଶ୍ରମିକଙ୍କ ଦୁଃଖ

**■ ଯୁଧିଷ୍ଠିର ମହାରଣା ■**

**ଅ**ସଂଗଠିତ ଶ୍ରମଜୀବୀ ସଂଗଠିତ ହୋଇ ନଥିବାରୁ ସେମାନଙ୍କ ଦୈନନ୍ଦିନ ସମସ୍ୟା ସମାଧାନ କରିବା ଦିଗରେ କୌଣସି ସଂଗଠିତ ଉଦ୍ୟମ ହୁଏନାହିଁ । ଇଟା, ପଥର, ଗୃହନିର୍ମାଣ, କାଠକାମ, ସାଧାରଣ କାମର ମଜ୍ଦୁର ସରକାର ବା ବେସରକାରୀ ସଂସ୍ଥା ଠିକ୍ ଭାବେ ବୁଝିନଥିବାରୁ ସେମାନଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି । ଧାନ ଅମଳ ଶେଷ ହେଲେ ଗାଁରେ ବାସ କରୁଥିବା କୃଷକ ଶ୍ରମିକମାନଙ୍କ ମଧ୍ୟରୁ ଅନେକ ଦାଦନ ଖଟିବା ପାଇଁ ପ୍ରତିବେଶୀ ରାଜ୍ୟକୁ ଯାଆନ୍ତି। ଏମାନଙ୍କ ସଂଖ୍ୟା ଲକ୍ଷାଧିକ। ଏମାନଙ୍କର କୌଣସି ମଧ୍ୟ ସଂଗଠନ ନାହିଁ । ରାଜନୀତିକ ଦଳମାନେ ସଭା ଶୋଭାଯାତ୍ରା କରିବା ଦିନ ଏମାନଙ୍କୁ କିଛି ଅର୍ଥ ଦେଇ କାମ କରାନ୍ତି ଶୋଭାଯାତ୍ରାରେ ଯିବା ପାଇଁ ଓ ପିଏମଜି ଛକରେ ଇନ୍‌କିଲାବ ଜିନ୍ଦାବାଦ କରିବା ପାଇଁ। ଓଡ଼ିଶାର ସବୁଆଡ଼େ ଏହି ଚିତ୍ର ଦେଖିବାକୁ ମିଳେ ତେବେ ସବୁଠାରୁ ବଡ଼ ଗହଳି ଭୁବନେଶ୍ୱରରେ ଦେଖାଯାଏ । ଷ୍ଟେସନ ସ୍କୋୟାର, ରାଜମହଲ ଛକ, କଳ୍ପନା ଛକ, ରାମମନ୍ଦିର ଓ ରସୁଲଗଡ଼ ଛକରେ ପ୍ରତିଦିନ ସକାଳେ ଏମାନେ ଅପେକ୍ଷା କରନ୍ତି କାଳେ ସାମୟିକ ନିଯୁକ୍ତି ଦବା ପାଇଁ ଲୋକ ଖୋଜୁଥିବା କାହା ସହିତ ଦେଖା ହୋଇଯିବ ଓ କାମ ମିଳିଯିବ ଏଇ ଆଶାରେ। ଘର ନିର୍ମାଣ କାମ, ରାସ୍ତା ନିର୍ମାଣ କାମ, ଇଟା ତିଆରି କରିବା କାମ, ବୋଝ ବୋହିବା କାମ ପାଇଁ ଏମାନଙ୍କୁ ଖୋଜାଯାଏ। ସାମୟିକ ନିଯୁକ୍ତି ମଧ୍ୟ ମିଳିଯାଏ । କିନ୍ତୁ ସମସ୍ତଙ୍କୁ ନିଯୁକ୍ତି ମିଳେ ନାହିଁ । ସେମାନେ ନିରାଶ ହୋଇ ଘରକୁ ଫେରନ୍ତି ଖାଲି ହାତରେ । ଏମାନଙ୍କୁ କେବଳ ଅଧପେଟରେ ଶୋଇବାକୁ ପଡ଼େନାହିଁ, ପୁଅ ଝିଅ, ସ୍ତ୍ରୀ ସମସ୍ତଙ୍କୁ ଭୋକ ଉପାସରେ ସଢ଼ିବାକୁ ହୁଏ। ଦେଶର ଶ୍ରମଜୀବୀମାନଙ୍କ ମଧ୍ୟରୁ ଅଶୀ ପ୍ରତିଶତ ଅସଂଗଠିତ ଶ୍ରମିକ। ଏମାନେ ଦିନମଜୁରିଆ ହୋଇଥିବାରୁ ମାଲିକ ସହିତ ଦର ଦାମ ନକରି ପାଚେରୀକୁ ଲାଗି ଅସ୍ଥାୟୀ କୁଡ଼ିଆମାନଙ୍କରେ ବାସ କରନ୍ତି । ଏମାନଙ୍କର ଜାଗା ଜମି ନାହିଁ, ରାସନକାର୍ଡ଼, ଗରିବଭତ୍ତା, ବାର୍ଦ୍ଧକ୍ୟଭତ୍ତା, କାମ କଲାବେଳେ ଆହତ ହେଲେ ଏମାନଙ୍କୁ କିଛି ମିଳେ ନାହିଁ । ଏପରିକି ନିର୍ମାଣ ସ୍ଥଳରେ ପିଇବା ପାଣି ଓ ପ୍ରାଥମିକ ଚିକିତ୍ସାର ସୁବିଧା ନାହିଁ । ନିର୍ବାଚନ ସମୟରେ ଏମାନଙ୍କୁ ରଜାନୀତିକ ଦଳମାନେ ଅନେକ ପ୍ରକାର ପ୍ରଲୋଭନ ଓ ପ୍ରତିଶ୍ରୁତି ଦିଅନ୍ତି । ନିର୍ବାଚନ ଶେଷ ହେଲେ ଏମାନେ ଅଦକାରୀ ହୋଇଯାଆନ୍ତି। ସ୍ୱାଧୀନ ଭାରତରେ ଏପରି ଶ୍ରମଜୀବୀଙ୍କ ସଂଖ୍ୟା ପଚିଶ କୋଟିରୁ କମ୍ ହେବନାହିଁ। ଦେଶ କାମ, ସଚିବାଳୟ, ହୋଟେଲ, ମୋଟରଗାଡ଼ିର ଅର୍ଥ ଏମାନେ ବୁଝନ୍ତି ନାହିଁ । ସକାଳୁ ସନ୍ଧ୍ୟା ଏମାନେ ଖଟନ୍ତି ଗୋରୁ ପରି । ଏମାନଙ୍କ ପାଇଁ ବୀମା କରିବା ସକାଶେ ସରକାର ବ୍ୟବସ୍ଥା କରୁଥିବା ଶୁଣି ସେମାନେ ଆଶ୍ୱସ୍ତ ହୋଇଛନ୍ତି । କିନ୍ତୁ ଏହା ଅପେକ୍ଷା ସେମାନଙ୍କୁ ଯଦି ଉଚିତ ମଜୁରୀରେ କିଛି କାମ ଦିଆଯାଆନ୍ତା ତେବେ ଏମାନେ କୃତକୃତ୍ୟ ହୁଅନ୍ତେ । ଭାରତ ସରକାର ଜନଧନ ଯୋଜନାରେ ଏମାନେ ବ୍ୟାଙ୍କରେ କିଛି ଅର୍ଥ ଜମା କଲେ ଅଧିକ ସୁବିଧା ମିଳିବ ବୋଲି ଯୋଜନା କରିଛନ୍ତି । ବ୍ୟାଙ୍କରେ ସାମାନ୍ୟ ଅର୍ଥ ଜମା କଲେ ଏମାନଙ୍କ ନିରାପତ୍ତା ପାଇଁ ମଧ୍ୟ କିଛି ଅର୍ଥ ମିଳେ। ସେମାନେ ମହାତ୍ମା ଗାନ୍ଧି ଗ୍ରାମାଞ୍ଚଳ ବିକାଶ ଯୋଜନାରେ କାମ ପାଇଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସରକାରଙ୍କ ଠାରୁ ପ୍ରାପ୍ୟ ଅର୍ଥ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ପଠାଇ ଦବାର ବ୍ୟବସ୍ଥା ହୋଇଛି। ସମସ୍ତଙ୍କୁ ରାସନ କାର୍ଡ଼ ଦବା ପାଇଁ ସେମାନଙ୍କୁ ତାଲିକାଭୁକ୍ତ କରାଯାଇଛି। କିନ୍ତୁ ଭୁବନେଶ୍ୱରରେ ଝୁମ୍ପୁଡ଼ିମାନଙ୍କରେ ବାସ କରୁଥିବା ହଜାର ହଜାର ଲୋକଙ୍କ ଠିକଣା ନାହିଁ, ତେଣୁ ଏମାନଙ୍କୁ ରାସନ କାର୍ଡ଼, ବ୍ୟାଙ୍କ ସୁବିଧା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଦବା ପାଇଁ କିଛି ସୁଯୋଗ ନାହିଁ । ଧନଜନ ଯୋଜନାଭୁକ୍ତ ହେଲେ ଏମାନଙ୍କୁ କିଛି ସୁବିଧା ମିଳିବ । କିନ୍ତୁ ନିଯୁକ୍ତି ତ ସବୁଦିନ ମିଳିବ ନାହିଁ । ସୁତରାଂ ନିଯୁକ୍ତି ଦବା କାର୍ଯ୍ୟ ଯଦି ସରକାର କିଛି ପଦକ୍ଷେପ ନିଅନ୍ତେ ତେବେ ଏମାନେ ଅନିଶ୍ଚିତ ଅବସ୍ଥାରେ ନରହି ଜନସାଧାରଣଙ୍କ ସହିତ ସାମିଲ ହୁଅନ୍ତି ।

ଗ୍ରାମାଞ୍ଚଳରେ ମୋଟରଗାଡ଼ି, ଦୁଇଚକିଆ ଓ ଚାରି ଚକିଆ ଯାନ, ବିଦ୍ୟୁତ୍ ଉପଲବ୍ଧ ହେବା ପରେ ଶଗଡ଼, ସବାରୀ ପ୍ରଭୃତି ଅଚଳ ହୋଇଯାଇଛି। ଗ୍ରାମାଞ୍ଚଳରେ ଚାଉଳ କଳ, ଚୁଡ଼ା ଓ ମୁଢ଼ି ପ୍ରସ୍ତୁତ କରିବା ପାଇଁ କଳ ବସିବାରୁ ଯେଉଁ ଗରିବ ମାନେ ଏ କାମ କରି ପେଟ ପୋଷୁଥିଲେ ସେମାନଙ୍କ ସାହା ଭରସା ତୁଟିଗଲା। ସରକାର ଏମାନଙ୍କ ପାଇଁ ମା' ବାପା। ମା' ବାପା ଯଦି ଗରିବ ମାନଙ୍କ ଜୀଇଁବା ପାଇଁ ଯୋଜନା ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ଦିଅନ୍ତେ ତେବେ ସ୍ୱାଭିମାନ ସୃଷ୍ଟି ହୁଅନ୍ତା ସେମାନଙ୍କ ମନରେ। କାମ କରିବାର ମର୍ଯ୍ୟାଦା ଅନୁଭବ କରନ୍ତେ ସେମାନେ। ପ୍ରଧାନମନ୍ତ୍ରୀ ଦୁଇ ଟ୍ରିଲେଅନ୍ ଡଲାର ଅର୍ଥନୀତି କୋଡିଏ ହଜାର ଟ୍ରିଲେଅନ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି । ଏହା ଶୁଣି ଭରସା ଆସୁଛି ମନରେ ଦିନେ ନା ଦିନେ ଦୁଃଖ ଯିବ ବୋଲି । ମେଡ଼ ଇନ୍ ଇଣ୍ଡିଆ ନୀତି କାର୍ଯ୍ୟକାରୀ ହେଲେ ନିଯୁକ୍ତିର ବାଟ ଫିଟିଯିବ। ସେତେବେଳକୁ ଏଇ ବଳକା ଶ୍ରମଜୀବୀମାନଙ୍କୁ ଯଦି କୁଶଳୀ ହେବା ପାଇଁ ପ୍ରଶିକ୍ଷଣ ଦବା ବ୍ୟବସ୍ଥା ହୁଅନ୍ତା ତେବେ ରାଜ୍ୟ ବାହାରକୁ ଗଲେ ମଧ୍ୟ ସେମାନଙ୍କ ରୋଜଗାର ବଢ଼ନ୍ତା ।

ଓଡ଼ିଶା ହାଇକୋର୍ଟ, କଟକ,
ମୋ. ୯୪୩୭୧୬୩୫୨୮

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୬ ଜାନୁଆରୀ ୨୦୨୬ ମଙ୍ଗଳବାର ପୃଷ୍ଠା ୫

ଭାରତୀୟ ରେଳବାଇ ବିଶ୍ୱର ଅନ୍ୟତମ ବ୍ୟସ୍ତ ଏବଂ ବୃହତ୍ତମ ରେଳ ନେଟ୍‌ୱାର୍କ । ଏହା ଆକାର ଏବଂ ପରିବହନ ମାମଲାରେ ସାରା ପୃଥିବୀରେ ତୃତୀୟ ଏବଂ ଏସିଆ ମହାଦେଶରେ ପ୍ରଥମ । ଭାରତୀୟ ରେଳବାଇ ଏସିଆ ମହାଦେଶର ସର୍ବପୁରାତନ ରେଳ ନେଟ୍‌ୱାର୍କ । ୧୮୫୩ ମସିହା ଏପ୍ରିଲ ୧୬ ତାରିଖରେ ଭାରତର ପ୍ରଥମ ରେଳ ଚଳାଚଳ ବୋରିବନ୍ଦରଠାରୁ ଥାନେ ପର୍ଯ୍ୟନ୍ତ ପ୍ରାୟ ୩୪ କିଲୋମିଟର ହୋଇଥିଲା । ଭାରତରେ ସାର୍ବଜନୀନ ରେଳ ଯୋଗାଯୋଗ ଇଂରେଜମାନେ ଆରମ୍ଭ କରିଥିଲେ । ଅବଶ୍ୟ କେତେକ ଭାରତୀୟ ରାଜା ନିଜସ୍ୱ ରେଳ ପ୍ରଚଳନ କରିଥିଲେ । ଭାରତୀୟ ରେଳବାଇ ଏହାର ସଂଲଗ୍ନ ଦେଶଗୁଡ଼ିକରେ ରେଳ ଯୋଗାଯୋଗ ଆରମ୍ଭ କରିବାର ଯୋଜନା କରୁଛନ୍ତି । ଭାରତରେ ପ୍ରାୟ ୮୦୦ ରେଳ ଷ୍ଟେସନ ରହିଛି । ଏ ମଧ୍ୟରୁ ଅନେକ ଷ୍ଟେସନ ସୌନ୍ଦର୍ଯ୍ୟରେ ଏକକୁ ଆରେକ ବଳି । ଭାରତର ସବୁଠାରୁ ସୁନ୍ଦର ଏବଂ ପୁରାତନ ରେଳ ଷ୍ଟେସନଗୁଡ଼ିକ ମଧ୍ୟରେ ରହିଛି ରୋୟାପୁରମ୍ ରେଳ ଷ୍ଟେସନ, ଛତ୍ରପତି ଶିବାନୀ ଟର୍ମିନାଲ, ଘୁମ୍ ରେଳ ଷ୍ଟେସନ, ଦୁଧସାଗର ରେଳ ଷ୍ଟେସନ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ଭାରତର ସବୁଠାରୁ ସୁନ୍ଦର ଏବଂ ସର୍ବପୁରାତନ ରେଳଷ୍ଟେସନଗୁଡ଼ିକୁ ।

# ଦେଶର ଦେଖିବା ଭଳି ରେଳ ଷ୍ଟେସନ




## ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେସନ

ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟସନ ସାରା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସୁନ୍ଦର ରେଳଷ୍ଟେସନ ମଧ୍ୟରୁ ଅନ୍ୟତମ । ଏହା ଚେନ୍ନାଇର ଅନ୍ୟତମ ବିଖ୍ୟାତ ସ୍ଥାନ । ଏହି ଷ୍ଟେସନ ମଧ୍ୟ ଚେନ୍ନାଇର ଲୋକାଲ ରେଳ ବ୍ୟବସ୍ଥାର ମୁଖ୍ୟସ୍ଥଳ । ଦକ୍ଷିଣ ଭାରତର ଏହା ସବୁଠାରୁ ଲାଭଦାୟୀ ରେଳ ଷ୍ଟେସନ । ପ୍ରତିଦିନ ପ୍ରାୟ ସାଢ଼େ ୩ଲକ୍ଷ ଯାତ୍ରୀ ଏହି ରେଳ ଷ୍ଟେସନ ବ୍ୟବହାର କରନ୍ତି । ଏହି ଜଙ୍କସନ୍‌ରେ ଦୂରଗାମୀ ରେଳ ପାଇଁ ୧୫ଟି ପ୍ଲାଟଫର୍ମ ଏବଂ ଲୋକାଲ ଟ୍ରେନ୍ ପାଇଁ ସ୍ୱତନ୍ତ୍ର ଭାବରେ ତିନୋଟି ପ୍ଲାଟଫର୍ମ ରହିଛି । ଏହି ଷ୍ଟେସନ ସବୁଦାୟ ୯୫୦ ମିଟର ଦୀର୍ଘ । ୧୮୭୩ ମସିହାରେ ବନ୍ଦର କାର୍ଯ୍ୟକଳାପରେ ସଂଯୁକ୍ତ ରୋୟାପୁରମ୍ ବନ୍ଦର ଷ୍ଟେସନ୍‌ର ବ୍ୟସ୍ତତାକୁ କମ୍ କରିବା ପାଇଁ ତତ୍କାଳୀନ ପାର୍କଟାଉନ୍ ଠାରେ ନିମତ ହୋଇଥିଲା ଏହି ଷ୍ଟେସନ୍ । ସେତେବେଳେ ଏହାର ନାମ ଥିଲା ମାଡ୍ରାସ୍ ସେଣ୍ଟ୍ରାଲ୍ । ଜନ୍ ପେରିଏରା ଗାର୍ଡେନ୍ ଠାରେ ନିର୍ମିତ ହୋଇଥିଲା ଏହି ରେଳ ଷ୍ଟେସନ୍ । ସୂଚନା ଯୋଗ୍ୟ ଏହି ଉଦ୍ୟାନଟି ଥିଲା ନେଗାପଟ୍ଟନମ୍ ବନ୍ଦର ସହରରେ ବାସ କରୁଥିବା ପର୍ତ୍ତୁଗୀଜ୍ ବ୍ୟବସାୟୀ ଜୋଆଅ ପେରିଏରା ଡି' ଫାରିଆଙ୍କର ଯିଏକି ୧୬୬୦ ମସିହାରେ ଆସି ମାନ୍ଦ୍ରାଜ୍‌ରେ ସ୍ଥାୟୀ ହୋଇ ରହି ଯାଇଥିଲେ ।






## ଗୋରଖପୁର ରେଳ ଷ୍ଟେସନ

ଗୋରଖପୁର ୟାର୍ଡ ପରେ ଗୋରଖପୁର ରେଳ ଷ୍ଟେସନ ହିଁ ପୃଥିବୀର ଦୀର୍ଘତମ ରେଳ ପ୍ଲାଟଫର୍ମ । ଏହା ଉତ୍ତରପ୍ରଦେଶର ଗୋରଖପୁର ସହରରେ ରହିଛି । ଏହା ଭାରତୀୟ ରେଳବାଇର ସବୁଠାରୁ ଅଧିକ ରେଳ ଟିକଟ ବିକ୍ରି ହେଉଥିବା ୧୦୦ ଷ୍ଟେସନ ମଧ୍ୟରେ ରହିଛି । ଏଥିସହିତ ୧୦ଟି ସ୍ଥାନୀୟ ରେଳ ଷ୍ଟେସନ ସଂଯୁକ୍ତ ।





## କଟକ ରେଳ ଷ୍ଟେସନ

ଏହା ଏକ ଅତ୍ୟନ୍ତ ସୁନ୍ଦର ରେଳ ଷ୍ଟେସନ ଏବଂ ସାରା ବିଶ୍ୱର ଅନେକ ସ୍ଥପତିଙ୍କୁ ଏହା ପ୍ରେରଣା ଦେଇଛି । ଓଡ଼ିଶାରେ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ବାରବାଟୀ ଦୁର୍ଗର ଶୈଳୀ ଦ୍ୱାରା ଅନୁପ୍ରେରିତ ହୋଇଛି ଏହି ଷ୍ଟେସନର ସ୍ଥାପତ୍ୟ । ଏହା ଶୈଳୀ ଏବଂ ସ୍ଥାପତ୍ୟ, ଉଭୟ ଦୃଷ୍ଟିରୁ ଅନନ୍ୟ ।

## ଖଡ଼ଗପୁର ଜଙ୍କସନ୍

ଖଡ଼ଗପୁର ଜଙ୍କସନ୍ ରେଳ ଷ୍ଟେସନ ଦୀର୍ଘବର୍ଷ ପର୍ଯ୍ୟନ୍ତ ପୃଥିବୀର ଦୀର୍ଘତମ ରେଳ ପ୍ଲାଟଫର୍ମର ମାନ୍ୟତା ପାଇଥିଲା । ଅବଶ୍ୟ ଏହି ମାନ୍ୟତା ବର୍ତ୍ତମାନ ଗୋରଖପୁର ରେଳ ଷ୍ଟେସନକୁ ମିଳିଛି । ତେବେ ବର୍ତ୍ତମାନ ଖଡ଼ଗପୁର ପୃଥିବୀର ତୃତୀୟ ଦୀର୍ଘତମ ରେଳ ପ୍ଲାଟଫର୍ମ ।

## ଦୁଧସାଗର ରେଳ ଷ୍ଟେସନ

ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିବେଚନା କଲେ ଗୋଆର ଦୁଧସାଗର ରେଳ ଷ୍ଟେସନ ଯେକୌଣସି ପ୍ରକୃତିପ୍ରେମୀଙ୍କ ପାଇଁ ଅନୁପ୍ରାଣିତ । ଏହା ବିଖ୍ୟାତ ଦୁଧସାଗର ଜଳପ୍ରପାତର ବାମ ପାର୍ଶ୍ୱରେ ରହିଛି । ସବୁଜିମାରେ ଭରପୂର ଏହି ସ୍ଥାନ ଯାତ୍ରୀଙ୍କର କ୍ଲାନ୍ତି ହରଣ କରିନିଏ । ଏହା ଆକର୍ଷକ ହେବା ସହ ପୃଥିବୀର ଅନ୍ୟତମ ପ୍ରାକୃତିକ ବିସ୍ମୟ । କେବଳ ଏହି ରେଳ ଷ୍ଟେସନକୁ ଦେଖିବା ପାଇଁ ମଧ୍ୟ ଅନେକ ପର୍ଯ୍ୟଟକ ଏଠାକୁ ଆସନ୍ତି । ପର୍ଯ୍ୟଟକମାନଙ୍କର ମତ ପ୍ରତ୍ୟେକ ପ୍ରକୃତିପ୍ରେମୀ ଜୀବନରେ ଥରେ ଏଠାକୁ ଆସିବା ଉଚିତ୍ ।






## ଘୁମ୍ ରେଳ ଷ୍ଟେସନ

ପଶ୍ଚିମବଙ୍ଗର ଦାର୍ଜିଲିଂ ହିମାଳୟ ପାର୍ବତ୍ୟ କ୍ଷେତ୍ରରେ ଘୁମ୍ ଏକ ଛୋଟ ପାହାଡ଼ିଆ ଅଞ୍ଚଳ । ତେବେ ଭାରତର ଏହା ସବୁଠାରୁ ଉଚ୍ଚତାରେ ଥିବା ରେଳ ଷ୍ଟେସନ । ଏହା ସମୁଦ୍ର ପତନରୁ ୨୨୫୮ ମିଟର ଉଚ୍ଚତାରେ ରହିଛି । ଏହି ରେଳ ଷ୍ଟେସନ ନିକଟରେ ରହିଛି ଦାର୍ଜିଲିଂର ବିଖ୍ୟାତ ଘୁମ୍ ବୌଦ୍ଧ ମଠ ଏବଂ ଦାର୍ଜିଲିଂ ହିମାଳୟାନ୍ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼, ଯାହାକୁ କୁହାଯାଏ ବଟାସିଆ ଲୁପ୍ ।

## ନୂଆଦିଲ୍ଲୀ ରେଳ ଷ୍ଟେସନ

ଏହା ଭାରତର ତୃତୀୟ ବ୍ୟସ୍ତବହୁଳ ଏବଂ ଅନ୍ୟତମ ବୃହତ୍ ରେଳ ଷ୍ଟେସନ। ଏଠାରେ ରେକର୍ଡ ସଂଖ୍ୟକ ରୁଟ୍ ଇଣ୍ଟରଲକିଂ ସିଷ୍ଟମ୍ ରହିଛି । ଏହାର ୧୬ଟି ପ୍ଲାଟଫର୍ମରେ ଦୈନିକ ୩୦୦ ଟ୍ରେନ୍ ଯାତାୟାତ କରେ ଏବଂ ପ୍ରାୟ ୫ଲକ୍ଷ ଯାତ୍ରୀ ଦୈନିକ ଏହି ରେଳ ଷ୍ଟେସନ ବ୍ୟବହାର କରନ୍ତି । ଏହାକୁ ଦିଲ୍ଲୀ ଜଙ୍କସନ୍ ମଧ୍ୟ କୁହାଯାଏ ।କାନ୍‌ପୁର୍ ସେଣ୍ଟ୍ରାଲ୍ ଏବଂ ବିଜୟୱାଡ଼ା ପରେ ଏହା ଦେଇ ସବୁଠାରୁ ଅଧିକ ଟ୍ରେନ୍ ଯାତାୟତ କରିଥାଏ ।୧୮୬୪ ମସିହାରେ ଯେତେବେଳେ ହାଓଡ଼ା ଷ୍ଟେସନ୍‌ରୁ ଦିଲ୍ଲୀକୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା ସେତେବେଳେ ଚାନ୍ଦିନୀ ଚୌକ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲା ।

## ଛତ୍ରପତି ଶିବାଜୀ ଟର୍ମିନସ

ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ବା ସିଏସ୍‌ଟି ଭାରତର ସବୁଠାରୁ ସୁନ୍ଦର ରେଳ ଷ୍ଟେସନ ମଧ୍ୟରୁ ଅନ୍ୟତମ । ପୂର୍ବରୁ ଏହାକୁ ଭିକ୍ଟୋରିଆ ଟର୍ମିନସ୍ ଷ୍ଟେସନ୍ କୁହାଯାଉଥିଲା । ୨.୮୫ ହେକ୍ଟର ପରିବ୍ୟାପ୍ତ ଏହି ଷ୍ଟେସନ ସ୍ଥାପତ୍ୟର ଏକ ବିସ୍ମୟ ଏବଂ ଏକ ୟୁନେସ୍କୋ ଐତିହ୍ୟ ସ୍ଥଳ । ଏହା ଭିକ୍ଟୋରିୟାନ୍ ଯୁଗ ଏବଂ ଭାରତୀୟ କଳାଶୈଳୀର ମିଶ୍ରଣର ଏକ ଅନନ୍ୟ ଉଦାହରଣ । ଏହି ରେଳ ଷ୍ଟେସନ ଦେଇ ଉଭୟ ଦୂରଗାମୀ ଏବଂ ଲୋକାଲ ଟ୍ରେନ୍ ଯାତାୟାତ କରିଥାଏ । ପ୍ରତିଦିନ ପ୍ରାୟ ୩ନିୟୁତ ଯାତ୍ରୀ ଏହାକୁ ବ୍ୟବହାର କରନ୍ତି । ଏଥିରେ ପ୍ରଥମେ ଚାରୋଟି ରେଳ ଧାରଣା ଥିଲା, କିନ୍ତୁ ସମୟ କ୍ରମେ ଏହା ସଂପ୍ରସାରିତ ହୋଇଥିଲା । ବର୍ତ୍ତମାନ ଏଥିରେ ୭ଟି ଲୋକାଲ ଏବଂ ୧୧ଟି ଦୂରଗାମୀ ରେଳ ଧାରଣା ରହିଛି ।

୧୮୫୩ ମସିହା ଏପ୍ରିଲ୍ ୧୬ ତାରିଖରେ ଭାରତର ପ୍ରଥମ ରେଳ ଚଳାଚଳ ଆରମ୍ଭ ହୋଇଥିଲା ଏହି ଷ୍ଟେସନ୍‌ରୁ । ଏହି ଷ୍ଟେସନ୍ ରହିଛି ମୁମ୍ବାଇର ବୋରି ବନ୍ଦର ଠାରେ । ଏହିଠାରୁ ପ୍ରଥମ ରେଳ ବାହାରି ୫୭ ମିନିଟ୍ ପରେ ୩୪ କିଲୋମିଟର ଦୂର ଥାନେରେ ପହଞ୍ଚି ଥିଲା । ଏହା ଭାରତର ସର୍ବପୁରାତନ ତିନି ଷ୍ଟେସନ୍ ମଧ୍ୟରୁ ଅନ୍ୟତମ ।

## ହାଓଡ଼ା ରେଳ ଷ୍ଟେସନ

ଭାରତର ପୁରାତନ ଏବଂ ଦୀର୍ଘତମ ରେଳ ପରିସର ଏହା । ଏଥିରେ ସମୁଦାୟ ୨୩ଟି ପ୍ଲାଟଫର୍ମ ରହିଛି । ଭାରତର ଯେକୌଣସି ରେଳ ଷ୍ଟେସନ ଅପେକ୍ଷା ଏହାର ରେଳ ପରିଚାଳନା କ୍ଷମତା ସର୍ବାଧିକ । ଦୈନିକ ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଏହା ମଧ୍ୟ ଦେଶର ଅନ୍ୟତମ ଚଳଚଞ୍ଚଳ ରେଳ ଷ୍ଟେସନ । ଇଷ୍ଟ ଇଣ୍ଡିଆନ୍ ରେଳ କମ୍ପାନୀର ଚିଫ୍ ଇଞ୍ଜିନିୟର୍ ଜର୍ଜ ଟର୍ନବୁଲ୍‌ଙ୍କ ଦ୍ୱାରା ପ୍ରଥମ ହାଓଡା ଷ୍ଟେସନ୍ ନିମନ୍ତେ ଯୋଜନା ଦାଖଲ କରାଯାଇଥିଲା ।୧୮୫୨ ମସିହା ଜାନୁଆରୀ ମାସରେ ଜଣା ପଡ଼ିଲା ଯେ ସରକାରୀ କର୍ତ୍ତୃପକ୍ଷ ଆବଶ୍ୟକ ପରିମାଣର ଭୂମି କ୍ରୟ କରିବେ ନାହିଁ ତେଣୁ ଏହି ଯୋଜନା ବାତିଲ ହୋଇଗଲା । ତେବେ ଅଧିକ ଗହଳି ନିୟନ୍ତ୍ରଣ କରିବା ପାଇଁ ୧୯୦୧ରେ ଏକ ନୂତନ ଷ୍ଟେସନ୍ ନିର୍ମାଣ ପାଇଁ ପ୍ରସ୍ତାବ ରଖାଗଲା । ବ୍ରିଟିଶ୍ ସ୍ଥପତି ହାଲ୍‌ସେ ରିକାର୍ଡୋ ନୂତନ ଷ୍ଟେସନ୍‌ର ଡିଜାଇନ୍ ପ୍ରସ୍ତୁତ କରିଥିଲେ । ୧ ଡିସେମ୍ବର ୧୯୦୫ରେ ଏହା ସାର୍ବଜନୀନ ସେବା ପାଇଁ ଉନ୍ମୁକ୍ତ ହୋଇଥିଲା ।

## ଲକ୍ଷ୍ନୌ ରେଳ ଷ୍ଟେସନ

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଥିବା ଲକ୍ଷ୍ନୌ ରେଳ ଷ୍ଟେସନ ନିର୍ମାଣ ଦୃଷ୍ଟିରୁ ସ୍ଥାପତ୍ୟର ଏକ ବିସ୍ମୟ । ଏହାର ନିର୍ମାଣ ଶୈଳୀ ଅତ୍ୟନ୍ତ ସୁନ୍ଦର । ଏହି ଷ୍ଟେସନକୁ ପୂର୍ବରୁ ଚାରବାଗ୍ ରେଳ ଷ୍ଟେସନ ମଧ୍ୟ କୁହାଯାଉଥିଲା । କାରଣ ପୂର୍ବରୁ ଏଠାରେ ୪ଟି ରାଜକୀୟ ଉଦ୍ୟାନ ଥିଲା । ବର୍ତ୍ତମାନ ଏହା ଏକ ରାଜପ୍ରାସାଦ ପରି ମନେହୁଏ । ଏହାର ଚାରିପାଖରେ ଛତ୍ରି ଏବଂ ଗମ୍ବୁଜ ରହିଛି । ୧୯୨୩ ମସିହାରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମିତ ହୋଇଥିଲା ।

## ଥାନେ ରେଳ ଷ୍ଟେସନ୍

ଭାରତର ପ୍ରଥମ ଯାତ୍ରୀବାହୀ ରେଳ ପାଇଁ ଏହା ପ୍ରଥମ ଟର୍ମିନସ୍ ଥିଲା । ତେଣୁ ଛତ୍ରପତି ଶିବାଜୀ ଷ୍ଟେସନ୍ ପରି ଏହା ମଧ୍ୟ ୧୯୫୩ରେ ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ତିନୋଟି ଯାତ୍ରୀବାହୀ ରେଳ- ସାହେବ୍, ସିନ୍ଧ୍ ଏବଂ ସୁଲ୍‌ତାନ ରହୁଥିଲା ।



## ସିଓନ ରେଳ ଷ୍ଟେସନ୍

୧୮୫୩ରେ ଯେତେବେଳେ ଭାରତର ପ୍ରଥମ ଟ୍ରେନ୍ ବୋରିବନ୍ଦର ଠାରୁ ଥାନେ ପର୍ଯ୍ୟନ୍ତ ଚାଲିଲା ସେତେବେଳେ ଏହା ସିଓନ୍ ଷ୍ଟେସନ୍‌ରେ ଅଟକି ଥିଲା ପାଣି ଭରିବା ପାଇଁ । ଅର୍ଥାତ୍ ଏହା ମଧ୍ୟ ୧୮୫୩ ମସିହାରେ ଆରମ୍ଭ ହୋଇଥିଲା ।

## ରୋୟାପୁରମ୍ ରେଳ ଷ୍ଟେସନ୍

ଚେନ୍ନାଇ ବେଳାଭୂମିର ଆରାକୋନାମ୍ ବିଭାଗରେ ରୋୟାପୁରମ୍ ଠାରେ ଅଛି ଏହି ରେଳ ଷ୍ଟେସନ୍ ।ଭାରତର ସର୍ବପୁରାତନ କାର୍ଯ୍ୟକ୍ଷମ ରେଳ ଷ୍ଟେସନ୍ ମଧ୍ୟରୁ ଏହା ଅନ୍ୟତମ । ଦେଶର ଅନ୍ୟ ଦୁଇ ସର୍ବପୁରାତନ ରେଳ ଷ୍ଟେସନ୍ ମୁମ୍ବାଇ ଏବଂ ଥାନେର ପୁରାତନ ଅଂଶ ଏବେ କାର୍ଯ୍ୟକ୍ଷମ ନାହିଁ । ଦକ୍ଷିଣର ଭାରତର ପ୍ରଥମ ଟ୍ରେନ୍ ରୋୟାପୁରମ୍ ଷ୍ଟେସନ୍‌ରୁ ୧୮୫୬ ମସିହା ଜୁନ୍ ମାସରେ ଚଳାଚଳ ଆରମ୍ଭ କରିଥିଲା ।୧୯୨୨ ମସିହାରେ ଏହା ମାଡ୍ରାସ୍ ଏବଂ ଦକ୍ଷିଣ ମହ୍ରାଟ୍ଟା ରେଳବାଇର ମୁଖ୍ୟାଳୟ ଭାବରେ କାର୍ଯ୍ୟ କରୁଥିଲା । ଏହାପରେ ଏହା ଏଗ୍‌ମୋର୍‌କୁ ସ୍ଥାନାନ୍ତରିତ ହୋଇଥିଲା । ମୁମ୍ବାଇ ଏବଂ ଥାନେର ପ୍ରଥମ ଅଟ୍ଟାଳିକା ବର୍ତ୍ତମାନ ନଥିବାରୁ ଏହି ଷ୍ଟେସନ୍ ବର୍ତ୍ତମାନ ଉପମହାଦେଶର ସର୍ବପୁରାତନ ରେଳ ଷ୍ଟେସନ୍‌ର ମାନ୍ୟତା ପାଉଛି ।







## ଭାରତର ଦୀର୍ଘତମ ରେଳ ପ୍ଲାଟଫର୍ମ

ରେଳ ନେଟ୍‌ୱାର୍କରେ ଭାରତ ପୃଥିବୀରେ ତୃତୀୟ । ଭାରତୀୟ ରେଳବାଇର ୭,୧୧୨ ଟି ଷ୍ଟେସନ୍ ରହିଛି ସାରା ଦେଶରେ । ସମୁଦାୟ ୬୫,୮୦୮ କିମି ଦୀର୍ଘ ଏହାର ଯୋଗାଯୋଗ । ଏଠାରେ ଅନେକ ରେଳ ଷ୍ଟେସନ୍ ଅଛି ଯାହାର ପ୍ଲାଟଫର୍ମ ଅନ୍ୟ ରେଳ ଷ୍ଟେସନ୍‌ର ପ୍ଲାଟଫର୍ମ ଠାରୁ ଖୁବ୍ ଅଧିକ । ତେବେ ସାତଟି ରେଳ ପ୍ଲାଟଫର୍ମର ଦୀର୍ଘତା ପ୍ରକୃତରେ ଉଲ୍ଲେଖଯୋଗ୍ୟ । ଏ ମଧ୍ୟରେ ସବୁଠାରୁ ଆଗରେ ଅଛି ଗୋରଖପୁର ରେଳ ଷ୍ଟେସନ୍ । ଏହି ଷ୍ଟେସନ୍‌ର ପ୍ଲାଟଫର୍ମର ଲମ୍ବା ୧,୩୬୬.୩୩ ମିଟର ଅର୍ଥାତ୍ ୪୪୮୩ ଫୁଟ ଛ ଏହା ପୃଥିବୀରେ ସବୁଠାରୁ ଦୀର୍ଘ ପ୍ଲାଟଫର୍ମ । ଭାରତର ସବୁଠାରୁ ଅଧିକ ରେଳ ଟିକଟ ବିକ୍ରି ହେଉଥିବା ରେଳ ଷ୍ଟେସନ୍ ମଧ୍ୟରୁ ଏହା ଅନ୍ୟତମ । ଦ୍ୱିତୀୟ ସ୍ଥାନରେ ରହିଛି କେରଳର କୋଲାମ୍ ଜଙ୍କସନ୍ । ଏହା କେରଳର ସର୍ବପୁରାତନ ରେଳ ଷ୍ଟେସନ୍ ଏବଂ ଏବଂ ଭାରତର ଦ୍ୱିତୀୟ ଦୀର୍ଘତମ ପ୍ଲାଟଫର୍ମ ରହିଛି ଏହାର । ଏହି ପ୍ଲାଟଫର୍ମର ଲମ୍ବା ୧,୧୮୦.୦ ମିଟର ବା ୩୮୭୩ ଫୁଟ ଛ ଭାରତରେ ଦ୍ରୁତତମ ୱାଇଫାଇ ଇଣ୍ଟରନେଟ୍ ସେବା ଯୋଗାଉଥିବା ୧୦୦ ଷ୍ଟେସନ୍ ମଧ୍ୟରେ ଏହା ରହିଛି । ତୃତୀୟ ସ୍ଥାନରେ ଅଛି ପଶ୍ଚିମବଙ୍ଗର ଖଡ଼ଗପୁର ଷ୍ଟେସନ୍ । ଏହା ପୃଥିବୀର ତୃତୀୟ ଦୀର୍ଘତମ ପ୍ଲାଟଫର୍ମ । ଏହାର ଦୀର୍ଘତା ପ୍ରାୟ ୧,୦୭୨.୫ ମିଟର ବା ୩୫୧୯ ଫୁଟ । ରେଳ ରିଜର୍ଭେସନ୍ କ୍ଷେତ୍ରରେ ଏହା ଦେଶରେ ପଞ୍ଚମ ସର୍ବବୃହତ୍ । ୨୦୧୩ ମସିହା ପର୍ଯ୍ୟନ୍ତ ଏହା ପୃଥିବୀର ଦୀର୍ଘତମ ରେଳ ଷ୍ଟେସନ୍‌ର ମାନ୍ୟତା ପାଇ ଆସୁଥିଲା । ଚତୁର୍ଥ ସ୍ଥାନରେ ଅଛି ଛତିଶଗଡ଼ର ବିଲାଶପୁର ରେଳ ଷ୍ଟେସନ୍ । ଏହା ଦୀର୍ଘତାରେ ଭାରତରେ ଚତୁର୍ଥ ଏବଂ ସାରା ପୃଥିବୀରେ ପଞ୍ଚମ । ଏହା ୮୦୨ ମିଟର ଦୀର୍ଘ ଏବଂ ଏଠାରେ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟାଳୟ ରହିଛି । ଉତ୍ତର ପ୍ରଦେଶର ଝାନ୍ସି ରେଳ ଷ୍ଟେସନ୍ ଦୀର୍ଘତା ଦୃଷ୍ଟିରୁ ଭାରତରେ ପଞ୍ଚମ । ଏହାର ପ୍ଲାଟଫର୍ମ ୭୭୦ ମିଟର ବା ୨୫୨୬ ଫୁଟ ଦୀର୍ଘ । ଏହି ଷ୍ଟେସନ୍ ମଧ୍ୟରେ ରେଷ୍ଟୁରାଷ୍ଟ, ଶୀତତାପ ନିୟନ୍ତ୍ରିତ କୋଠରି ଏବଂ ପର୍ଯ୍ୟଟନ ସୂଚନା କାର୍ଯ୍ୟାଳୟ ରହିଛି । ବିହାରର ସୋନେପୁର୍ ରେଳଷ୍ଟେସନ୍ ଭାରତର ଷଷ୍ଠ ଏବଂ ବିଶ୍ୱର ଦଶମ ଦୀର୍ଘତମ ରେଳ ଷ୍ଟେସନ୍ । ଏହାର ପ୍ଲାଟଫର୍ମର ଦୀର୍ଘତା ୭୩୮ ମିଟର ବା ୨୪୨୧ ଫୁଟ । ଏହି ଷ୍ଟେସନ୍‌ରେ ୬ଟି ପ୍ଲାଟଫର୍ମ ରହିଛି । ଏହି ସହରରେ ଭାରତର ଦୀର୍ଘତମ ସଡକ-ରେଳ ପୋଲ ରହିଛି ଯାହାକୁ କୁହାଯାଏ ଗଙ୍ଗା ରେଲ୍ ରୋଡ୍ ବ୍ରିଜ୍ । ଦୀର୍ଘତାରେ ସପ୍ତମ ସ୍ଥାନରେ ଅଛି ପଶ୍ଚିମବଙ୍ଗର ନବଦ୍ୱୀପ ଧାମ ରେଳ ଷ୍ଟେସନ୍‌ର ପ୍ଲାଟଫର୍ମ । ଏହି ପ୍ଲାଟଫର୍ମର ସମୁଦାୟ ଦୀର୍ଘତା ୭୨୦ ମିଟର ବା ୨୩୬୨ ଫୁଟ । ଏହି ଷ୍ଟେସନ୍ ହାଓଡ଼ା ଠାରୁ ୧୦୫ କିମି ଦୂରତାରେ ବନ୍ଦେଲ୍- କେଟ୍‌ୱା ଶାଖା ଲାଇନ୍‌ରେ ରହିଛି ଏବଂ ଏହାର ଆସାମ, ବିହାର, ଓଡ଼ିଶା ଏବଂ କୋଲକାତା ସହ ଭଲ ଯୋଗାଯୋଗ ବ୍ୟବସ୍ଥା ରହିଛି ।

## ଭାରତୀୟ ରେଳ ସମ୍ପର୍କରେ କିଛି

ଇଂରେଜମାନେ ଭାରତକୁ ଯାହା କିଛି ଭଲ ଦେଇ ଯାଇଥିଲେ ସେ ମଧ୍ୟରୁ ଅନ୍ୟତମ ରେଳ ବ୍ୟବସ୍ଥା । ସେମାନେ ନିଜର ଗମନାଗମନର ସୁବିଧା ପାଇଁ ଭାରତକୁ ରେଳ ଆଣିଥିଲେ କିନ୍ତୁ ବର୍ତ୍ତମାନ ଭାରତ ପୃଥିବୀର ତୃତୀୟ ବୃହତ୍ତମ ରେଳ ଯାତାୟତ ବ୍ୟବସ୍ଥା ଛ ଏହା ଭାରତର ଜୀବନ ଧାରା ଏବଂ ଏହା ନିଜର ବିଦ୍ୟୁତ୍ ଚାଳିତ, ଡିଜେଲ୍ ଚାଳିତ ଏବଂ ପାସେଞ୍ଜର୍ କୋଚ୍ ଫାକ୍ଟ୍ରିଗୁଡ଼ିକୁ ପରିଚାଳନା କରେ । ଏହାର ନିଜସ୍ୱ ଗବେଷଣା ଏବଂ ମାନକ ବିଭାଗ ରହିଛି । ରେଳବାଇ ପାଇଁ ଭାରତ ସରକାରଙ୍କର ସ୍ୱତନ୍ତ୍ର ବିଭାଗ ଏବଂ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା ରହିଛି । ରେଳବାଇ ଭାରତର ବୃହତ୍ ଜନସଂଖ୍ୟାକୁ ନିଜର ଦୈନନ୍ଦିନ କାର୍ଯ୍ୟକଳାପ ସୁରୁଖୁରୁରେ ଚଲାଇବାରେ ସାହାଯ୍ୟ କରିଥାଏ ।

ଭାରତରେ ପ୍ରଥମ ରେଳ ଚଳାଚଳ ଆରମ୍ଭ ହୋଇଥିଲା ୧୮୫୩ ମସିହା ଏପ୍ରିଲ୍ ୧୬ ତାରିଖରେ, ବୋରି ବନ୍ଦରରୁ ଥାନେ ପର୍ଯ୍ୟନ୍ତ । ଭାରତୀୟ ରେଳର ମାସ୍କଟ୍ ହେଉଛି ଭୋଲୁ ନାମକ ହାତୀ । ଭାରତୀୟ ରେଳବାଇର ସମୁଦାୟ ଧାରଣା ନିରକ୍ଷ ବୃତ୍ତକୁ ଦେଢ଼ଥର ଅତିକ୍ରମ କରି ପାରିବ । ପ୍ରତିଦିନ ଭାରତୀୟ ରେଳ ଯେତିକି ଦୂରତା ଅତିକ୍ରମ କରେ ଏହା ପୃଥିବୀରୁ ଚନ୍ଦ୍ର ଦୂରତାର ସାଢ଼େ ତିନି ଗୁଣ । ପୃଥିବୀର ସମୁଦାୟ ୧୨୭,୭୬୦ କିଲୋମିଟର ରେଳ ନେଟ୍‌ୱାର୍କ ମଧ୍ୟରୁ ୬୫,୮୦୮ କିମି ରହିଛି କେବଳ ଭାରତରେ । ବାର୍ଷିକ ୮୪୨୧ ମିଲିୟନ୍ ଯାତ୍ରୀ ୯୯୯୧ଟି ଟ୍ରେନ୍‌ରେ ଭାରତର ୭୧୭୨ ଷ୍ଟେସନ୍‌ରେ ଚଳାଚଳ କରିଥାଆନ୍ତି । ଭାରତର ପ୍ରତିଦିନିଆ ଯାତ୍ରୀଙ୍କ ସଂଖ୍ୟା କେତେକ ଦେଶର ସମୁଦାୟ ଜନସଂଖ୍ୟା ଠାରୁ ମଧ୍ୟ ଅଧିକ । ଏହା ବର୍ଷକୁ ୧୦୧୪.୧୫ ମିଲିୟନ୍ ଟନ୍ ମାଲ୍ ପରିବହନ ମଧ୍ୟ କରିଥାଏ । ହଁ ଜାଣନ୍ତି କି, ଭାରତର ପ୍ରଥମ ରେଳ ରାସ୍ତା ଦୁଇଜଣ ଭାରତୀୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା ? ସେମାନେ ହେଉଛନ୍ତି ଜଗନ୍ନାଥ ଶଙ୍କରସେଠ ଏବଂ ଜାମ୍‌ସେଦଜୀ ଜିଜାଭୋଏ ।

ଭାରତରେ ମେଟୁପଲୟମ୍ ଉଟି ନୀଳଗିରି ପାସେଞ୍ଜର୍ ଟ୍ରେନ୍ ସବୁଠାରୁ ଧୀମା ଟ୍ରେନ୍ । ଏହା ଘଣ୍ଟା ପିଛା ୧୦ କିମି ବେଗରେ ଚାଲି ଥାଏ ।

ଭାରତର ସବୁଠାରୁ ଦୀର୍ଘ ରେଳଷ୍ଟେସନ୍ ନାମ ହେଉଛି ଭେଙ୍କଟନର ସିମ୍‌ହାରା ଜୁବାରିପେଟା ।

ଏହାର କର୍ମଚାରୀ ସଂଖ୍ୟା ପ୍ରାୟ ୧.୬ ନିୟୁତ, ଏବଂ ଏହା ପୃଥିବୀର ନବମ ବୃହତ୍ ନିଯୁକ୍ତିଦାତା । ଭାରତୀୟ ରେଳ କେବଳ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ।

ହାଓଡ଼ା –ଅମୃତସର ଏକ୍ସପ୍ରେସ୍ ସବୁଠାରୁ ଅଧିକ ରହଣି ଥିବା ଏକ୍ସପ୍ରେସ୍ ଟ୍ରେନ୍, ଏହା ୧୧୫ଟି ଷ୍ଟେସନ୍‌ରେ ଅଟକେ ।

୧୯୮୬ ମସିହାରେ ଭାରତରେ ନୂଆଦିଲ୍ଲୀରେ ପ୍ରଥମ କମ୍ପ୍ୟୁଟରୀକୃତ ରିଜର୍ଭେସନ୍ ସେବା ଆରମ୍ଭ ହେଲା ।

ଗୌହାଟି–ତ୍ରିଭେନ୍ଦ୍ରମ୍ ଏକ୍ସପ୍ରେସ୍ ଦେଶର ସବୁଠାରୁ ଅବିଶ୍ୱସନୀୟ । ଏହା ଦୈନିକ ପ୍ରାୟ ୧୦–୧୨ ଘଣ୍ଟା ବିଳମ୍ବରେ ଆସିଥାଏ ।

ଭାରତର ଉଚ୍ଚତମ ରେଳ ପୋଲ ଚେନାବ୍ ନଦୀ ଉପରେ ନିର୍ମିତ ହେଉଛି, ଏହା ଏଫିଲ୍ ଟାୱାର୍କୁ ମଧ୍ୟ ବଳିଯିବ ।

ଆପଣ ଜାଣି ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ଯେ ୫୦ ବର୍ଷ ପର୍ଯ୍ୟନ୍ତ ଭାରତୀୟ ରେଳ ଗୁଡ଼ିକରେ ଶୌଚାଳୟ ବ୍ୟବସ୍ଥା ନଥିଲା ।

୨୦୧୪ ମସିହାରେ ଟ୍ରେନ୍‌ରେ ସମୟ ଜାଣିବା ପାଇଁ ଭାରତୀୟ ରେଳ ଦ୍ୱାରା ଏକ ମୋବାଇଲ୍ ଆପ୍ ବ୍ୟବସ୍ଥା ଆରମ୍ଭ ହୋଇଛି ।

ଭାରତର ଛତ୍ରପତି ଶିବାଜୀ ଟର୍ମିନସ୍ ଏବଂ ଇଣ୍ଡିଆନ୍ ମାଉଣ୍ଟେନ୍ ରେଲ୍‌ୱେକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳରେ ସାମିଲ କରିଛି ।

ଇଣ୍ଡିଆନ୍ ମାଉଣ୍ଟେନ୍ ରେଲ୍‌ୱେ ମଧ୍ୟରେ ରହିଛି ତିନୋଟି ରେଳବାଇ ଡିଭିଜନ୍ – ଦାର୍ଜିଲିଂ ହିମାଳୟାନ୍ ରେଲୱେ, ନିଲଗିରି ମାଉଣ୍ଟେନ୍ ରେଲ୍‌ୱେ ଏବଂ କାଲ୍କା–ସିମ୍ଲା ରେଲ୍‌ୱେ । ଏହି ତିନୋଟି ଯାକ ଟ୍ରେନ୍ ୧୦୦ ବର୍ଷ ହେବ ଚଳାଚଳ କରୁଛି ।

ଭାରତୀୟ ରେଳବାଇର ପାଞ୍ଚଟି ବିଳାସମୟ ଟ୍ରେନ୍ ରହିଛି । ସେଗୁଡ଼ିକ ହେଉଛି– ରୟାଲ୍ ରାଜସ୍ଥାନ ଅନ୍ ଦି ହୁଇଲ୍ସ, ପ୍ୟାଲେସ୍ ଅନ୍ ହୁଇଲ୍ସ (ରାଜସ୍ଥାନ), ଦି ଗୋଲ୍ଡେନ୍ ଚାରିଅଟ୍ (କର୍ଣ୍ଣାଟକ ଏବଂ ଗୋଆ), ଦି ମହାରାଜା ଏକ୍ସପ୍ରେସ୍ (ଦିଲ୍ଲୀରୁ ଆରମ୍ଭ) ଏବଂ ଦି ଡେକାନ୍ ଓଡେଶୀ (ମହାରାଷ୍ଟ୍ରରୁ ଆରମ୍ଭ ) । ଏଗୁଡ଼ିକ ଭାରତୀୟ ରେଳବାଇର ଗୌରବ କାରଣ ପୃଥିବୀର ସବୁଠାରୁ ବିଳାସମୟ ଟ୍ରେନ୍ ମଧ୍ୟରୁ ଏଗୁଡ଼ିକ ଅନ୍ୟତମ । ଦୀର୍ଘତମ ଦୂରତା ଅତିକ୍ରମ କରୁଥିବା ଭାରତୀୟ ରେଳର ମାନ୍ୟତା ପାଇଛି ବିବେକ୍ ଏକ୍ସପ୍ରେସ୍ (ଡିବ୍ରୁଗଡ଼ରୁ କନ୍ୟାକୁମାରୀ) । ଏହା ୪୨୭୩ କିମି ଦୂରତା ଅତିକ୍ରମ କରେ । ଭାରତର ସବୁଠାରୁ କମ୍ ଦୂରତା ଅତିକ୍ରମ କରୁଥିବା ଟ୍ରେନ୍ ନାଗପୁରରୁ ଅଜ୍ନି ମଧ୍ୟରେ ଚଳାଚଳ କରେ, ଏହି ଦୂରତା ମାତ୍ର ୩ କିଲୋମିଟର ।





ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୬ ଜାନୁଆରୀ ୨୦୨୬ । ମଙ୍ଗଳବାର

# ସଡକ ବ୍ୟବସ୍ଥା ସୁଧାରିବାକୁ ଦାବି



**ରାୟଗଡା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ସହର ଅନ୍ତର୍ଗତ ସାଇ ପ୍ରିୟା ନଗରର ବାସିନ୍ଦାମାନେ ଅଞ୍ଚଳର ରାସ୍ତାଘାଟର ଅତ୍ୟନ୍ତ ଦୟନୀୟ ଅବସ୍ଥା ଓ ସଠିକ୍ ନିଷ୍କାସନ ବ୍ୟବସ୍ଥାର ଅଭାବ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାର ପରିଣାମସ୍ୱରୂପ ଦୈନିକ ଜୀବନ ଅତ୍ୟନ୍ତ କଷ୍ଟକର ଓ ଅସୁରକ୍ଷିତ ହୋଇପଡ଼ିଛି ।

ସ୍ଥାନୀୟ ବାସିନ୍ଦାମାନଙ୍କ କହିବାନୁସାରେ, ସାଇ ପ୍ରିୟା ନଗରର ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଭାରି ଦୟନୀୟ ଅବସ୍ଥାରେ ରହିଛି । ବର୍ଷା ଋତୁରେ ନିଷ୍କାସନ ବ୍ୟବସ୍ଥା ନଥିବାରୁ ମେଳା ପାଣି ଓ ଆବର୍ଜନା ଘରମାନଙ୍କ ଭିତରକୁ ପ୍ରବେଶ କରୁଛି, ଯାହାର ଫଳରେ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହେଉଛି ଏବଂ ଜଳଜନିତ ରୋଗର ଆଶଙ୍କା ବଢୁଛି । ଏହାର ସର୍ବାଧିକ ପ୍ରଭାବ ଶିଶୁ ଓ ବୃଦ୍ଧମାନଙ୍କ ଉପରେ ପଡୁଛି ।

ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ, ଏହି ସମସ୍ୟା ସମ୍ପର୍କରେ ଏକାଧିକଥର ସ୍ଥାନୀୟ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ଅବଗତ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳସ୍ୱରୂପ ବାସିନ୍ଦାମାନେ ଦୁର୍ଗନ୍ଧ, ମେଳା ପାଣି ଓ ଅସ୍ୱଚ୍ଛ ପରିସ୍ଥିତି ମଧରେ ବସୋବାସ କରିବାକୁ ବାଧ ହେଉଛନ୍ତି ।

ବର୍ଷା ଦିନରେ ବିଶେଷକରି ସ୍କୁଲ୍ ଯାଉଥିବା ଶିଶୁମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାଣି ଜମା ଓ କାଦୁଆ ରାସ୍ତା ଦେଇ ଯାତାୟାତ କରିବା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଗଭୀର ଜୋଖିମରେ ପଡୁଛି ।

ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଇ ପ୍ରିୟା ନଗରର ବାସିନ୍ଦାମାନେ ତାଙ୍କ ଦୀର୍ଘଦିନର ଦାବି ସହିତ ରାୟଗଡା ଜିଲ୍ଲାପାଳଙ୍କୁ ଏକ ନିବେଦନପତ୍ର ଦାଖଲ କରିଛନ୍ତି । ଏହି ନିବେଦନ ପ୍ରଦାନ ସମୟରେ ବାବଜି, ମନମଧା ରାଓ, ଲୋକେଶ, ରାମରାଓ, ସତ୍ୟନାରାୟଣ ଓ ଶିବ ଉପସ୍ଥିତ ଥିଲେ ।

ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ବାସିନ୍ଦାମାନଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ନେବା ସହିତ ସମସ୍ୟାର ସମାଧାନ ପାଇଁ ସଘନ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଶ୍ୱାସନ ଦେଇଛନ୍ତି । ବାସିନ୍ଦାମାନେ ଆଶା ପ୍ରକାଶ କରିଛନ୍ତି ଯେ, ଜିଲ୍ଲା ପ୍ରଶାସନଙ୍କ ଏହି ଆଶ୍ୱାସନ ଶୀଘ୍ର କାର୍ଯ୍ୟରୂପ ନେବ, ନହେଲେ ଆଗାମୀ ଦିନରେ ଗଭୀର ସ୍ୱାସ୍ଥ୍ୟ ସମସ୍ୟା ଓ ଜୀବନଯାପନର ଅବନତି ହେବାର ଆଶଙ୍କା ରହିଛି ।

# ସିନ୍ଥେଟିକ୍ ପନିର ଏବଂ ଅପମିଶ୍ରିତ କ୍ଷୀର କବ୍‌ଜାରେ ନିଆଳି

**ନିଆଳି,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବଜାର ସମେତ ବିଭିନ୍ନ ଅଞ୍ଚଳରେ ନକଲି ପନିର, ଛେନା, ଦହି ଅପମିଶ୍ରିତ କ୍ଷୀର ସହିତ ଅନେକ ଦୁଗ୍ଧ ଜାତୀୟ ଖାଦ୍ୟ ପଦାର୍ଥ ବହୁଳ ମାତ୍ରାରେ ବିକ୍ରି କରାଯାଉଥିବା ଖବର ଖାଉଟିଙ୍କୁ ଚିନ୍ତାରେ ପକାଇଛି । ନିଆଳି ଅଞ୍ଚଳରେ ଯେତିକି ଗାଈ ଓ ମଇଁଷି ଅଛନ୍ତି ସେମାନଙ୍କ ଠାରୁ ଦୈନନ୍ଦିନ ଉତ୍ପାଦନ ହେଉଥିବା ଦୁଗ୍ଧରେ ଆବଶ୍ୟକତା ଦୁଗ୍ଧ ଜାତୀୟ ଦ୍ରବ୍ୟ ଖାଉଟିଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ । ଏହାର ସୁଯୋଗ ନେଇ ଅସାଧୁ ବେପାରୀ ଅପମିଶ୍ରଣ କରିବାକୁ ପଛାଉନାହାନ୍ତି । ନିଆଳି ଅଞ୍ଚଳରେ ବିରାଟ ବିରାଟ ଗୋଦାମ କରି ନିମ୍ନମାନର କ୍ଷୀର ପାଉଡ଼ର ବିକ୍ରି କରାଯାଉଥିବା ବେଳେ ବେପାରୀମାନେ ଏହି ପାଉଡ଼ରକୁ କିଣି ଏହା ସହିତ ଭେଜିଟେବଲ୍ ଫ୍ୟାଟ ମିଶ୍ରଣ ଜରିଆରେ ଛେନା, ପନିର ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି । ଏହି ପାଉଡ଼ର ଦ୍ୱାରା ଦହି, ମିଠା ଦହି, ରାବିଡି ଭଳି ଅନେକ ଦୁଗ୍ଧ ଜାତୀୟ ଖାଦ୍ୟ ଓ ପାନୀୟ ଖାଦ୍ୟ ବଜାରକୁ ଛାଡୁଛନ୍ତି । ବିଶେଷ କରି ନିଆଳି ବଜାରକୁ ସିନ୍ଥେଟିକ୍ ପନିର ଓ ଅପମିଶ୍ରିତ କ୍ଷୀର କବ୍‌ଜା କରି ନେଇଥିବା ଅଭିଯୋଗ ହେଉଛି । ଲୋକମାନଙ୍କୁ ଆବଶ୍ୟକ ପରିମାଣର କ୍ଷୀର ମିଳୁନଥିବା ବେଳେ ବଜାରରେ ପ୍ରଚୁର ପରିମାଣର ପନିର ମିଳୁଥିବା ଖାଉଟିଙ୍କ ମନରେ ସନ୍ଦେହ ବଢାଇଛି । ଏହି ଅପମିଶ୍ରିତ କ୍ଷୀର, ଛେନା, ପନିର ବଜାରକୁ ଆସିବା ପଛରେ ଆନ୍ତରାଜ୍ୟ, ଦଲାଲ କାମ କରୁଥିବା ଅଭିଯୋଗ ହେଉଛି । ଯେଉଁମାନେ କି ରାଜଧାନୀ ସମେତ ରାଜ୍ୟ ବାହାରୁ କ୍ଷୀର ପାଉଡ଼ର ଆଣି ନିଆଳି ଅଞ୍ଚଳରେ ବ୍ୟବସାୟୀମାନଙ୍କୁ ବିକ୍ରି କରୁଛନ୍ତି । ବେପାରୀମାନେ ଏହି ପାଉଡ଼ର କୁ ନେଇ ଦୁଗ୍ଧ ଜାତୀୟ ଖାଦ୍ୟ ଦ୍ରବ୍ୟ ବିକ୍ରି କରୁଛନ୍ତି । ଦୁଗ୍ଧରୁ ତିଆରି ବିଭିନ୍ନ ଜିନିଷ ଅପେକ୍ଷା ପାଉଡ଼ରରୁ ତିଆରି ହେଉଥିବା ଜିନିଷ ଶସ୍ତା ଓ ଲାଭ ଜନକ ହେଉଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନଦେଇ ଅଧିକ ଲାଭ ଆଶାରେ ବେପାରୀମାନେ ସେମାନଙ୍କ ବୃତ୍ତି କରିସାରିଲେଣି । ନିଆଳି ନୂଆ ଗାଁ ବଜାରରେ ଏହି କୃତ୍ରିମ କ୍ଷୀର ପାଉଡ଼ର ଶହ ଶହ ବସ୍ତା ଖୁଲମ ଖୁଲା ଗାଡ଼ିରେ ବିକ୍ରି ହେଉଛି । ଏହି ପାଉଡ଼ରରେ ମିଲ୍ କ ଫ୍ୟାଟ ବଦଳରେ ଭେଜିଟେବଲ ଫ୍ୟାଟ ମିଶାଯାଉଛି । ନକଲି ଛେନା, ପନିର ପ୍ରସ୍ତୁତ ପାଇଁ ନାଇଟ୍ରିକ ଏସିଡ ବ୍ୟବହାର ହେଉଛି । ଏହାକୁ ଖାଇଲେ ମନୁଷ୍ୟ ଦେହରେ ବିଭିନ୍ନ ରୋଗର ସୃଷ୍ଟିର କାରଣ ହେବ । ବଜାରରେ ବିକ୍ରି ହେଉଥିବା ଛେନା, ପନିର ଓ ମିଠା ଦହି ଭଳି ବିଭିନ୍ନ ଖାଦ୍ୟ ଦ୍ରବ୍ୟର ଯାଞ୍ଚ ଓ କଳା ବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିଷ୍କ୍ରିୟ ହୋଇପଡିଛି ଜିଲ୍ଲା ଓ ବ୍ଲକ ଖାଦ୍ୟ ନିରାପତ୍ତା ବିଭାଗ । ଯାହା ଫଳରେ ନିୟମିତ ଖାଦ୍ୟନିରପତ୍ତା ଅଧିକାରୀମାନେ ଯାଞ୍ଚ କରୁନଥିବାରୁ ବଜାରରେ ମିଳୁଥିବା ଦୁଗ୍ଧ ଜାତୀୟ ଜିନିଷ ଏହା ଅସଲି ନା ନକଲି ଲୋକ ସଠିକ ଭାବରେ ଜାଣି ପାରୁନାହାନ୍ତି । ଯାହା ଫଳରେ ଖାଉଟି ଚିନ୍ତାରେ ପଡୁଛନ୍ତି । ଏନେଇ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଅନିତା ମହାନ୍ତିଙ୍କୁ ଫୋନ୍ କଲେ ମଧ ସେ ଫୋନ୍ ଉଠାଇ ନ ଥିଲେ ।

# ୪ ଓଡ଼ିଆଙ୍କୁ ମିଳିବ ସିଭି ରମଣ ପୁରସ୍କାର

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ବର୍ଷ ପାଇଁ ସିଭି ରମଣ ସମ୍ମାନ ଚୟନ ପରିଷଦ ପକ୍ଷରୁ ସିଭି ରମଣ ପୁରସ୍କାର ଘୋଷଣା କରାଯାଇଛି । ସେମାନଙ୍କ ମଧ୍ୟରୁ ପଦାର୍ଥ ବିଜ୍ଞାନର ଗବେଷଣା କ୍ଷେତ୍ରରେ ମୁମ୍ବାଇ ସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଅଶୋକ ଦାସ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଭୁବନେଶ୍ୱର ଏମସର ପ୍ରଫେସର ତୁଷାର ସୁଭଦର୍ଶନ ମିଶ୍ର, ଇଂଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓ୍ୱାରାଙ୍ଗଲ ସ୍ଥିତ ଏନଆଇଟିର ସହକାରୀ ପ୍ରଫେସର ଡ଼କ୍ଟର ସଞ୍ଜୟ କୁମାର ପଣ୍ଡାଙ୍କୁ ଯୁବ ବିଜ୍ଞାନୀ ପୁରସ୍କାର ଓ ପଶ୍ଚିମବଙ୍ଗର ଏମସ କଲ୍ୟାଣୀରୁ ପ୍ରଥମ ବର୍ଷର ଛାତ୍ର ଅରବିନ୍ଦ ସାହୁ ସିଭି ରମଣ ଛାତ୍ର ପ୍ରତିଭା ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପରିଷଦର ମିଡ଼ିଆ ସେଲର ମୁଖ୍ୟ ବିଜୟ ଦାସ ସୂଚନା ଦେଇଛନ୍ତି ।

# ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଦେହାନ୍ତ

**ଖଡିଆଳ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଖଡିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଆଜି ୮୦ ବର୍ଷ ବୟସରେ ଦେହାନ୍ତ । ବିଭିନ୍ନ ମହଲରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ସୋମବାର ସକାଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ବେଳେ ଦିନ ୧ ଘଣ୍ଟାରୁ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଦିନ ୧ ଘଣ୍ଟା ୩୫ ମିନିଟରେ ମୃତ୍ୟୁ ହୋଇଅଛି । ଜିତାମିତ୍ର ସିଂ ଦେଓ ଦୁଇ ଗୋଟି ଡକ୍ଟରେଟ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରୁ ସମ୍ମାନ ଜନକ ଡକ୍ଟରେଟ୍ ପାଇଛନ୍ତି । ତାଙ୍କ ଦ୍ୱାରା ୧୯ ଖଣ୍ଡ ଇତିହାସ ଏବଂ ପନ୍ତତାତ୍ତ୍ୱିକ ବିଷୟ ପୁସ୍ତକ ରଚନା କରିଥିବା ବେଳେ ଅନେକ ବହି ବିଦେଶ ଏବଂ ଭାରତର ଅନେକ ବିଶ୍ୱ ବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ବ୍ୟବହାର ହୋଇଅଛି । ସେ ଜଣେ ଲବ୍ଧ ପ୍ରତିଷ୍ଠିତ ଗବେଶକ ରୂପେ ପରିଚିତ । ନୂଆପଡ଼ା ଜିଲ୍ଲାର ଅନେକ ଐତିହାସିକ ସ୍ଥଳୀର ଉଦଭାବନ କରିଛନ୍ତି । ପ୍ରି ସିଟରି ଶିଳାଲିପି ଯୋଗିମଠ, ତାଙ୍କ ଆଲେଖ୍ୟରେ ଦକ୍ଷିଣ କୋଶଳ, ଜଗନ୍ନାଥ ସଂସ୍କୃତି ଅପର ମହାନଦୀରୁ ନିମ୍ନ ମହାନଦୀ, ଘଟଗୁମର ରକ୍ ଆର୍ଟ, ସର୍ବପୁରିଆ ପାଣ୍ଡୁ ବଂଶୀ ସ୍ୱର୍ଣ୍ଣ ମୁଦ୍ରା, କପର ପ୍ଲେଟ, କଲଚ୍ଚର୍ ସାଉତ୍ କୋଶଳ, ଆରଜିନିଟି ଅଫ୍ ଜଗନ୍ନାଥ ଡେଇଟି, ତାନ୍ତ୍ରିକ ଆର୍ଟ ଅଫ ଓଡ଼ିଶା, ଚେରେକ୍ଟ ଆସାସିନେଶନ ଅଫ୍ ଆଧୁନିକ ଇତିହାସ ଓଡ଼ିଶା ମୁଖ୍ୟ ପୁସ୍ତକ ରହିଅଛି । ତାଙ୍କ ଦୁଇ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି । ରାଣୀ ରାଜଶ୍ରୀ ଦେବୀ ଆନ୍ତିମ୍ ସମୟରେ ଉପସ୍ଥିତ ଥିଲେ । ଯୁବରାଜ୍ ଦେବ ଦେବ ସିଂ ଦେଓଙ୍କ ରାଜ୍ୟଭିଶେକ୍ ହେବା ପରେ ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ମଙ୍ଗଳବାର ୧୦ ଘଣ୍ଟା ସମୟରେ ଶେଷକୃତ୍ୟ ନଦୀଘାଟ ନେହେନା ଠାରେ ଅନୁଷ୍ଠିତ ହେବା ନିଷ୍ପତ୍ତି ହୋଇଛି ।

# ଢୋଲିଆ ମହାସଂଘର ଦ୍ୱିତୀୟ ବାର୍ଷିକୋତ୍ସବ

**ବ୍ରହ୍ମପୁର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଧୁନିକତାର ଛାପରେ ଧୀରେ ଧୀରେ ଲୋପ ପାଇଯାଉଛି ଆମ ସଂସ୍କୃତି ଆଉ ପରମ୍ପରା । ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ କେତେକ ଅହରହ ଚେଷ୍ଟା କରୁଥିବା ବେଳେ କେଉଁଠି କେଉଁଠି ଉପଯୁକ୍ତ ଭିତ୍ତିଭୂମିର ଅଭାବ ତ ପୁଣି ଆଉ କୋଉଠି ସରକାରୀ ଉଦାସୀନତା ମୁଖ୍ୟ କାରଣ ଅଟେ ।

ଏପରି ଘଡିସନ୍ଧି ମୁହୂର୍ତ୍ତରେ ନିଜ ପରମ୍ପରାକୁ ବଞ୍ଚେଇବା ସହ ନୂଆଁ ଢୋଲିଆ ସୃଷ୍ଟି କରିବାର ଉର୍ଦ୍ଦେଶ୍ୟ ନେଇ ଅଣ୍ଟା ଭିଡ଼ିଛି 'ମା ଦଣ୍ଡକାଳୀ ଗଞ୍ଜାମ ଜିଲ୍ଲା ଢୋଲିଆ ମହାସଂଘ' । ଜିଲ୍ଲାର ଶତାଧିକ ଢୋଲିଆମାନଙ୍କୁ ଏକତ୍ରୀତ କରି ରବିବାର ପାଳନ କରିଛନ୍ତି ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ । ବ୍ରହ୍ମପୁର କବିସୂର୍ଯ୍ୟ ରଙ୍ଗମଞ୍ଚରେ ମହାସଂଘର ସଭାପତି ଲୋକନାଥ ସାମନ୍ତରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଢୋଲ ଶବ୍ଦରେ ପ୍ରେକ୍ଷାଳୟ ପ୍ରକମ୍ପିତ ହୋଇଥିବା ବେଳେ ଚଢ଼େୟା-ଚଢ଼େୟାଣୀ ନୃତ୍ୟ, ଶିବ ପାର୍ବତୀ ନୃତ୍ୟ, ଗାହଣୀ ଗଣ୍ଡି, ରଣପା ଆଦି ପାରମ୍ପରିକ ନୃତ୍ୟ ସହ ଓଡ଼ିଶୀ ପରି ଅନନ୍ୟ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଜେନା କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଜେପି ରାଷ୍ଟ୍ରୀୟ ପରିଷଦ ଅଧକ୍ଷ କାହ୍ନୁଚରଣ ପତି, ବିଜୟ ସ୍ୱାଇଁ, ସାମ୍ବାଦିକ ସୁଦୀପ ସାହୁ, ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଓଡିଶା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ତୁଟୁନ୍ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ବି.ରବିରାଓ, ଜିଲ୍ଲା ଦଣ୍ଡନାଚ୍ଚ ସଭାପତି ବ୍ରଜସୁନ୍ଦର ମଲ୍ଲିକ, ପ୍ରାକ୍ତନ୍ ଜିଲ୍ଲାପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ସମାଜସେବୀ ବାବୁ ଗୌଡ ଏବଂ ଢ଼ୋଲିଆ ମହାସଂଘର ସଭାପତି ଲୋକନାଥ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ରହି ଅବକ୍ଷୟ ମୁଖୀ କେତେକ ଲୋକୋକଳା ଶୀର୍ଷକ ନେଇ ଆଲୋଚ୍ଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଯାତ୍ରା ନିର୍ଦ୍ଦେଶକ ଟୁଟୁପାଢୀ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମରେ ମହାସଂଘର ଉପ-ସଭାପତି ତାରାପ୍ରସାଦ ଦାଶ, ସମ୍ପାଦକ ଖଳିଦାସ, ସହ-ସମ୍ପାଦକ ରଞ୍ଜନ ଦାସ, କୋଷାଧକ୍ଷ ସନ୍ତୋଷକୁମାର ସାହୁଙ୍କ ଉପସ୍ଥିତିରେ ଜିଲ୍ଲା ତଥା ରାଜ୍ୟରେ ବିଭିନ୍ନ ସାଂସ୍କୃତିକ କ୍ଷେତ୍ରକୁ ରୁଦ୍ଧିମନ୍ତ କରିଥିବା କିଛି ଲୋକୋ କଳା ନୃତ୍ୟଗୁରୁ, କିଛି ନାଟ୍ୟଗୁରୁ ଏବଂ ପାରମ୍ପରିକ ନୃତ୍ୟଦିରେ କିଛି କୃତିତ୍ୱଧାରୀ ପ୍ରତିଭାଙ୍କୁ ଉତ୍ତରୀୟ ସହ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ବିଶେଷତଃ ଢୋଲଗୁରୁ ସ୍ୱର୍ଗତ ବାଞ୍ଛାନିଧି ଘଡେଇ ଗୁରୁ ବିଶୁ ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ମିଟିକ ନାୟକ, ଗୁରୁ ଖଲି ଦାସ, ଗୁରୁ ସୀମାଞ୍ଚଳ ଜେନା, ଗୁରୁ ଜେ. ଶ୍ରୀନୁ ଏବଂ ଗୁରୁ ସିଏଚ୍. ଚନ୍ଦ୍ରଶେଖର ରାଓ ମହୋଦୟ ବିଧିବଦ୍ଧ ସଂଘ ତରଫରୁ 'ସର୍ବଶ୍ରେଷ୍ଠ ବାଦ୍ୟ ଗୁରୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ନାଟ୍ୟ ନିର୍ଦ୍ଦେଶକ କୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ଲାଷ୍ଟିକ୍ ମୁକ୍ତ ସମାଜ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସାର୍ଥକ ପ୍ରୟାସ

**କଟକ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ୍ ବ୍ୟବହାରର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ଏହି କ୍ରମରେ ରବିବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ବାହାରି ବିଦ୍ୟାର୍ଥୀମାନେ ବାଙ୍କିସ୍ଥିତ ମା' ଚର୍ଚ୍ଚିକାଙ୍କ ମନ୍ଦିର ପରିସର ଏବଂ ଅଂଶୁପା ହ୍ରଦ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଅଧିବାସୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିଥିଲେ । 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍' ସମ୍ପର୍କରେ ଜନସାଧାରଣ ଏବଂ ସେଠାକାର ଦୋକାନୀମାନଙ୍କୁ ବୁଝାଇବା ସହ ପେପର୍ ପ୍ୟାକେଟ୍ ବ୍ୟବହାର ନେଇ ସେମାନଙ୍କୁ ଉତ୍ସାହିତ କରିଥିଲେ । ଖାଲି ସେତିକି ନୁହେଁ, ଚର୍ଚ୍ଚିକା ମନ୍ଦିର ପରିସରରେ ଥିବା ଦୋକାନୀମାନଙ୍କୁ ଶତାଧିକ ପେପର୍ ପ୍ୟାକେଟ୍ ମଧ ବଣ୍ଟନ କରିଥିଲେ । ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍, ରୋଭର୍-ରେଞ୍ଜର ୟୁନିଟ୍ ଏବଂ 'ଏସଏସୟୁ ଇଣ୍ଟରନ୍ୟାସନାଲ ମଡେଲ ୟୁନାଇଟେଡ୍ ନେସନ୍ସ' ମିଳିତ ଭାବରେ ଏହା ଆୟୋଜନ କରିଥିଲେ । ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ ଡ. ଅମ୍ବିକା ପ୍ରସାଦ ମିଶ୍ର, ଡ. ସନ୍ଦୀପ ରାଉତ, ଡ. ସୋନମ ଅଗ୍ରୱାଲ, ଡ. ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାର୍ଥୀ ସଂଯୋଜକ ରିତେଶ ନାୟକ, ମହାପ୍ରସାଦ ପତି ଏବଂ ମନୋଜ ପରିଡ଼ାଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ଏସଏସୟୁ ଇଣ୍ଟରନ୍ୟାସନାଲ ମଡେଲ ୟୁନାଇଟେଡ୍ ନେସନ୍ସ ପକ୍ଷରୁ ଅମୃତାଂଶୁ ପୁହାଣ, ଜୟତୋଶ୍ରୀ ରାୟ, ଶଶାଙ୍କ ତ୍ରିବେଦୀ ଏବଂ ଆଦିତ୍ୟ ଉଦୟ ଏହାର ନେତୃତ୍ୱ ନେଇଥିଲେ । ଏପରି ସମାଜଧର୍ମୀ ଉଦ୍ୟମକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ.ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଭୂୟସୀ ପ୍ରଶଂସା କରିଛନ୍ତି ।

# ବ୍ରେଲି ଲିପି ଦୃଷ୍ଟିବାଧିତଙ୍କ ପାଇଁ ବରଦାନ

**କେନ୍ଦ୍ରାପଡା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ମହାତ୍ମା ଲୁଇସ୍ ବ୍ରେଲିଙ୍କର ୨୧୭ତମ ଜୟନ୍ତୀ ଓ ବିଶ୍ୱ ବ୍ରେଲି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ମୁଖ୍ୟବକ୍ତା ଭାବେ ଆଲାସ୍କା ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ଡ଼ ଦେବେନ୍ଦ୍ର କିଶୋର ଦାସ, ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ଓଡିଆ ଭାଷା ସାହିତ୍ୟର ବିଭାଗ ଅଧ୍ୟାପିକା ସସ୍ମିତା ଅଧିକାରୀ, ସମାଜସେବୀ ତଥା ଟିଭିଏସ ସୋରୁମ୍‌ର ମୁଖ୍ୟ ସମୀର ଚାନ୍ଦ, ସମାଜସେବୀ ଭୁବନ ମୋହନ ଦାସ, ସମାଜସେବୀ କ୍ଷୀରୋଦ କୁମାର କର, କବି ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ମହାତ୍ମା ଲୁଇସ୍ ବ୍ରେଲିଙ୍କ ଜୀବନୀ, ବ୍ରେଲି ଲିପିର ଆବଶ୍ୟକତା ଓ ପରିବର୍ଦ୍ଧିତ ବିକାଶ ସମ୍ପର୍କରେ ଆଲୋଚନା କରିବା ସହ ଏହା ଦୃଷ୍ଟି ବାଧିତମାନଙ୍କ ପାଇଁ ଏହା ବରଦାନ ସଦୃଶ ବୋଲି କହିଥିଲେ । ବିଦ୍ୟାଳୟ ତଥା ପିଲାମାନଙ୍କ ବିକାଶରେ ଅଧିକରୁ ଅଧିକ ସମସ୍ତେ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ । ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସହକାରୀ ଶିକ୍ଷକ ବଟକୃଷ୍ଣ ବାରିକ୍ ସ୍ୱାଗତ ଭାଷଣ ଓ ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପିଲାମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ ।

# ଡ.ରବିନାରାୟଣ ସେନାପତିଙ୍କ କବିତା ସମ୍ଭାର



**ଭଦ୍ରକ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ସମ୍ମିଳନୀ ଓ ସାରଳା ଦାସ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରେଡକ୍ରସ ଭବନ ସମ୍ମିଳନୀ କକ୍ଷରେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀଙ୍କ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଡ.ରବିନାରାୟଣ ସେନାପତିଙ୍କ କବିତା ସମ୍ଭାର ୨ୟ ଓ ୩ୟ ଭାଗ ଏବଂ ସାରଳା ଦାସ ସ୍ମୃତି ସଂସଦ ଦ୍ୱାରା ପ୍ରକାଶିତ ସାରଳା ସର୍ଜନା ୨୦୨୫ ଓ ଶାରଳା କ୍ୟାଲେଣ୍ଡର ୨୦୨୬ ସ୍ଥାନୀୟ ରେଡକ୍ରସ ଭବନରେ ଗତ ୪ ତାରିଖ ଏକ ମନୋଜ୍ଞ ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି ।

ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଅଧାପକ ବିଶ୍ୱରଂଜନ, ମୁଖ୍ୟବକ୍ତା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ସଂଘମିତ୍ରା ଭଞ୍ଜ, ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ କଥାକାର ଓ ଶିକ୍ଷାବିତ ଡକ୍ଟର ଦିବାକର ମାନସିଂହ ଯୋଗଦାନ କରି ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚ୍ଚନା କରି ଏହା ଓଡ଼ିଆ ବାଣୀ ଭଣ୍ଡାରକୁ ଅଧିକ ସମୃଦ୍ଧ କରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ କବି ଡ.ସେନାପତି ଲେଖକୀୟ ବକ୍ତବ୍ୟରେ ପୁସ୍ତକ ପଛର କାହାଣୀ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲ । ସାରଳା ଦାସ ସ୍ମୃତି ସଂସଦର ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭଦ୍ରକ ସମ୍ମିଳନୀର ସମ୍ପାଦକ ନିରୋଡ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ମହେନ୍ଦ୍ର କୁମାର ମଲ୍ଲିକ, ରାମନାରାୟଣ ମିଶ୍ର, ଅମିୟ କୁମାର ଦାସ, ସମୀର ଗଛୟତ, ଅଶୋକ କୁମାର ମହାନ୍ତି, ଅଶୋକ କୁମାର ନାଗ, ପ୍ରଭାତ କୁମାର ପାଢ଼ୀଙ୍କ ସମେତ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗ ଦାନ କରିଥିଲେ ।

# ଯୁବରାଜ ଦେବ ଦେବ ସିଂଦେଓଙ୍କ ରାଜ୍ୟାଭିଷେକ



**ଖଡିଆଳ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଡିଆଳ ୧୯ତମ ରାଜା ଭାବରେ ଖଡିଆଳ ଯୁବରାଜ ଦେବ ଦେବ ସିଂ ଦେଓଙ୍କ ରାଜ୍ୟାଭିଷେକ ଆନୁଷ୍ଠାନିକ ଭାବରେ ରାଜା ଘୋଷଣା ହୋଇଛନ୍ତି । ସୋମବାର ଖଡିଆଳ ଦରବାର ହାଲ ଠାରେ ରାଜ୍ୟାଭିଶେକ୍ ଉତ୍ସବ ଅନୁଷ୍ଠିତ ହୋଇଅଛି । ରାଜ ପୁରୋହିତ, ଜ୍ୟୋତିଷ, ପାଟଯୋଷୀ ଏବଂ ସେବାୟତ ଖଡିଆଳ ବୁଦ୍ଧିଜୀବୀ, ସଚେତନ ନାଗରିକ, ବହୁ ରାଜପରିବାର ଯୋଗ ଦେଇଥିଲେ । ଖଡିଆଳ ୧୯ତମ ରାଜା ଭାବରେ ଦେବ ଦେବ ସିଂହ ଦେଓ ରାଜ୍ୟାଭିଶେକ୍ ହୋଇଥିଲେ । ତାଙ୍କ ବାପା ତଥା ପୂର୍ବତନ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଶେଷକୃତ୍ୟ ପାଇଁ ଆଦେକ୍ଷ ଦେଇଥିଲେ । ଏକ ଶୋଭାଯାତ୍ରାରେ ଜିତାମିତ୍ରଙ୍କ ପାର୍ଥିବ ଶରୀର ଖଡିଆଳ ନଗର ପରିକ୍ରମା କରିଅଛି । ତାଙ୍କ ସମ୍ମାନରେ ଖଡିଆଳ ବଣିକ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ ରହିଅଛି ।

# ଅଙ୍ଗୁଲାଇ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ମାର୍ଶାଘାଇ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତ ଅଙ୍ଗୁଲାଇ ଖେଳପଡିଆ ଠାରେ ତାରେଣୀ ସ୍ପୋଟିଙ୍ଗ କ୍ଲବ ଆନୁକୂଲ୍ୟରେ ୧୯ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଙ୍ଗୁଲାଇ କପ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ମ୍ୟାଚରେ ଇଲେଭେନ ଷ୍ଟାର କେନ୍ଦ୍ରାପଡା ସହିତଫିଉଚର ଏକାଡେମୀ ଭୁବନେଶ୍ୱର ସହିତ କଡା ଟକ୍କର ହୋଇଥିଲା ଯଫିଉଚର ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୨୦୩ ରନ କରିଥିଲା । ଇଲେଭେନଷ୍ଟାର ୨୦୩ ରନର ପିଛାକରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୯୧ରନ ରେ ସିମିତ ରହି ପରାଜୟ ବରଣ କରିଥିଲେ । ଫିଉଚର ଏକାଡେମୀର ନିରଜ ଯାଦବ ୫ଓଭର ବୋଲିଙ୍ଗ କରି ୨୯ ରନରେ ୪ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଉଦଘାଟନି ମ୍ୟାଚରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଜିଲ୍ଲାପାଳଙ୍କ ସହିତ ଉପଜିଲ୍ଲାପାଳ ଅରୁଣ ନାୟକ, ଅଙ୍ଗୁଲାଇ ସରପଞ୍ଚ ମଙ୍ଗରାଜ ବେହେରା, କୁହୁଡି ସରପଞ୍ଚ ପ୍ରଭାତ ଦାସ ଉପସ୍ଥିତ ରହିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ତାରେଣୀ ସ୍ପୋଟିଙ୍ଗ କ୍ଲବ ତରଫରୁ ପରିଚ୍ଚଳନା କରାଯାଇଥିଲା ।

# ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କେନ୍ଦ୍ରାପଡ଼ା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତ ଖେଳପଡିଆରେ ସାହାସପୁର ମହାବୀର ଆଥଲେଟିକ କ୍ଲବ ଆନୁକୂଲ୍ୟରେ ମଣିବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟିମ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ସାହାସପୁର ମହାବୀର ଆଥଲେଟିକ କ୍ଲବ ହଳଦୀଡିହର ମଣିବାବା କ୍ରିକେଟ କ୍ଲବକୁ ହରାଇ ଚମ୍ପିୟନ ହୋଇଛି । ପୁରସ୍କାର ବିତରଣୀ ଉତ୍ସବରେ କଂସାରେ ସରପଞ୍ଚ ସରୋଜିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସମିତିସଭ୍ୟ ସରୋଜରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ପଣ୍ଡା, ସମାଜସେବୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓ୍ୱାର୍ଡସଭ୍ୟ ଦେବେନ୍ଦ୍ର ଜେନା, ଗଜେନ୍ଦ୍ର ପରିଡା, ନିତ୍ୟାନନ୍ଦ ମହାନ୍ତି, ଅଗଣି ଚରଣ ରାଉତ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ନାୟକ, ବବୁଲ ଜେନା, ବିଷ୍ଣୁପଦ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ମୋକଦ୍ଦମା ସମାଧାନ ପାଇଁ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନ

**ଜଗତସିଂହପୁର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ 'ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' ଶୀର୍ଷକରେ ଦ୍ୱିତୀୟ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରଧିକରଣ ତରଫରୁ ଆରମ୍ଭ ହୋଇଯାଇଛି । ଏହି ଅଭିଯାନ ଅନୁଯାଇ ଜିଲ୍ଲା ଓ ତାଲୁକସ୍ତରୀୟ ବିଭିନ୍ନ ଅଦାଲତରେ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚ୍ଚାରାଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବାଣିଜ୍ୟିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଗୁଡିକ ଜାନୁଆରୀ ୩୧ ତାରିଖ ଭିତରେ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମୋକଦ୍ଦମାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ । ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ତରଫରୁ ତାଲିମପ୍ରାପ୍ତ ବିଚ୍ଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଗୁଡିକୁ ସମାଧାନ କରାଯିବ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି ।

# ୧୮ରେ ସମ୍ବର୍ଦ୍ଧିତ ହେବେ ଅବସରପ୍ରାପ୍ତ ଶିକ୍ଷକ



**କେନ୍ଦୁଝର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷକ ଭବନ ସଭା ଗୃହରେ ସୋମବାର ଅବସରପ୍ରାପ୍ତ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚ୍ଚାରୀ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ସଞ୍ଜୟ ବସନ୍ତ ଚ୍ଚକ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚ୍ଚନା ପ୍ରଦାନ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ପରି ଚ୍ଚଳିତବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୨୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ଅବସରଗ୍ରହଣ କରିଥିବା ୨୦୦ରୁ ଉର୍ଦ୍ଧ୍ୱ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ ଶିକ୍ଷା କର୍ମଚ୍ଚାରୀମାନଙ୍କୁ ଚ୍ଚଳିତମାସ ୧୮ ତାରିଖ ପୂର୍ବାହ୍ନ ୧୦ଟାରେ ମଣ୍ଡୁଆସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଠାରେ ସମ୍ବର୍ଦ୍ଧିତ କରାଯିବ । ଧାର୍ଯ୍ୟ ଦିବସ ଓ ସମୟରେ ଅଗଷ୍ଟ ୨୦୨୪ରୁ ଡିସେମ୍ବର ୨୦୨୫ ମଧ୍ୟରେ ଅବସରଗ୍ରହଣ କରିଥିବା ଜିଲ୍ଲାର ସମସ୍ତ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚ୍ଚାରୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଓଷ୍ଟା କେନ୍ଦୁଝର ସଭାପତି ମନ୍ମଥ କୁମାର ମହାନ୍ତ ଓ କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡାଙ୍କ ସମେତ ସଂଘ ସଦସ୍ୟ ସ୍ୱପ୍ନା ସାହୁ, ଦିଗାମ୍ବର ଗିରି, ସୁଶୀଲ କୁମାର ନାୟକ, ରବି ନାରାୟଣ ସାହୁ, ଗୌରହରି ଗିରି, ଭାଗିରଥି ଗିରି, କାଶୀନାଥ ମହାନ୍ତ, ବାଙ୍କ ବିହାରୀ ମହାନ୍ତ, ବଳରାମ ରାଉତ, ପ୍ରସନ୍ନ ପରିଡା, ନଳୀନିଚ୍ଚନ୍ଦ୍ର ଘଣା, ବାବୁଲାଲ ପ୍ରଧାନ, ବୈଲୋଚ୍ଚନ ସାହୁ, କ୍ଷୀରୋଦ କୁମାର ରାଉତ ପ୍ରମୁଖ ଆଲୋଚ୍ଚନାରେ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୫୯ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୫୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଉପାୟୁକ୍ତ ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକ ଖିଲାରୀ ରଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଗିନି କପ୍ ସେମିଫାଇନାଲରେ ସାଇ ଏକାଦଶ ଭୁବନେଶ୍ୱର



**ଖୋର୍ଦ୍ଧା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଗିନିକପ କ୍ରିକେଟ ଆସୋଷିଏସନ୍ ଆନୁକୁଲ୍ୟରେ ଚ୍ଚାଲିଥିବା ସବ୍ୟସାଚୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜିର ଖେଳରେ ଭୁବନେଶ୍ୱରର ସାଇ ଏକାଦଶ କଟକର ଯୁଭେନାଇଲ କ୍ଲବକୁ ୯ ରନରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ସାଇ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ୱିକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆୟୁଷ କ୍ରିଷ୍ଟୋଫର ୩୫ ଟି ବଲରେ ୬ଟି ଛକା ଏବଂ ୪ଟି ଚୌକା ସହାୟତାରେ ସର୍ବାଧିକ ୬୬ ରନ ସଂଗ୍ରହ କରିଥିଲେ । ଜୁଭେନାଇଲ ଟିମ୍ ପକ୍ଷରୁ ପ୍ରାୟଂଶୁ ମହାନ୍ତି ୩ଟି ଏବଂ ପୀୟୂଷ ମନ୍ତ୍ରୀ ୨ଟି ୱିକେଟ ଅକ୍ତିଆର କରିଥିଲେ । ପ୍ରତ୍ୟୁତରେ ଯୁଭେନାଇଲ୍ ଦଳ ୧୨ ଓଭରରେ ୨ଟି ୱିକେଟ ବିନିମୟରେ ୯୮ ରନ ସଂଗ୍ରହ କରି ବିଜୟ ଦିଗରେ ଅଗ୍ରସର ହେଉଥିବା ବେଳେ ରୋହିତ ସାଗର କାର୍ତ୍ତିକ ନାଇଡୁ ଏବଂ ସତ୍ୟକାମ ଭରଦ୍ୱାଜଙ୍କ ଆକ୍ରମଣାତ୍ମକ ବୋଲିଂ ଯୋଗୁ ସାଇ ଏକାଦଶ ବିଜୟୀ ହୋଇଥିଲା । ଜୁଭେନାଇଲ ଦଳର ଶାଶ୍ୱତ ମହାନ୍ତି ଅପରାଜିତ ୫୮ ରନ ଆୟୁଷ୍ମାନ ୨୪ ରନ ସଂଗ୍ରହ କରିଥିଲେ । ସାଇ ଏକାଦଶ ପକ୍ଷରୁ ଆୟୁଷ କ୍ରିଷ୍ଟୋଫର ଏବଂ ସତ୍ୟକାମ ଭରଦ୍ୱାଜ ମିଳିତ ଭାବେ ୭ଟି ୱିକେଟ ଅକ୍ତିଆର କରିଥିଲେ । ଅମୃତ ବିଦ୍ୟାଳୟ ତରଫରୁ ଶ୍ରେଷ୍ଠ ଖେଳାଳି ଭାବେ ଆୟୁଷ କ୍ରିଷ୍ଟୋଫରଙ୍କୁ ସାମ୍ବାଦିକ ନିରୋଦ ପଟ୍ଟନାୟକ ପୁରସ୍କୃତ କରିଥିଲେ । ଆଜିର ମ୍ୟାଚ୍ ଆମ୍ପାୟାର ଭାବେ ଶୟଦ୍ ରୀୟାହିତ୍ ଅଲ୍ଲୀ, ଏବଂ ରାକେଶ ମିଶ୍ର ପରିଚ୍ଚାଳନା କରିଥିବା ବେଳେ ଜନମେଜୟ ମିଶ୍ର ସ୍କୋର ବୋର୍ଡ ପରିଚ୍ଚାଳନା କରିଥିଲେ ।

**ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

**ଆସନ୍ତା ତା.୦୬.୦୧.୨୦୨୬ରିଖ ଠାରୁ ତା.୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡ଼ିୟମ, ପାରଳାକେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲର ମାନଙ୍କୁ ବହୁ ସଂଖ୍ୟା ରେ ଯୋଗଦାନ କରିବା ପାଇଁ ଅନୁରୋଧ ।**

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,**
**ଗଜପତି**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୬ ଜାନୁଆରୀ ୨୦୨୬ ● ମଙ୍ଗଳବାର


## ନିର୍ଗୁଣ୍ଡି ଡବଲ ମର୍ଡର ଘଟଣା ଗିରଫଦାରୀ ସଂଖ୍ୟା ୫ରେ ପହଁଚିଲା

**କଟକ /ଚୌଦ୍ୱାର:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ନିର୍ଗୁଣ୍ଡି ଡବଲ୍ ମର୍ଡର ଘଟଣାରେ ଆଉ ଦୁଇ ଗିରଫ। ସୋମବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଙ୍ଗୀ ଥାନା ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ସୁକିନ୍ଦା ଥାନା ଅଞ୍ଚଳର ସ୍ୱପ୍ନେଶ୍ୱର ମହନ୍ତ ଓ କାନପୁର ଅଞ୍ଚଳର ସୂର୍ଯ୍ୟମଣୀ ମୁଦୁଲି। ପୂର୍ବରୁ ୩ ଜଣ ଗିରଫ ହୋଇଥିଲେ। ମୋଟ ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ ଯେ, ଗତ ୩୦ ତାରିଖ ରାତିରେ ନିର୍ଗୁଣ୍ଡି ସ୍ଥିତ ଓମ ନମଃ ନାରାୟଣୀ ଗ୍ୟାରେଜ ପରିସରରେ ବେଲତେରୁଆଁର ମହମ୍ମଦ ସୋହେବ ଓ ଚୌଦ୍ୱାର ଯାତ୍ରା ପଡିଆର ପ୍ରଶାନ୍ତ କୁମାର ଜେନାଙ୍କୁ ବୀଭତ୍ସ ଭାବେ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଟାଙ୍ଗୀ ଥାନା ପୋଲିସ ଗ୍ୟାରେଜ ମାଲିକ ନେମାଳ ଥାନା ଅନ୍ତର୍ଗତ କୋଟିଲର ଦିଲ୍ଲୀପ କୁମାର ନାୟକ, ଗ୍ୟାରେଜ କର୍ମଚାରୀ ବାଲିଚନ୍ଦ୍ରପୁରର ଜ୍ଞାନରଞ୍ଜନ ମହାନ୍ତି ଓ ମୟୂରଭଞ୍ଜ ଖୁଣ୍ଟା ଅଂଚଳର ମିଥୁନ ସିଂହ ଓରଫ ବଉଳାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଏବେବି ତଦନ୍ତ ଜାରି ରଖିଛି।

## ଆମ ବସ୍‌ରେ ଯାତ୍ରା କରି ସ୍ଥିତି ପରଖିଲେ ପରିବହନ କମିଶନର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆମ ବସ୍‌ରେ ଯାତ୍ରା କରି ସ୍ଥିତି ପରଖିଲେ ପରିବହନ କମିଶନର ଅମିତାଭ ଠାକୁର। ବସ୍ କେତେ ଦ୍ରୁତ ଗତିରେ ଯାଉଛି, ଯାତ୍ରୀଙ୍କ ସୁରକ୍ଷାକୁ କେତେ ଗୁରୁତ୍ୱ ଦିଆଯାଉଛି, ତାର ରିଆଲିଟି ଚେକ୍ କରିଛନ୍ତି ପରିବହନ କମିଶନର। ରବିବାର ଠାରୁ ଆମ ବସ୍ ଡ୍ରାଇଭରମାନଙ୍କୁ ଯାଞ୍ଚ ଚାଲିଥିବା ବେଳେ ସୋମବାର ନିଜେ ଆମ ବସ୍‌ରେ ଭୁବନେଶ୍ୱରରୁ କଟକ ଯାତ୍ରା କରିଥିଲେ ଅମିତାଭ ଠାକୁର। ଯାତ୍ରୀମାନଙ୍କ ସହ ଯାତ୍ରା କରି ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ।

ଧାର୍ଯ୍ୟ ସମୟରେ ପହଞ୍ଚିବାରେ ବିଳମ୍ବ ହେଲେ ବି ଗାଡ଼ିର ବେଗ ବୃଦ୍ଧି ନକରି କମ୍ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବସରେ ଯାତ୍ରା ସମୟରେ ବରିଷ୍ଠ ନାଗରିକ କେଉଁ ପ୍ରକାର ସମସ୍ୟାର ସାମ୍ନା କରୁଛନ୍ତି ସେନେଇ ମଧ୍ୟ ପଚାରି ବୁଝିଥିଲେ। ଆଗକୁ ଆହୁରି ସୁଧାର ପାଇଁ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି। ଅନେକ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ଯାତ୍ରୀମାନେ ମତ ରଖିଥିଲେ।

## ଜନଶୁଣାଣିରେ ୧୯୨ ଅଭିଯୋଗ ଗ୍ରହଣ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସାର୍ବଜନିକ ଅଭିଯୋଗ ଯୁକ୍ତ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଯୁକ୍ତ ଶୁଣାଣିରେ ସର୍ବମୋଟ ୧୯୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୧ଟି ଗ୍ରାମ ସମସ୍ୟା ସମ୍ବନ୍ଧୀୟ ଥିଲା। ଏହି ଯୁଗ୍ମ ଶୁଣାଣି ଅବସରରେ ମୋଟ ୧,୮୯,୦୦୦/- ଟଙ୍କା ଅନୁଦାନ ରାଶି ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୨୯ ଜଣ ଆବେଦକଙ୍କ ପକ୍ଷରେ ରେଡ୍ କ୍ରସ୍ ସହାୟତା ମାଧ୍ୟମରେ ୧,୬୯,୦୦୦/- ଟଙ୍କା ଏବଂ ୨ ଜଣ ଆବେଦକଙ୍କ ପକ୍ଷରେ ମୁଖ୍ୟମନ୍ତ୍ରୀ ରିଲିଫ କୋଷ ମାଧ୍ୟମରେ ୨୦,୦୦୦/- ଟଙ୍କା ମଞ୍ଜୁର କରାଯାଇଛି। ଶୁଣାଣି ସମୟରେ ୪୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଆର୍ଥିକ ସହାୟତା ପାଇଁ ୨ଟି ମାମଲା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଏବଂ ୨୯ଟି ମାମଲା ରେଡ୍ କ୍ରସ୍ ପାଇଁ ଗ୍ରହଣ କରାଯାଇଥିଲା। ଏହି ଯୁକ୍ତ ଶୁଣାଣିରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ସମ୍ବନ୍ଧିତ ବିଭାଗକୁ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଓ ସାଧାରଣ ଜନତା ମଧ୍ୟରେ ସଂଯୋଗ ସୁଦୃଢ଼ ହୋଇଥିବା ସହ ଲୋକଙ୍କ ସମସ୍ୟାର ଦ୍ରୁତ ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି।

## ଜାଗୃତି ବିଦ୍ୟାଳୟର ବାର୍ଷିକୋତ୍ସବ



**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ ଅନ୍ତର୍ଗତ ଆଗ୍ରିଆ ପଞ୍ଚାୟତର ବ୍ରହ୍ମପୁରା ଠାରେ ଥିବା ଆନନ୍ଦମାର୍ଗ ଜାଗୃତି ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶିବନାରାୟଣ ଘୋଷଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବରେ ସମାଜସେବୀ ମନମୋହନ ମିଶ୍ର, ମୁଖ୍ୟବକ୍ତା ଭାବରେ ସମାଜସେବୀ ଯୋଗେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ରାଉତ, ଅଁଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମନୋରଞ୍ଜନ ଲେଙ୍କା ଓ ଆନନ୍ଦ ମାର୍ଗ ଜାଗୃତି ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ସଞ୍ଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକାମାନଙ୍କୁ ବିଭିନ୍ନ ପ୍ରକାରର ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଆନନ୍ଦମାର୍ଗର ପ୍ରତିଷ୍ଠାତା ଆନନ୍ଦ ମୂର୍ତ୍ତିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଓ ଧୂପ ଦ୍ୱୀପ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାକାର୍ଯ୍ୟ ଶେଷ ହେବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ସରେନ, ସସ୍ମିତା ମହାନ୍ତ, ଇପସିତା ସେଠି, କବିତା ନାୟକ, ଶିକ୍ଷକ କେଶବ ଚନ୍ଦ୍ର ଦାସ ଓ ଡମନ ହାଁସଦା ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝର ସାନଘାଟି ରାସ୍ତାରେ କେ.ଗୁହାରିଆପାଟ ସ୍ଥିତ ଯାତ୍ରୀ ବିଶ୍ରାମାଗାରରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର। ମୃତ ବ୍ୟକ୍ତି ଜଣକ ଯାତ୍ରୀ ବିଶ୍ରାମାଗାରରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ଖଲ୍ଲିକୋଟ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଏସଆଇ ମାନସି ସାହୁ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ଗୃହରେ ରଖାଯାଇଛି। ମୃତ ବ୍ୟକ୍ତିଙ୍କ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଶିକ୍ଷକ ବଦଳିକୁ ନେଇ ବିଶିପଦାରେ ଆନ୍ଦୋଳନ

**ଫୁଲନଖର:ଏକ୍ସପ୍ରେସ୍ ନ୍ୟୁଜ୍**




କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର ବିଶିପଦା ସ୍ଥିତ ଶହୀଦ ସ୍ମୃତି ନୋଡ଼ାଲ ବିଦ୍ୟାପୀଠରେ ଘଟିଥିବା ଘଟଣା ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଏକ ଗମ୍ଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଜଣେ ଅନୁଭବୀ ଓ ଲୋକପ୍ରିୟ ଶିକ୍ଷକ କୈଳାସ ଚନ୍ଦ୍ର ବେଉରାଙ୍କୁ ଅନ୍ୟତ୍ର ବଦଳି କରାଯିବା ବିରୋଧରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଏହି ଅସନ୍ତୋଷର ପ୍ରତିଫଳନ। ବର୍ତ୍ତମାନ ଏହି ବିଦ୍ୟାଳୟରେ ବାଲବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ଶିକ୍ଷକ ସଂଖ୍ୟା ପୂର୍ବରୁ ମଧ୍ୟ ଅପର୍ଯ୍ୟାପ୍ତ। ଏପରି ସ୍ଥିତିରେ ଆଉ ଜଣେ ଶିକ୍ଷକଙ୍କୁ ବଦଳି କରାଯିବା ଶିକ୍ଷାଦାନ ପ୍ରକ୍ରିୟାକୁ ନିଶ୍ଚୟ ଭାବେ ବ୍ୟାଘାତ କରିବ। ଅନ୍ୟପଟେ, ଯେଉଁ ବିଦ୍ୟାଳୟକୁ ଶିକ୍ଷକ ବେଉରାଙ୍କୁ ନିୟୋଜିତ କରାଯାଇଛି, ସେଠାରେ କେବଳ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳୁଛି। ସେହି ବିଦ୍ୟାଳୟରେ ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିୟୋଜିତ ଥିବା ସତ୍ତ୍ୱେ ଶିକ୍ଷକ ଦିବାକର ଦାସ ସମ୍ପୃକ୍ତ ବିଦ୍ୟାଳୟରେ ଶିକ୍ଷାଦାନ ନ କରି ଅନ୍ୟତ୍ର ଏକ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି କିନ୍ତୁ ସମ୍ପୃକ୍ତ ବିଦ୍ୟାଳୟରୁ ନିଜର ମାସିକ ବେତନ ଗ୍ରହଣ କରୁଛନ୍ତି। ଏହା ପ୍ରଶାସନିକ ଅବହେଳା ନୁହେଁ ତ ଆଉ କ'ଣ? ଶିକ୍ଷକ ବିନ୍ୟାସରେ ସମତୁଳନ, ପାରଦର୍ଶିତା ଓ ଛାତ୍ରଛାତ୍ରୀଙ୍କ ହିତକୁ ସର୍ବୋପରି ଧରାଯିବା ଆବଶ୍ୟକ। ଶିକ୍ଷକ ଅଭାବ ଥିବା ବଡ଼ ବିଦ୍ୟାଳୟରୁ ଶିକ୍ଷକଙ୍କୁ ହଟାଇ ଅପେକ୍ଷାକୃତ ଛୋଟ ବିଦ୍ୟାଳୟକୁ ପଠାଇବା ନିଷ୍ପତ୍ତି ନିଶ୍ଚୟ ଭାବେ ଅସଙ୍ଗତ। ଶେଷରେ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ୨୪ ଘଣ୍ଟା ମଧ୍ୟରେ ନୂତନ ଶିକ୍ଷକ ନିୟୋଜନର ପ୍ରତିଶ୍ରୁତି ଦିଆଯାଇଥିବାରୁ ଧାରଣା ବନ୍ଦ ହୋଇଥିଲେ ମଧ୍ୟ, ପ୍ରଶ୍ନ ଉଠେ ଯେ ଏପରି ସମସ୍ୟା ପୁଣି ଘଟିବ ନାହିଁ ବୋଲି କିଏ ଦାୟିତ୍ୱ ନେବେ ଶିକ୍ଷା ହେଉଛି ଭବିଷ୍ୟତର ମୂଳ ଭିତ୍ତି। ପ୍ରଶାସନ ଯଦି ସମୟରେ ସଠିକ୍ ଓ ନ୍ୟାୟସଙ୍ଗତ ନିଷ୍ପତ୍ତି ନ ନେବ, ତେବେ କ୍ଷତି କେବଳ ଏକ ବିଦ୍ୟାଳୟର ନୁହେଁ, ସମଗ୍ର ସମାଜର ହେବ ବୋଲି ଉପସ୍ଥିତ ଗ୍ରାମ୍ୟ ମୁରବୀ ମୃତ୍ୟୁଞ୍ଜୟ ମହାନ୍ତି, ବ୍ରଜକିଶୋର ମହାନ୍ତି, ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଭୋଇ, ସରପଞ୍ଚ ଅଶୋକ କୁମାର ପାତ୍ର, ନାଏବ ସରପଞ୍ଚ ନିରୁପମା ନାୟକ, ଜୟରାମ ଭୋଇ, ଶ୍ରୀଧର ମଲ୍ଲିକ, ଗଣେଶ ଦାସ, ଶାନ୍ତିଲତା ଭୋଇ, ସୀତାରାମ ଭୋଇ, ପରମାନନ୍ଦ ସାହୁ, ଭାଗ୍ୟଧର ସାହୁ, ପ୍ରକାଶ ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ମତ ପୋଷଣ କରିଛନ୍ତି।

## ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟା

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ଚତୁର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାର ବିଷେଶ ଆକର୍ଷଣ ଥିଲା ରୟାଲ ରିଭେଞ୍ଜ ମେଲୋଡି। ଭରପୁର ଦର୍ଶକ ଏହି କାର୍ଯ୍ୟକ୍ରମ ମନଭରି ଉପଭୋଗ କରିଥିଲେ। 'ଆମେ ଓଡିଆ ଭାରି ବଢିଆ' ଏହି ଭାବନାକୁ ନେଇ ଏଙ୍କର ମିସ୍ ଦେବଶ୍ରୀ ମହାନ୍ତି ଦର୍ଶକଙ୍କୁ ଆକର୍ଷିତ କରି ପାରିଥିଲେ। ଗାୟକ କ୍ଷିତିଶ କୁମାରଙ୍କ କଣ୍ଠର ଯାଦୁ ବୟସ୍କ ଦର୍ଶକଙ୍କୁ ଯେତିକି ଆନନ୍ଦ ଆଣି ଦେଇଥିଲା ତା ଠାରୁ ଅଧିକ ଯୁବ ପିଢିଙ୍କୁ ନଚେଇ ପାରିଥିଲା।


ନମ୍ବର: ITBP/SHQ(BBSR)/ସାର୍ବଜନୀନ ନିଲାମ-68-I/2025

ଡେପୁଟି ଇନ୍ସପେକ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ,
ସେକ୍ଟର ମୁଖ୍ୟାଳୟ (ଭୁବନେଶ୍ୱର)
ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ବଳ,
ପୋଷ୍ଟ- ଶରଧାପୁର, ଜିଲ୍ଲା-ଖୋର୍ଦ୍ଧା (ଓଡ଼ିଶା)
ଇମେଲ: itcellbbr@itbp.gov.in
କଣ୍ଟ୍ରୋଲ ରୁମ୍/ ଫ୍ୟାକ୍ସ: 06755-296045

**ସାର୍ବଜନୀନ ନିଲାମ ନୋଟିସ୍**

GFR-2017 ରେ ନିୟମ-218(B) ଏବଂ 219 ଅନୁଯାୟୀ ଥିବା ନିର୍ଦ୍ଦେଶ ଅନୁଯାୟୀ, SHQ (BBSR), I.T.B.P., P.O- ଶରଧାପୁର, ଜିଲ୍ଲା-ଖୋର୍ଦ୍ଧା (ଓଡ଼ିଶା) ଶିବିରରେ ଅବ୍ୟବହୃତ/ନିଷ୍ଟିତ ସରକାରୀ ବିବିଧ ଷ୍ଟୋର (ଷ୍ଟୋରର ବିବରଣୀ କ୍ୟୁଆର କୋଡରେ ଦର୍ଶାଯାଇଛି) ପାଇଁ ଏକ ସାଧାରଣ ନିଲାମ ତାରିଖ 15.01.2026 ତାରିଖ ଦିନ 1000 ଘଣ୍ଟା ସମୟରେ SHQ (BBSR), I.T.B.P., P.O- ଶରଧାପୁର, ଜିଲ୍ଲା-ଖୋର୍ଦ୍ଧା (ଓଡ଼ିଶା) ଠାରେ ଅନୁଷ୍ଠିତ ହେବ।

**ନିୟମ ଏବଂ ସର୍ତ୍ତାବଳୀ-**

୧. ସମସ୍ତ ଆଗ୍ରହୀ ବ୍ୟକ୍ତ / ବିଡର୍ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ସାଧାରଣ ନିଲାମରେ ଅଂଶଗ୍ରହଣ କରିପାରିବେ।

୨. ନିଲାମ ତାରିଖ ୧୫.୦୧.୨୦୨୬ ତାରିଖ ଦିନ ୧୦୦୦ ଘଣ୍ଟା ସମୟରେ କରାଯିବା ବିବିଧ ଷ୍ଟୋରର ଯାଞ୍ଚ (କ୍ୟୁଆର କୋଡ ଅନୁଯାୟୀ) ସେହି ଦିନ ସକାଳ ୦୯୦୦ ରୁ ୧୦୦୦ ପର୍ଯ୍ୟନ୍ତ କ୍ୟାମ୍ପ SHQ (BBSR) କ୍ୟାମ୍ପ ପରିସରରେ କରାଯାଇପାରିବ।

୩. ନିଲାମ ଆରମ୍ଭ ହେବା ପୂର୍ବରୁ ନିଲାମ ମୂଲ୍ୟର ସ୍କ୍ରାପ ମୂଲ୍ୟର ୨୫ ପ୍ରତିଶତ ଜମାକାରୀଙ୍କୁ ବାଜ୍ୟାପ୍ତ ଟଙ୍କା ଭାବରେ ଜମା କରିବାକୁ ପଡିବ ଏବଂ ନିଲାମ ସମାପ୍ତ ହେବା ପରେ ତୁରନ୍ତ ଅସଫଳ ବିଡର୍ ମାନଙ୍କୁ ଫେରସ୍ତ କରାଯିବ।

୪. ଶେଷ ବିଡର୍ ହାତୁଡି ପଡିବା ପରେ (ଅର୍ଥାତ୍ ପ୍ରକ୍ରିୟା ସମାପ୍ତ ହେବା ପରେ) ତୁରନ୍ତ ବିଡର୍ ର ସମ୍ପୂର୍ଣ୍ଣ ପରିମାଣ ଜମା କରିବାକୁ ପଡିବ।

୫. ଯଦି କୌଣସି ପ୍ରକାରର ଉତ୍ପାଦ ଶୁଳ୍କ ହୁଏ ତେବେ କ୍ରେତା ତାହା ପ୍ରଦାନ କରିବେ।

୬. ଷ୍ଟୋର କିଣିବା ପରେ, କ୍ରେତା ନିଜ ବ୍ୟବସ୍ଥା ସହିତ ସେହି ଦିନ ହିଁ ସ୍ଥାନରୁ ଦୋକାନଗୁଡ଼ିକୁ ହଟାଇବା ଉଚିତ। ସମୟ ମଧ୍ୟରେ ପରିସରରୁ ସଂଗ୍ରହ ନ କଲେ ଦୋକାନର କ୍ଷତି ଏବଂ ଚୋରି ପାଇଁ ଏହି କାର୍ଯ୍ୟାଳୟ ଦାୟୀ ରହିବ ନାହିଁ। ନିର୍ଦ୍ଦିଷ୍ଟ ସମୟ ପରେ କ୍ୟାମ୍ପରେ ରଖାଯାଇଥିବା ଷ୍ଟୋର ପାଇଁ ସଂରକ୍ଷଣ ଶୁଳ୍କ ଲାଗୁ ହୋଇପାରେ।

୭. ସରକାରୀ କୋଷାଗାରର ପ୍ରଚଳିତ ନିୟମ ଏବଂ ନିୟମାବଳୀ ଅନୁଯାୟୀ ଚାଲାଣ ଫର୍ମ ଦାଖଲ କରିବା ଏବଂ ଫି/କର ଜମା କରିବା ପରେ ହିଁ ବିବିଧ ଷ୍ଟୋର (କ୍ୟୁଆର କୋଡ ଅନୁଯାୟୀ) ସ୍ଥାନାନ୍ତରିତ କରିବାକୁ ଅନୁମତି ଦିଆଯିବ।

୮. ନିଲାମ ସମୟରେ ନିଲାମଦାତାମାନଙ୍କୁ ଅତିରିକ୍ତ ଲୋକ ଆଣିବାକୁ ଦିଆଯିବ ନାହିଁ ଏବଂ କ୍ୟାମ୍ପସର ନିୟମ ଏବଂ ନିୟମ ପାଳନ କରିବାକୁ ପଡିବ ମୁଖ୍ୟ ଫାଟକରେ ସେଣ୍ଟ୍ରି (I.T.B.P ଗାର୍ଡ) ଦ୍ୱାରା ନିଲାମଦାତାଙ୍କ ଯାଞ୍ଚ କରାଯିବା ସୁରକ୍ଷା କାରଣରୁ ନିଲାମଦାତାମାନଙ୍କୁ ନିଲାମ ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନକୁ ଯିବାକୁ ଅନୁମତି ଦିଆଯିବ ନାହିଁ।

୯. ନିଲାମ ହେବା ପୂର୍ବରୁ ଯେକୌଣସି ସମୟରେ ନିଲାମକୁ ପ୍ରତ୍ୟାଖ୍ୟାନ କିମ୍ବା ବାତିଲ କରିବାର ଅଧିକାର DIG, SHQ(BBSR) ସଂରକ୍ଷଣ କରନ୍ତି କାରଣ ଏହା ଜଣାଯାଇପାରିବ ନାହିଁ। ଏହି ସାର୍ବଜନୀନ ନିଲାମ ସମ୍ବନ୍ଧୀୟ ଯେକୌଣସି ବିବାଦ ପାଇଁ DIG, SHQ(BBSR), I.T.B.Pଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ।

ଏହି ଫର୍ମେସନର ବିବିଧ ଷ୍ଟୋରର ବିବରଣୀ ପାଇଁ କ୍ୟୁଆର କୋଡକୁ ସ୍କାନ କରନ୍ତୁ।

DEPUTY INSPECTOR GENERAL
SHQ (BBSR), I.T.B. POLICE FORCE

CBC 19112/11/0228/2526


## ଚନ୍ଦ୍ରଭାଗାରୁ ଉଚ୍ଛେଦ ହେଲା ଇଡିସି ଶୌଚାଳୟ



**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ଚନ୍ଦ୍ରଭାଗା ଉନ୍ନତି କରଣ କାର୍ଯ୍ୟ ନିମନ୍ତେ ସେଠାରେ ଥିବା କରମଙ୍ଗା - ଶ୍ରିକଣ୍ଠପୁର ଇଡିସିର ଶୌଚାଳୟ ରବିବାର ସକାଳେ ଉଚ୍ଛେଦ କରାଯାଇଥିବା ଜଣାପଡିଛି। ସୂଚନାରୁ ଜଣାପଡେକି ଚନ୍ଦ୍ରଭାଗା ଠାରେ ଥିବା ଖାତା ନଂ -୨୯୮ ପ୍ଲଟ ନଂ - ୧୬୫୯ର ୨୦ଡିସିମିଲି ଜାଗା ଉପରେ ବନ ବିଭାଗ ପକ୍ଷରୁ ନିର୍ମିତ ତଥା କରମଙ୍ଗା - ଶ୍ରିକଣ୍ଠପୁର୍ ଜଙ୍ଗଲ ସୁରକ୍ଷା ସମିତି ଦ୍ୱାରା ପରିଚାଳିତ ଶୌଚାଳୟକୁ ରବିବାର ଦିନ ଚନ୍ଦ୍ରଭାଗା ଉନ୍ନୟନ କାର୍ଯ୍ୟ ଉଚ୍ଛେଦ କରାଯାଇଅଛି। ଦୀର୍ଘ ଦିନଧରି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ କରାଯାଇଥିବା ବେଳେ ସୁରକ୍ଷା କମିଟି ପକ୍ଷରୁ ବିକଳ୍ପ ଥଇଥାନ ପାଇଁ ଦାବି ହେଇଆସୁଥିଲା। ହେଲେ ରବିବାର ପ୍ରଶାସନ ପକ୍ଷରୁ ଏହି ଶୌଚାଳୟକୁ ଉଚ୍ଛେଦ କରାଯାଇଅଛି। ଘଟଣାସ୍ଥଳରେ ଉତ୍ତେଜନା ଥିବା ଲକ୍ଷ କରି ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢିଙ୍କ ସମେତ ଗୋପ ତହସିଲଦାର, ଉପ ତହସିଲଦାର କୋଣାର୍କ ଥାନା ଅଧିକାରୀ ଓ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହି ତିନୋଟି ଜେସିବି ଲଗା ଯାଇ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦକୁ ନେଇ ଜଙ୍ଗଲ ସୁରକ୍ଷା କରୁଥିବା ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଆଗାମୀ ମାଘ ସପ୍ତମୀ ସମୟରେ ପ୍ରଶାସନକୁ ଅସହଯୋଗ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ଗତକାଲି ଶନିବାର ରାତିରେ ଉଚ୍ଛେଦ ପାଇଁ ନୋଟିସ ମାରି ତରବରିଆ ଭାବେ ରବିବାର ଉଚ୍ଛେଦ କ'ଣ ପାଇଁ କରାଗଲା। ଆମକୁ ସମୟ ଦିଆନଯାଇ ଜିନିଷପତ୍ର ନଷ୍ଟ କରାଗଲା। ଫରେଷ୍ଟ ଅଧିକାରୀ ଆମକୁ ଜାଗା ଦେଇଥିଲେ। ଗ୍ରାମର ଉନ୍ନତି କାର୍ଯ୍ୟ ପାଇଁ ଏହା ବିନିଯୋଗ ହେଉଥିଲା। ଅନ୍ୟପଟେ ରାଜରାସ୍ତା ମଝିରେ ଦୋକାନ ସହ ରାସ୍ତା ଉପରୁ ଭଡା ଆଦାୟ କରାଯାଉଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ବେଳେ ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟକୁ ଆମ୍ଭେ ସହଯୋଗ ପାଇଁ ପ୍ରସ୍ତୁତ ଥିବାବେଳେ ଆମକୁ ପ୍ରଶାସନ ପକ୍ଷରୁ ସହଯୋଗ ନମିଳିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ସୁରକ୍ଷା ସଭାପତି ମତବ୍ୟକ୍ତ କରିଅଛନ୍ତି। ଯଦି ଆସନ୍ତା ମାଘମେଳା ପୂର୍ବରୁ ପୁରୀ ଜିଲ୍ଲାପ୍ରଶାସନ ଆମ୍ଭମାନଙ୍କୁ ଶୌଚାଳୟ ପାଇଁ ଜାଗା ନଦୀୟନ୍ତି ତାହାଲେ ଆମ ପ୍ରଶାସନକୁ ମାଘ ମେଳାରେ ସହଯୋଗ କରିବୁ ନାହିଁ।

## ସରକଣା ସେବା ସମବାୟ ସମିତି ନୂତନ କାର୍ଯ୍ୟାଳୟ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବାଲିଅନ୍ତା ବ୍ଲକ୍ ଅଧୀନ ସରକଣା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହର ଶୁଭ ଉଦଘାଟନ ଏବଂ ୬୮ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରିୟ ବ୍ରତ ପଣ୍ଡା, ଅମିୟ ପ୍ରସାଦ ଖୁଣ୍ଟିଆ (ଏସଆର୍‌ସିଏସ୍) ଭୁବନେଶ୍ୱର ବରିଷ୍ଠ ସମବାୟବିତ୍ ରାଜକିଶୋର ରଥ, ଝିଣ୍ଟି ସାସନ ସେବା ସମବାୟ ସମିତିର ସଭାପତି ବିଜୟ କୁମାର ନାୟକ, ପ୍ରତାପ ସାସନ ସମବାୟ ସମିତିର ସଭାପତି ନଳିନୀକାନ୍ତ ମହାପାତ୍ର, ବଂଇଚୁଆ ସଭାପତି- ବେଣୁଧର ସାହୁ, ଭିଙ୍ଗାରପୁର ସମିତି ସଭାପତି ରବିନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମିତିର ସଭାପତି ସୋମନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମିତିର ସମସ୍ତ ପ୍ରକାର ଆୟ ବ୍ୟୟ ଅଟକଳ ଓ ହିସାବ ଖର୍ଚ୍ଚର ସମିକ୍ଷା ପରେ ଅନୁମୋଦନ ଲାଭକରିଥିଲା। ଆୟକୁ ଦେଖି କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟକୁ ବୃଦ୍ଧି କରାଜିବା ପାଇଁ ଉପସ୍ଥିତ ସଭ୍ୟମାନଙ୍କର ମତାମତକୁ ଅଗ୍ରାଧିକାର ଭିତ୍ତିରେ ପୁରଣ କରାଜିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ମାଗୁଣି ଚରଣ ବେହେରା, ନିରଞ୍ଜନ ସେନାପତି, ସଙ୍କର ବେହେରା, ବସନ୍ତ କୁମାର ଦାସ, ରବିନ୍ଦ୍ର ନାଥ ନାୟକ, ସୁଭେନ୍ଦୁ ବେହେରା, ଗୋଲାପ ପଣ୍ଡା, ସୁସମାରାଣି ଜେନା, ରଘୁନାଥ ପଣ୍ଡା, ତ୍ରିଲୋଚନ ରାଉତ ଯୋଗଦେଇଥିଲେ। ଭାରା ପ୍ରାପ୍ତ ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲାବେଳେ ଉପସଭାନେତ୍ରୀ ବେବିନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଥାନାରେ ମାମଲା

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗାଁ ଛକରେ ଗତ ଶୁକ୍ରବାର ରାତି ୮ଟା ବେଳେ ସଂଘବଦ୍ଧ ଆକ୍ରମଣରେ ସେହି ଗ୍ରାମ ତେଲୁଗୁ ସାହିର ଜଣେ ଯୁବକ ଗଣେଷ ମହାପାତ୍ର ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ମରଣ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ଏ ନେଇ ଗଣେଷଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡିତ ମନେକରି ୧୩ ଜଣଙ୍କ ନାମରେ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୫/୨୬ରେ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଗିତାଞ୍ଜଳୀ ପୋଲେଇଙ୍କ ପକ୍ଷରୁ ୯ ଜଣଙ୍କ ନାମରେ ପାଲଟା ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୬/୨୬ରେ ଅନ୍ୟ ଏକ ମାମଲା ମଧ୍ୟ ରୁଜୁ କରିଥିବା ଜଣାଯାଇଛି। ପୋଲିସ ଉଭୟ ମାମଲାର ସତ୍ୟାସତ୍ୟକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ କୌଣସି ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି। ଫଳରେ ଗ୍ରାମରେ ଅଶାନ୍ତ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗାଁ ଛକ ସନ୍ଧ୍ୟା ହେବା କ୍ଷଣି ଖାଲି ଖାଲି ଲାଗୁଛି ଏବଂ କୌଣସି ଗଣ୍ଡଗୋଳର ଭୟ କାରଣରୁ ସେହି ଛକ ଦେଇ ରାତିରେ ଟିଉସନରୁ ଫେରୁଥିବା ପିଲାଙ୍କୁ ଅଭିଭାବକଙ୍କ ସହଯୋଗ ଲୋଡିବାକୁ ପଡୁଛି। ଏଥିସହ ରାତି ଗାଡିରେ ଯିବା ପାଇଁ ଛକରେ ଅପେକ୍ଷା କରିବାକୁ ଲୋକେ ଉଚିତ ମଣୁନାହାନ୍ତି। ଲୋକଙ୍କ ଆଶଙ୍କା ଦୂରୀକରଣ ଦିଗରେ ପୋଲିସ ଉଚିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ତେବେ ପ୍ରକାଶ ଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ୮ଟା ସମୟରେ ଗଣେଷ ଗାଁ ଛକରେ ଠିଆ ହୋଇଥିବା ବେଳେ କେତେ ଜଣ ସଂଘବଦ୍ଧ ହୋଇ ତାଙ୍କୁ ଫାର୍ସା ଓ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲା ବେଳେ ତାଙ୍କର ବାମ ଗୋଡ ଓ ହାତ ଭାଙ୍ଗିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଗତ ଶନିବାର ଦିନ ଗଣେଷଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡିତ ବ୍ୟକ୍ତିଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିବା ବେଳେ ଗିତାଞ୍ଜଳୀ ପୋଲେଇଙ୍କ ପକ୍ଷରୁ ମଧ୍ୟ ଏକ ପାଲଟା ଅଭିଯୋଗ ମଧ୍ୟ ହୋଇଥିବା ଜଣାଯାଇଛି।


## ପ୍ରବନ୍ଧନ ବିଷୟରେ ଡକ୍ଟରେଟ ଲାଭ (Ph.D)



**ଶ୍ରୀ ରାହୁଲ ଗୋଏଲ** ଓଡ଼ିଶାର ଗୁଣୁପୁର ସ୍ଥିତ GIET ବିଶ୍ୱବିଦ୍ୟାଳୟରୁ ପ୍ରବନ୍ଧନ ବିଷୟରେ ଡକ୍ଟର ଅଫ୍ ଫିଲୋସଫି (Ph.D.) ଡିଗ୍ରୀ ପାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ତାଙ୍କର ଡକ୍ଟରାଲ୍ ଗବେଷଣାର ଶୀର୍ଷକ ହେଉଛି- "ଦକ୍ଷିଣ ଓଡ଼ିଶାକୁ ବିଶେଷ ଉଦ୍ଧୃତି ସହିତ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଉଦ୍ୟୋଗପତିମାନଙ୍କ ଦ୍ୱାରା ଡିଜିଟାଲ୍ ମାର୍କେଟିଂ ବିକଳ୍ପମାନଙ୍କର ବ୍ୟବହାର"। (Utilisation of Digital Marketing Options by Small and Micro Entrepreneurs with Special Reference to South Odisha)

ଶ୍ରୀ ରାହୁଲ ଗୋଏଲ ତାଙ୍କର ଏହି ଗବେଷଣା କାର୍ଯ୍ୟ GIET ବିଶ୍ୱବିଦ୍ୟାଳୟ, ଗୁଣୁପୁର, ଓଡ଼ିଶାର ପ୍ରବନ୍ଧନ ଅଧ୍ୟୟନ ବିଦ୍ୟାଳୟର ପ୍ରଫେସର ଡ. କୃଷ୍ଣ କୁମାର ଭେଲୁରି ଏବଂ NICMAR, ହାଇଦ୍ରାବାଦର ପ୍ରଫେସର ଡ. ସରବେଶ ମିଶ୍ରଙ୍କ ମର୍ଯ୍ୟାଦାପୂର୍ଣ୍ଣ ମାର୍ଗଦର୍ଶନରେ ସମ୍ପନ୍ନ କରିଛନ୍ତି।

ଏହି ଗବେଷଣା କାର୍ଯ୍ୟ ଦକ୍ଷିଣ ଓଡ଼ିଶାର ଆଞ୍ଚଳିକ ପରିପ୍ରେକ୍ଷିତରେ ସୂକ୍ଷ୍ମ ଓ ଛୋଟ ଉଦ୍ୟୋଗପତିମାନଙ୍କ ଦ୍ୱାରା ଡିଜିଟାଲ୍ ମାର୍କେଟିଂ ଉପକରଣମାନଙ୍କର ଗ୍ରହଣ ଏବଂ ବ୍ୟବହାର ବୁଝିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ।

ଏହି ଶିକ୍ଷାଗତ ସଫଳତା ଅବସରରେ, ଶ୍ରୀ ରାହୁଲ ଗୋଏଲ ତାଙ୍କର ଗବେଷଣା ନିର୍ଦ୍ଦେଶକମାନଙ୍କୁ ତାଙ୍କର ନିରନ୍ତର ମାର୍ଗଦର୍ଶନ, ସହଯୋଗ ଏବଂ ପ୍ରେରଣା ପାଇଁ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇଛନ୍ତି। ସେ ଏହା ସହିତ GIET ବିଶ୍ୱବିଦ୍ୟାଳୟର ଶିକ୍ଷକମଣ୍ଡଳୀ, କର୍ମଚାରୀମାନଙ୍କ ଓ ତାଙ୍କ ପରିବାରସଦସ୍ୟମାନଙ୍କର ସମଗ୍ର ଗବେଷଣା ଯାତ୍ରାରେ ଦିଆଯାଇଥିବା ସହଯୋଗ ଓ ସମର୍ଥନକୁ ମଧ୍ୟ କୃତଜ୍ଞତା ସହିତ ସ୍ୱୀକାର କରିଛନ୍ତି।

## Ph.D. in Management



**Mr. Rahul Goel** has qualified for the award of the Degree of Doctor of Philosophy (PhD) in Management from GIET University, Gunupur, Odisha.

His doctoral research work is titled **"Utilisation of Digital Marketing Options by Small and Micro Entrepreneurs with Special Reference to South Odisha."**

**Mr. Rahul Goel** carried out his research under the esteemed guidance of Dr. Krishna Kumar Veluri, Professor, School of Management Studies, GIET University, Gunupur, Odisha and Dr. Sarbesh Mishra, Professor, NICMAR, Hyderabad.

The research work makes a significant contribution to understanding the adoption and utilisation of digital marketing tools by small and micro entrepreneurs in the regional context of South Odisha.

On this academic achievement, Mr. Rahul Goel expresses his sincere gratitude to his research supervisors for their constant guidance, support, and encouragement. He also acknowledges the support and cooperation extended by the faculty members, staff of GIET University, and his family members throughout the course of his research journey.


# ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠା ଦିବସ

**ହରିଦ୍ୱାର:ଏକ୍ସପ୍ରେସ୍ ନ୍ୟୁଜ୍**



ପତଞ୍ଜଳିର ୩୨ତମ ପ୍ରତିଷ୍ଠା ଦିବସରେ, ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ସଭାପତି ସ୍ୱାମୀ ରାମଦେବ ଏବଂ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବାଲକୃଷ୍ଣ, ସମସ୍ତ ଋଷି ଏବଂ ସନ୍ଥଙ୍କ ବଂଶଧରଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମ, ସନାତନ ଶିକ୍ଷା, ସନାତନ ଔଷଧ ସେବା କରି ଏକ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନ କରିବାକୁ ଆହ୍ୱାନ କରିଛନ୍ତି, ସନାତନ ଗବେଷଣା, ସନାତନ କୃଷି, ଗାଈ ମାତା ଏବଂ ଭାରତ ମାତା। ଏହି ଅବସରରେ ସ୍ୱାମୀଜୀ ମହାରାଜ କହିଥିଲେ ଯେ ପତଞ୍ଜଳି ବିଶ୍ୱର ସବୁଠାରୁ ପବିତ୍ର ଅନୁଷ୍ଠାନ ଏବଂ ମାନବଜାତି ପାଇଁ ମଙ୍ଗଳଜନକ ହୋଇପାରିଛି। ସେ କହିଥିଲେ ଯେ ପତଞ୍ଜଳିର ଆତ୍ମା ହେଉଛି ସନାତନର ଆତ୍ମା। ସେ ପତଞ୍ଜଳିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରମାନଙ୍କୁ ଯୋଗ, ଆୟୁର୍ବେଦ, ସ୍ୱଦେଶୀ, ସନାତନ ଧର୍ମ, ସନାତନ ଶିକ୍ଷା, ସନାତନ ଔଷଧ, ସନାତନ କୃଷି ଏବଂ ସନାତନ ଜୀବନଶୈଳୀକୁ ସମ୍ମାନ କରିବାକୁ ଏବଂ ଏହା ଦ୍ୱାରା ନିଜ ଭିତରେ ଅସୀମ ଜ୍ଞାନ, ଅସୀମ ଭକ୍ତି ଏବଂ ଅସୀମ ଅପାର ଶକ୍ତି ଜାଗ୍ରତ କରିବାକୁ ଆହ୍ୱାନ କରିଥିଲେ। ସର୍ବଦା ମନେରଖନ୍ତୁ ଯେ ଆମେ ଋଷି ଏବଂ ମୁନିମାନଙ୍କ ବଂଶଧର। ଆମର ଜୀବନ ଋଷିମାନଙ୍କର ଜ୍ଞାନ, ଦେବତାମାନଙ୍କର ଦିବ୍ୟତା, ବ୍ରହ୍ମାଙ୍କ ବ୍ରହ୍ମତ୍ୱ, ରାମଙ୍କ ରାମତ୍ୱ, ଭଗବାନ କୃଷ୍ଣଙ୍କ କୃଷ୍ଣତ୍ୱ, ହନୁମାନଙ୍କର ହନୁମାନ ଉପାଦାନ ଏବଂ ବେଦର ଶିବତ୍ୱ ପ୍ରକାଶ କରୁ।

ସ୍ୱାମୀଜୀ କହିଥିଲେ ଯେ ଯେଉଁଦିନ ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ଶିକ୍ଷା ବୋର୍ଡର ଫସଲ ସମ୍ପୂର୍ଣ୍ଣ ପାଚିଯିବ, ସେହି ଦିନ ଆମର ଟଙ୍କା ଡଲାର, ପାଉଣ୍ଡ ଏବଂ ୟୁରୋକୁ ଅତିକ୍ରମ କରିବ। ଆମ ମୁଦ୍ରାର ମୂଲ୍ୟ, ଭାରତୀୟ ଜୀବନଶୈଳୀ ଏବଂ ଭାରତୀୟ ମାନଦରର ମୂଲ୍ୟ, ଭାରତୀୟ ସାଂସ୍କୃତିକ ପର୍ବଗୁଡ଼ିକର ମୂଲ୍ୟ ଏବଂ ଭାରତୀୟ ପାସପୋର୍ଟର ମୂଲ୍ୟ ସାରା ବିଶ୍ୱରେ ବୃଦ୍ଧି ପାଇବ। ବିଶ୍ୱର ୨୦୦ଟି ଦେଶ ଆମକୁ ଭିସା ମାଗିବେ ନାହିଁ।

ସେ କହିଥିଲେ ଯେ ବିଶ୍ୱର ୨୦୦-୨୫୦ କୋଟିରୁ ଅଧିକ ଲୋକ ସନାତନ ମୂଲ୍ୟବୋଧରେ ବିଶ୍ୱାସ କରିବାକୁ ପ୍ରସ୍ତୁତ ହେଉଛନ୍ତି, ଏବଂ ଧୀରେ ଧୀରେ ବିଶ୍ୱର ୮୦-୯୦% ସନାତନକୁ ଅନୁସରଣ କରିବେ। ଏକାଠି, ଆମକୁ ଭାରତକୁ ଏକ ସର୍ବୋଚ୍ଚ ସମୃଦ୍ଧ ରାଷ୍ଟ୍ର କରିବାକୁ ପଡିବ ଏବଂ ଏହା ସାହସ, ସାହସ ଏବଂ ସାହସ ଦ୍ୱାରା ହାସଲ କରାଯିବ। ସ୍ୱାମୀଜୀ କହିଥିଲେ ଯେ ଭାରତକୁ ସର୍ବୋଚ୍ଚ ସମୃଦ୍ଧ କରିବା ଦ୍ୱାରା ପାକିସ୍ତାନ ଏବଂ ବାଂଲାଦେଶ ଥରି ଉଠିବ। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କ ଗିରଫଦାରୀକୁ ଅଗଣତାନ୍ତ୍ରିକ ବୋଲି ବର୍ଣ୍ଣନା କରିଥିଲେ।

ସ୍ୱାମୀଜୀ କହିଥିଲେ ଯେ ବର୍ତ୍ତମାନ, ଆମର ପିଲାମାନେ ଶିକ୍ଷା ହାସଲ କରିବା ପାଇଁ ଆମେରିକା, କାନାଡା, ବ୍ରିଟେନ, ୟୁରୋପ, ଅଷ୍ଟ୍ରେଲିଆ ଏବଂ ରୁଷ ଭଳି ଦେଶକୁ ଯାତ୍ରା କରନ୍ତି। ପତଞ୍ଜଳି ଗୁରୁକୁଳମ୍ ମଧ୍ୟ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ର ପାଲଟିଛି। ଆମର ଲକ୍ଷ୍ୟ ହେଉଛି ବିଶ୍ୱର ପ୍ରାୟ ୨୦୦ ଦେଶରୁ ଅତି କମରେ ୧୫,୦୦୦-୨୦,୦୦୦ ପିଲା ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ପାଠପଢ଼ିବା ପାଇଁ ଆସନ୍ତୁ। ଶିକ୍ଷା ସେବାର ଦ୍ୱିତୀୟ ପର୍ଯ୍ୟାୟରେ, ପତଞ୍ଜଳି ଗ୍ଲୋବାଲ୍ ଗୁରୁକୁଳମ୍ ଏବଂ ପତଞ୍ଜଳି ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ସମସ୍ତ ଶାଖା ପ୍ରତିଷ୍ଠିତ ହେବ। ସ୍ୱାମୀଜୀ କହିଥିଲେ ଯେ ସନାତନ ଧର୍ମ ବିଶ୍ୱ ଆଧ୍ୟାତ୍ମିକ ଅଭ୍ୟାସ ହେବ। ସନାତନ ଜୀବନଶୈଳୀ ବିଶ୍ୱର ଜୀବନଶୈଳୀ ହେବ; ଭାରତୀୟ ଶିକ୍ଷା ବୋର୍ଡ ବିଶ୍ୱକୁ ନୂତନ ଶିକ୍ଷା ପ୍ରଦାନ କରୁଥିବା ବୋର୍ଡ ହେବ, ଏବଂ ଯୋଗ, ଆୟୁର୍ବେଦ ଏବଂ ପ୍ରାକୃତିକ ଚିକିତ୍ସା ବିଶ୍ୱର ଚିକିତ୍ସା ବ୍ୟବସ୍ଥା ହେବ। ଏହା ବହୁତ ଶୀଘ୍ର ହେବାକୁ ଯାଉଛି; ଏହା ଯୁଗର ଚାହିଦା।

କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକୃଷ୍ଣ ଜୀ ପତଞ୍ଜଳିଙ୍କ ଯାତ୍ରା, ଟ୍ରଷ୍ଟ ପ୍ରତିଷ୍ଠା ଠାରୁ ସେବା କାର୍ଯ୍ୟ ପରିଚାଳନା ପର୍ଯ୍ୟନ୍ତ, ବିଭିନ୍ନ ଚ୍ୟାଲେଞ୍ଜ, ସଂଘର୍ଷ ଏବଂ ଝଡ଼ର ସମ୍ମୁଖୀନ ହୋଇ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସ୍ୱାମୀ ରାମଦେବ ଜୀଙ୍କ ଅଟଳ ପ୍ରୟାସ ବିଷୟରେ ଉଲ୍ଲେଖ କରି ଆଚାର୍ଯ୍ୟ ଜୀ କହିଥିଲେ ଯେ ଏହି ବିଶାଳ ସେବା ପ୍ରତିବଦ୍ଧତା ପଛରେ ସ୍ୱାମୀ ରାମଦେବଙ୍କ ଦୃଷ୍ଟିକୋଣ ଥିଲା। ସେ କହିଥିଲେ ଯେ ଏହି ଯାତ୍ରାର ଏକ ଅଂଶ ହେବା ମୋର ସୌଭାଗ୍ୟ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 6th January, 2026 Tuesday | RNI Regd. No. ODIODI/2009/28880

## ମାନବିକତା ଓ ମୂଲ୍ୟବୋଧର କଥା

### ହେଲ୍‌ଥ ଟନିକ୍



କ୍ଲାସ୍‌ରେ ମିସ୍ ପିଲାମାନଙ୍କୁ ମାନବିକତା ଏବଂ ମୂଲ୍ୟବୋଧ କଥା ବୁଝାଉଥାନ୍ତି । ଏହି କ୍ରମରେ ସେ କହିଲେ– ଦରଦୀ ମଣିଷ ହେଉଛି ସିଏ, ଯିଏ ଦରକାର ବେଳେ ଅନ୍ୟକୁ ସାହାଯ୍ୟ କରେ । ଯିଏ ଆବଶ୍ୟକତା ବେଳେ ସାହାଯ୍ୟ କରେ ନାହିଁ ସେ ମଣିଷ ନୁହେଁ ।

ଜଣେ ଛାତ୍ର ଠିଆହୋଇ ପଚାରିଲା– ତା'ହେଲେ ମିସ୍ ଆପଣଙ୍କୁ ଆମେ ମଣିଷ କେମିତି କହିବା ?

ମିସ୍ ରାଗିକି ପଚାରିଲେ– କାହିଁକି ? ମୁଁ ମଣିଷ ନୁହେଁ କାହିଁକି ?

ଛାତ୍ରଟି କହିଲା– ମିସ୍ ! ଆପଣ ସେଇ ସମୟରେ ନା କାହାକୁ ସାହାଯ୍ୟ କରନ୍ତି ନା କାହାକୁ ସାହାଯ୍ୟ କରିବାକୁ ଦିଅନ୍ତି !

ମିସ୍ ଆହୁରି ରାଗିଯାଇ ପଚାରିଲେ– କେଉଁ ସମୟରେ ?

ପିଲାଟି ମିଠା ହସି କହିଲା– ମିସ୍ ! ପରୀକ୍ଷା ସମୟରେ ।

# ୯୫% ଅଭିଯୋଗର ସମାଧାନ କରିଛନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗର ୯୫% ସମାଧାନ ହୋଇଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ଷୋଡଶ ଅଭିଯୋଗ ଶୁଣାଣି ଥିଲା। ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହ ୭ଜଣ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶାସନ ସଚିବ ଓ ପଦାଧିକାରୀ ଅଭିଯୋଗ ଶୁଣାଣିରେ ଭାଗ ନେଇଥିଲେ। ମିଳିଥିବା ତଥ୍ୟ ଅନୁସାରେ ପଞ୍ଚଦଶ ଅଭିଯୋଗ ଶୁଣାଣି ସୁଦ୍ଧା ୫୬ହଜାରରୁ ଊର୍ଦ୍ଧ୍ୱ ଲୋକ ଏପର୍ଯ୍ୟନ୍ତ ଅଭିଯୋଗ ନେଇ ଆସି ସାରିଛନ୍ତି । ୧୩,୩୫୮ ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୧୨,୭୪୮ ଅଭିଯୋଗର ସମାଧାନ ହୋଇଛି। ଯାହା ସମୁଦାୟ ଅଭିଯୋଗର ୯୫% ଅଟେ। ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସୂଚନା ମିଳିଛି।

ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି। ଏଥିଯୋଗୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ସ୍ୱାଇଁ, ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।



# ପ୍ରଶାସନର ନାକତଳେ ବାଂଲାଦେଶୀ !

**କେନ୍ଦ୍ରାପଡା,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ପ୍ରଶାସନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ଧରିବା ଚକ୍କରରେ ଗତ କିଛି ମାସ ହେଲା କିଛି ଲୋକଙ୍କୁ ସନ୍ଦେହରେ ଧରିଆଣି ଗୋପନ ଭାବେ ଯାଂଚ କରୁଥିବା ଆଲୋଚିତ ହେଉଥିଲା । ଯଦିଓ ଜିଲ୍ଲା ର ତଟାଂଚଳରେ ବଙ୍ଗଳାଦେଶୀଙ୍କ ଭିଡ଼ ରହିଥିବା ଅଭିଯୋଗ ହୋଇ ଆସୁଛି, ତଥାପି ଏହି ସ୍ପେଶାଲ ବଙ୍ଗଳାଦେଶୀ ଚିହ୍ନଟ ଡ୍ରାଇଭ୍‌ରୁ ପୋଲିସ ପ୍ରଶାସନ କେତେ ବଙ୍ଗଳାଦେଶୀ ପାଇଲେ ବା କେତେଜଣଙ୍କୁ ଦେଶାନ୍ତର କରାଇଲେ ଅଥବା ଆଦୌ ବଙ୍ଗଳାଦେଶୀ ପାଇଲେ ନାହିଁ ତା'ର କୌଣସି ସୂଚନା କାହା ପାଖରେ ନାହିଁ । ତେବେ ସବୁଠାରୁ କୌତୁହଳର କଥାଯେ, ତଟାଂଚଳରେ ବଙ୍ଗଳାଦେଶୀ ଖୋଜୁଥିବା ପୋଲିସ ପ୍ରଶାସନର ନାକ ତଳେ ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦କିମି ମଧ୍ୟରେ ଆସ୍ଥାନ ଜମାଇଥିବା ଜଣେ ବଙ୍ଗଳାଦେଶୀଙ୍କ ଉପରେ ନଜର ପଡ଼ିପାରି ନାହିଁ । ଫଳରେ ଆଜି ପ୍ରଭାବିତ ଗ୍ରାମବାସୀ ସଂପୃକ୍ତ ବଙ୍ଗଳାଦେଶୀଙ୍କ ସଂପର୍କରେ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ଏକ ଦାବି ପତ୍ର ଦେଇଥିବା ଜଣାଯାଇଛି । କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରାଇ ପଂଚାୟତର ପେଣ୍ଠ ବାଲିକୁଦା ଗ୍ରାମବାସୀଙ୍କ କହିବା କଥାଯେ, ଜଣେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ନିଜକୁ ହଳଦିଆ ବାବା ଭାବେ ସଜେଇ ବାଲିକୁଦାରେ ଆସ୍ଥାନ ଜମାଇଛନ୍ତି । ତନ୍ତ୍ରମନ୍ତ୍ରର ଭୟ ଦେଖାଇ ଲୋକଙ୍କୁ ଭୟଭୀତ କରାଇବା ସହିତ ସରକାରୀ ଜମିକୁ ଜମରଦଖଲ କରି କ୍ରମେ ସେଠାରେ ମନ୍ଦିର ତଥା ଆଶ୍ରମ ବନେଇ ରହୁଛନ୍ତି । ଗ୍ରାମବାସୀ ଓ ସ୍ଥାନୀୟ ଲୋକଙ୍କ ଉପରେ ତାଙ୍କର ଅତ୍ୟାଚାର ବଢ଼ି ଚାଲିଛି । ଏହି ହଳଦିଆ ବାବା ନବେ ଦଶକର ଶେଷ ଭାଗରେ ଗ୍ରାମରେ ପହଂଚି ଏକ ସରକାରୀ ଜମିରେ ଚାଳିଆଟିଏ ମାରି ରହୁଥିଲେ। ସେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ହୋଇଥିବା ଜଣାପଡ଼ିବା ପରେ ଗ୍ରାମବାସୀ ତତ୍କାଳୀନ ସମୟରେ ତାଙ୍କୁ ବିରୋଧ କରିଥିଲେ । ମାତ୍ର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନହେବାରୁ ଗ୍ରାମର ଗୋଚର ଜମିକୁ ଜବରଦଖଲ କରି ଘର କରିବା ସହିତ ମନ୍ଦିର ନିର୍ମାଣ କରିଥିଲେ । ଏହି ଘରେ ବହୁ ସମୟରେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆତଯାତ ରହୁଛି । ଏହି ହଳଦିଆ ବାବାଙ୍କୁ କେହି ବିରୋଧ କଲେ କେତେକ ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଗ୍ରାମରେ ଅଶାନ୍ତି ସୃଷ୍ଟି କରିବା ସହ ସେମାନଙ୍କ ଉପରେ ନାନା ଭାବେ ଅତ୍ୟାଚାର କରୁଛନ୍ତି । ଇତିମଧ୍ୟରେ ଏହି ଛଦ୍ମବେଶୀ ବାବା ଭାରତ ସରକାରଙ୍କ ପ୍ରଦତ୍ତ ଆଧାରକାର୍ଡ, ଭୋଟର କାର୍ଡ, ରାସନ କାର୍ଡ ଆଦି ହାତେଇ ନେଇଛନ୍ତି । ଏନେଇ ବିଧିବଦ୍ଧ ତଦନ୍ତ ହେଲେ ବାଂଲାଦେଶ ସହିତ ତାଙ୍କ ସମ୍ପର୍କର ସତ୍ୟ ଧରାପଡିପାରିବ। ଆଜି ଅତିରିକ୍ତ ଜିଲାପାଳ ରବିନ୍ଦ୍ର ମଲ୍ଲିକଙ୍କୁ ଭେଟି ଗ୍ରାମବାସୀଙ୍କ ପକ୍ଷରୁ ଶରତ ଚନ୍ଦ୍ର ମଲ୍ଲ, ରାମନାଥ ସାମନ୍ତରାୟ, ବିମଳ ଚନ୍ଦ୍ର ମହାନ୍ତି, ସୁଜାତା ସ୍ୱାଇଁଙ୍କ, ପ୍ରହ୍ଲାଦ ନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଦାବିପତ୍ର ପ୍ରଦାନ କରିଥିଲେ । ଏହାକୁ ଗୁରତର ସହ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମଲ୍ଲିକ ଘଟଣାର ତୁରନ୍ତ ତଦନ୍ତ ସହ ରିପୋର୍ଟ ପ୍ରଦାନ ପାଇଁ ମାର୍ଶାଘାଇ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ବାଲିକୁଦାରେ ମଦ ଦୋକାନ ବନ୍ଦ ଦାବି

**କଟକ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ଦୁର୍ଘଟଣା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଏଡାଇବା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଇ, ଜନସାଧରଣଙ୍କୁ ସଚେତନ କରାଯାଉଛି। ମାତ୍ର ମଦ୍ୟପାନ କରି ଗାଡିଚାଳନା କରାଯାଉଥିବାରୁ ସଡକ ଦୁର୍ଘଟଣା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି ତାହା ସତ୍ତ୍ୱେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦେବା ସହିତ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଉଛି କିପରି ବୋଲି ଆମ୍ବେଦକର ସ୍ମୃତି ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ସମେତ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି ? ସେହିପରି ଜାତୀୟ ରାଜପଥ ପାର୍ଶ୍ୱ ଜନଗହଳୀପୂର୍ଣ୍ଣ ବାଲିକୁଦା ଛକ ଠାରେ ମଦଦୋକାନ ଖୋଲାଗଲେ ଅପରାଧିକ କାର୍ଯ୍ୟକଳାପ ବଢିବା ସହିତ, ଅସାମାଜିକ କାର୍ଯ୍ୟକଳାପ, ଗୁଣ୍ଡାଗର୍ଦ୍ଦି, ଦାଦାଗିରି, ଦବଙ୍ଗଗିରି ଓ ପ୍ରତି ଘଣ୍ଟା କଣ୍ଟା ମିନିଟରେ ରାହାଜାନି, ଛିନତାଇ ଓ ହତ୍ୟା ଭଳି ଜଘନ୍ୟ ଅପରାଧ ମଧ୍ୟ ସଂଗଠିତ। ଆମ୍ଭ ଗ୍ରାମର ଛୋଟ ଛୋଟ ଶିଶୁମାନଙ୍କର ଜୀବନ ବିପଦାପୂର୍ଣ୍ଣ ହେବ ଏବଂ ରାସ୍ତା ଯାଆ ଆସ କରୁଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଅନ୍ୟାୟ ଅତ୍ୟାଚାର ମଧ୍ୟ ବଢିଚାଲିବ ନିକଟରେ ତିନି ତଫସିଲଭୁକ୍ତ ଜାତି ଓ ଜନଜାତି ସାହି ବସ୍ତି ଥିବାରୁ ତାଙ୍କର ପରିବାର ଦୟନୀୟ ଅବସ୍ଥାକୁ ଚାଲିଯିବାର ବହୁତ ସମ୍ଭାବନା ରହିଛି। ଜିଲ୍ଲାପାଳ ଓ ଅବକାରୀ ବିଭାଗ ପକ୍ଷରୁ ପ୍ରକାଶିତ ସାଧାରଣ ଲୋକଙ୍କୁ ନୋଟିସ ଦ୍ୱାରା ଜାନୁୟାରୀ ୭ ତାରିଖ ମଧ୍ୟରେ ଏହା ଉପରେ ଲିଖିତ ଅଭିଯୋଗ କରିବାକୁ ଜଣାଯାଇଥିବାରୁ ଯାହାର ନଂ ୮୯୧୨/ଇଏକ୍ସ, ତା ୨୩/୧୨/୨୦୨୫, ପ୍ଲଟ ନଂ–୧୩୨୬/ ଖାତା ନଂ–୧୦୩୮/୧୯୬୩ ଗୋପାଳପୁର ମୌଜା ଯେଉଁ ପ୍ଲଟ ଏହା ପୂର୍ବରୁ କିସମ ଜଳାଶୟ ଥିଲା ତାହାକୁ ଚଞ୍ଚକତା କରି ଘରବାରି କରିଥିବା ଅଭିଯୋଗ ହେବା ସହିତ ଏପରି ଏକ ଅଭାବନୀୟ/ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଗମ୍ଭୀରତାର ସହିତ ବିଚାର କରି ଜନସାଧାରଣଙ୍କୁ ଜାରିହୋଇଥିବା ନୋଟିସକୁ ରଦ୍ଦ କରିବା ସହିତ ବାଲିକୁଦାଠାରେ ଖୋଲିବାକୁ ଥିବା ମଦଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀ ଓ ପରିଷଦ ପକ୍ଷରୁ କଟକ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ସାକ୍ଷାତ କରି ସମ୍ମାନ ଓ ନମ୍ରତାର ସହିତ ଦାବି ଉପସ୍ଥାପନ କରିଛନ୍ତି ଏହି ଘଟଣାକୁ ନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କୁ ଅବଗତ କରାଯାଇଥିବା ଜଣାଯାଇଛି। ଏହି ଦାବିପତ୍ର ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅନିଲ ପରିଡା, ମୋହନ ବେଉରା, ଅମିୟ ବେହେରା, ରାଜେଶ ସ୍ୱାଇଁ, ବିକ୍ରମ କିଶୋର ସ୍ୱାଇଁ, ରବୀନ୍ଦ୍ର ବେହେରା, ସୁରେଶ ସ୍ୱାଇଁ, ବଳରାମ ସ୍ୱାଇଁ, ଆଇନଜୀବୀ ଶିବ କୁମାର ବାରିକ, ଜୁନେଦ୍ ଖାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଆକ୍ରମଣ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସୂଚାଉଛି: ବିଜେଡି



**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବିଡିଓଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ଘଟଣାକୁ ନେଇ ରାଜନୀତି ସରଗରମ। ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ପ୍ରଶାସନିକ ସ୍ତରରେ ବିଫଳତାର ଅଭିଯୋଗ ଆଣିଲେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର। ସେ କହିଛନ୍ତି ଯେ, ବିଜେପି ଶାସନକୁ ଆସିବା ପରେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ମହିଳା ବିରୋଧୀ ଅପରାଧ ବଢ଼ିଛି। ଗତ ୧୮ ମାସରେ ୪୦ ହଜାର ୯୪୭ ମହିଳା ବିରୋଧୀ ମାମଲା ରୁଜୁ ହୋଇଛି। ମହିଳା ବିରୋଧୀ ରାଜ୍ୟ ଭାବେ ଦେଶର ୧୦ ରାଜ୍ୟ ଭିତରେ ଓଡିଶା ଅଛି। ବିଜେପି ନେତା ସରକାରୀ ବ୍ୟବସ୍ଥା ଓ ସମ୍ବିଧାନ ମାନୁ ନାହାଁନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ଲେଖାଶ୍ରୀ କହିଛନ୍ତି, ଗୃହ ବିଭାଗର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ। ହେଲେ ପୋଲିସ ଉପରେ ଲୋକଙ୍କ ଭରସା ନାହିଁ। ବିଜେପି ଓ ବିଜେପି ସମର୍ଥିତ ଗୁଣ୍ଡାଙ୍କ ହାତ ରହୁଛି। ଶାସନକୁ ଆସୁ ଆସୁ ରାଜ୍ୟପାଳଙ୍କ ପୁଅ ଏଏସଓଙ୍କୁ ମାଡ଼ ମାରିଲେ। ହେଲେ କିଛି ଆକ୍ସନ୍ ହେଲାନି। ତେଣୁ ଲୋକଙ୍କ ଭୟ ରହିଲାନି। ବିଜେପି କ୍ଷମତାର ଅପବ୍ୟବହାର କରୁଛି। ବିଏମସି ଅଧିକାରୀଙ୍କୁ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ସମର୍ଥକ ମାଡ଼ ମାରିଲେ। ଓଏଏସ ସଂଘ ପ୍ରତିବାଦ କରିବାରୁ ଗିରଫ ହେଲେ। ବିଜେପି ଗୁଣ୍ଡାମାନଙ୍କୁ ଇମ୍ୟୁନିଟି ଦେଉଛି। ବିଜେପି ପ୍ରାର୍ଥୀ ଓ ତାଙ୍କ ଗୁଣ୍ଡା ରାଜନଗର ବିଡିଓଙ୍କୁ ଆକ୍ରମଣ କଲେ। ତିନି ଦିନ ପରେ ବି ଆକ୍ସନ ହେଲାନି। ଅପରାଧୀଙ୍କ ସାହସ ବଢ଼ିଲା। ଏ ଯାଏଁ କେହି ଗିରଫ ହୋଇ ନାହାନ୍ତି। ସେ ଜଣେ ଅଭ୍ୟାସଗତ ଅପରାଧୀ। ଏହି ବିଜେପି ପ୍ରାର୍ଥୀ ପୂର୍ବତନ ବିଡିଓ ଶୋଭନ ପଣ୍ଡାଙ୍କୁ ମଧ୍ୟ ଅଶୋଭନୀୟ ବ୍ୟବହାର କରିବାରୁ ସେ ଛାଡି ପଳେଇଲେ। ତା ପରେ ବିଡିଓ ରବି ଆଚାର୍ଯ୍ୟଙ୍କୁ ବି ଧମକାଇଲେ। ବର୍ତ୍ତମାନର ବିଡିଓ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶରେ ଆସିଛନ୍ତି। ତାଙ୍କୁ ଆକ୍ରମଣ ଏକ ଅପରାଧ। କୌଣସି ଆକ୍ସନ ହେଉନି। କାହା ସାହସରେ ବିଜେପି ନେତା ଏପରି କାମ କ୍ରମାଗତ ଭାବେ କରି ଚାଲିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଲେଖାଶ୍ରୀ।

ଲେଖାଶ୍ରୀ ପୁଣି କହିଛନ୍ତି, ଜମି ମାଡି ବସିବା ପରି ବେଆଇନ କାମ କରୁଛନ୍ତି। ସେ ହେଉଛନ୍ତି ମନମୋହନ ସାମଲଙ୍କ ପାଖ ଲୋକ। ତାଙ୍କ ଚିଙ୍ଗୁଡ଼ି ଚାଷର ପାର୍ଟନର ହେଉଛନ୍ତି ମନମୋହନ ସାମଲ। ମୁଖ୍ୟମନ୍ତ୍ରୀ ନୀରବଦ୍ରଷ୍ଟା ହୋଇ ବସିଛନ୍ତି। ଓଡ଼ିଶାରେ କୌଣସି ଆଇନ କାନୁନକୁ ବିଜେପି ନେତା ଖାତିର କରୁନାହାନ୍ତି। ଏକାମ୍ର ବିଧାୟକ ଠେଙ୍ଗା ବାହିନୀ କଲେ। କି ଆଦର୍ଶ କଥା କହୁଛି ବିଜେପି, କେବଳ ହିଂସାର ଆଦର୍ଶ। ବିଜେପି ପ୍ରଶାସନଠାରୁ କ୍ଷମତା ଛଡାଇ ନେବା ଗଣତନ୍ତ୍ର ପାଇଁ ବିପଦ। ଆଗାମୀ ଦିନରେ ଏହା ମହାଦ୍ରୁମରେ ପରିଣତ ହେବ। ପ୍ରଶାସନିକ ବ୍ୟବସ୍ଥା କାହାର ପୈତୃକ ସମ୍ପତି ନୁହେଁ। ବିଜେପି ଆଇନ କାନୁନ ଜାଣିନି। ବିରୋଧୀ ନୁହେଁ ବିଜେପି ଶାସନରେ ଅଛି। ଦାୟିତ୍ୱ ବଢ଼ିଛି। ୨୪ ଘଣ୍ଟା ଭିତରେ ରାଜନଗର ବିଜେପି ପ୍ରାର୍ଥୀ ଓ ତାଙ୍କ ସମର୍ଥକ ଗିରଫ ନ ହେଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆଜି ବି ବିଜେଡି ସେଠି ପ୍ରତିବାଦ କରୁଛି। ସାଧାରଣ ଲୋକ ବି ଆସି ସରକାରଙ୍କୁ ପ୍ରଶ୍ନ କରିବେ।

ସେପଟେ ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି, ଯେତେ କଡା ଭାଷାରେ ନିନ୍ଦା କଲେ ବି କମ୍ ହେବ। ବିଡିଓ ସାତକୋଶିଆ ଥଇଥାନ କାର୍ଯ୍ୟକ୍ରମ ପାଇଁ ଯାଉଥିଲେ। ହେଲେ ବିଜେପି ନେତା ନୂଆବର୍ଷର ଶୁଭେଚ୍ଛା ଜଣାଇବାକୁ ଅଡି ବସିଲେ। ବିଡିଓ କହିଲେ ପାଞ୍ଚ ମିନିଟ ଭିତରେ କାମ ସାରିବାକୁ। ଯାହା ବିଜେପି ନେତାଙ୍କ ଇଗୋକୁ ବାଧିଗଲା। ପୋଲିସ ହାତ ଜାକି ବସିଛି। ରବିବାର ଅପରାଧୀ ନିଜେ ବିଡିଓ ଓ ବ୍ଲକ ଅଧକ୍ଷାଙ୍କ ବିରୋଧରେ ମିଛ କେସ୍ ଦେଇଛନ୍ତି। ପୋଲିସ ଅପରାଧୀଙ୍କୁ ଗିରଫ ନ କରି ଅଭିଯୋଗ କେମିତି ଗ୍ରହଣ କଲା ବୋଲି ପ୍ରଶ୍ନ କରିଛନ୍ତି ଧ୍ରୁବ। ସେ ପୁଣି କହିଛନ୍ତି, ବର୍ଷେ ହେବ ରାଜନଗର ବ୍ଲକରେ ଅରାଜକତା ଚାଲିଛି। କେହି ରାଜନଗର ବିଡିଓ ହେବାକୁ ରାଜି ହେଉ ନାହାନ୍ତି। ମୁଁ ବିଧାନସଭାରେ ପ୍ରଶ୍ନ କରିବା ପରେ ମୁଖ୍ୟମନ୍ତ୍ରୀ ବିଡିଓ ଭାବେ ତିଲୋତ୍ତମା ପୃଷ୍ଟିଙ୍କୁ ପଠାଇଲେ। ରାଜନଗର ବ୍ଲକର ସମସ୍ତ ଜନପ୍ରତିନିଧି ବ୍ଲକ ଆଗରେ ଧାରଣା ଦେଇଛନ୍ତି। ସରକାର କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି। ଗିରଫ ନହେଲେ ସରକାରଙ୍କୁ ବୁଦ୍ଧି ଶିଖାଇବାକୁ ରାଜରାସ୍ତାକୁ ଓହ୍ଲାଇବ ବିଜେଡି।

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ସାତଭାୟା ଥଇଥାନସ୍ଥଳୀ ନେଇ ଦାବି

**ରାଜନଗର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିସ୍ଥାପିତ ହୋଇଥିବା ରାଜନଗର ବ୍ଲକ ସାତଭାୟା ଗ୍ରାମ ପଞ୍ଚାୟତର ଅଧିବାସୀମାନେ ବଗପାଟିଆ ଥଇଥାନ ସ୍ଥଳୀରେ ବସତି ସ୍ଥାପନ କଲେୟମାତ୍ର ଏହି ଥଇଥାନ ସ୍ଥଳୀରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ଏହି ଥଇଥାନ ସ୍ଥଳୀର ରବି ରଞ୍ଜନ ସାହାଣୀ, ହେମନ୍ତ କୁମାର ମଲ୍ଲ, ରାଜୀବ ଲୋଚନ ରାଉତ, ପ୍ରଦୀପ କୁମାର ସାହାଣୀ, କୈଳାଶ ବେହେରା ଓ ସଂଗ୍ରାମ ସାହାଣୀ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ଅଭିଯୋଗ କରି ସେମାନଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗାଁ ମଝି ରାସ୍ତା ଗୁଡ଼ିକୁ ସବୁଦିନିଆ ପକ୍କା ରାସ୍ତାରେ ପରିଣତ କରିବା, ପାନୀୟ ଜଳ ଯୋଗାଣ, ଥଇଥାନ ସ୍ଥଳୀରୁ ଜଳ ନିଷ୍କାସନ, ବିଦ୍ୟୁତ ଟ୍ରାନସଫରମର ବସାଇବା, ରଙ୍ଗୀଣ ପଞ୍ଚାୟତ ଗୁମୁରା ଘାଟରୁ ପଞ୍ଚୁ ବାରାହୀ ମନ୍ଦିର ପର୍ଯ୍ୟନ୍ତ ଫେରିଘାଟ ଚଳାଇବା, ସୁରକ୍ଷା ବନ୍ଧରେ ପଥର ପ୍ୟାକିଙ୍ଗ, ନଦୀ ପାର୍ଶ୍ୱରେ ଜଙ୍ଗଲ ସୃଷ୍ଟି, ହାଇସ୍କୁଲରେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି, ଘରବାରି ପଟ୍ଟା ପ୍ରଦାନ, ଚଷ ପାଇଁ ଜମି, ବାଦ ପଡିଥିବା ପରିବାରଙ୍କୁ ଘରବାରି ପଟ୍ଟା ପ୍ରଦାନ ଦାବି ଉପସ୍ଥାପିତ କରିଥିଲେ। ଆଲୋଚନା ସମୟରେ ଗଣ୍ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଷୟ ଶୁଣିବା ସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଭାଇରାଲ ହେଉଛି ଭଡ଼ାରେ ଆମ ବସ୍

**ଭୁବନେଶ୍ୱର,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**




ରାଜଧାନୀ ଛାତି ଉପରେ ଆମ ବସ୍ ଦୁଇ ଦୁଇ ଥର ଦୁର୍ଘଟଣା ଘଟାଇବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱର ସହ ନେଇ ପରିବହନ ବିଭାଗକୁ କଡ଼ାକଡ଼ି ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହାପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଆମ ବସ୍ ଡ୍ରାଇଭରଙ୍କ ସହିତ ଗାଡ଼ିର ଫିଟନେସ ମଧ୍ୟ ଯାଞ୍ଚ କରାଯାଉଛି। ଏହାରି ଭିତରେ ସୋମବାର ଆମ ବସର ଏକ ଭିଡିଓ ଭାଇରାଲ ହେଉଛି। ଭଡ଼ାରେ ଆମ ବସ୍ ପିକନିକ ଯାଉଥିବା ଦେଖାଯାଇଛି।

ତେବେ ଗ୍ରୀନ ବସ୍ ପଛପଟେ ପିକ୍ନିକ ପାର୍ଟି ଅଫ ଜେନେରାଲ ଆକାଉଣ୍ଟାଣ୍ଟ ଓଡ଼ିଶା ଭୁବନେଶ୍ୱର ଲେଖା ହୋଇଥିବା ଦେଖାଯାଇଛି। ତେବେ ବସଟି କେଉଁଠାରୁ କେଉଁଠାକୁ ଯାଉଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ତେବେ ବର୍ତ୍ତମାନ ଆମ ବସର ଏହି ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀରେ ପ୍ରଦୂଷଣ...

କରିଛନ୍ତି ଯେ ଦିଲ୍ଲୀ ସରକାର ବାୟୁ ଗୁଣବତ୍ତା ସୂଚକାଙ୍କ ମନିଟର ଗୁଡ଼ିକୁ ହେରଫେର କରୁଛନ୍ତି। ସେ କହିଛନ୍ତି ଯେ ପରିସ୍ଥିତି ଏପରି ହୋଇଛି ଯେ ପିଲାମାନେ ନିଶ୍ୱାସ ନେବାରେ କଷ୍ଟ ପାଉଛନ୍ତି ଏବଂ ବୃଦ୍ଧଙ୍କ ଜୀବନ ବିପଦରେ ଅଛି। ଏମ୍ସ ଭଳି ପ୍ରତିଷ୍ଠିତ ହସ୍ପିଟାଲ ମଧ୍ୟ କହୁଛନ୍ତି ଯେ ଦିଲ୍ଲୀରେ ରହିବା କ୍ରମଶଃ କଷ୍ଟକର ହେଉଛି।

### ଦୁଇ ଯନ୍ତ୍ରୀ ଭିଜିଲାନ୍ସ...

ଏବଂ ସିକୁରିଟି ଡିପୋଜିଟ ଛାଡ଼ିବା ପାଇଁ ଏହି ଦୁଇ ଅଧିକାରୀ ୪.୫% ହାରରେ ମୋଟ୍ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଟଙ୍କା ମଧ୍ୟରେ ଏଇଇଙ୍କ ୧.୫% ହିସାବରେ ୩୨ ହଜାର ଏବଂ ଜେଇଙ୍କ ୩% ହାବରେ ୨୮ହଜାର ରହିଥିଲା । ମୋଟ୍ ୬୦,୦୦୦ହଜାର ଟଙ୍କା ନ ଦେଲେ ବିଲ୍ ପାସ୍ ହେବ ନାହିଁ ବୋଲି ଠିକାଦାରଙ୍କୁ ରୋକଠୋକ କହିଥିଲେ। ଏହି ହଇରାଣରୁ ବିରକ୍ତ ହୋଇ ଠିକାଦାର ଜଣକ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେବା ସମୟରେ ଉଭୟଙ୍କଠାରୁ ଜବତ କରିଥିଲେ।

### ନିଆଁଲାଗି ୪...

ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟୀୟାନ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ମଧ୍ୟରେ ବିରାଜ ଟାକ୍ରି ଗୁରୁତର ରହିଛି।

ସପ୍ତମ ଶ୍ରେଣୀ ଛାତ୍ର ବିରାଜ ଟାକ୍ରି, ନଳିନ ହୁଇକା, ରୋହିତ ଖରା ଏବଂ ପଞ୍ଚମ ଶ୍ରେଣୀ ଛାତ୍ର ସୁଦାବ ବାଘ ଆହତ ଅଛନ୍ତି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ରମାନେ ପୋଡିଯିବା ଏକ ନିନ୍ଦନିୟ ଘଟଣା ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ସେ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ଚନ୍ଦନ କଲକାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଘଟଣାସ୍ଥଳରେ ନଥିଲେ। ସେହି ସମୟରେ ବିଦ୍ୟାଳୟର ଅନ୍ୟ ଏକ ପରିସରରେ ପାଠ ପଢାଉଥିଲେ। ଖବର ପାଇଁ ମେଡିକାଲ ଆସିଥିବା କହିବା ସହ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ସେ ସଂକ୍ରାନ୍ତରେ ବିଦ୍ୟାଳୟ ଉପସ୍ଥିତ ଅନ୍ୟ ଶିକ୍ଷକମାନଙ୍କୁ ପଚାରି ବୁଝିବେ ବୋଲି ପ୍ରକାଶ କରିଛନ୍ତି।

### ଦେବ୍ରିଗଡ଼କୁ ଆସିବେ...

ଆମେ ସେମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଶିମିଳିପାଳକୁ ଯମୁନା ଏବଂ ଜିନତକୁ ଅଣାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବଂଶବୃଦ୍ଧିରେ ଆମେ ସଫଳତା ପାଇପାରିନୁ। ସେମାନେ ସୁରକ୍ଷିତ ଅଛନ୍ତି। ବଂଶବୃଦ୍ଧି ନେଇ ଭାଗ୍ୟ ଆମକୁ ସାଥ ଦେଇନି। ବଂଶବୃଦ୍ଧି ନେଇ ପ୍ରୟାସ ଜାରି ରହିଛି। ଜିପିଏସ ଟ୍ରାକିଂ କରାଯାଉଛି। କ୍ୟାମେରା ମାଧ୍ୟମରେ ମନିଟରିଂ ମଧ୍ୟ ଜାରି ରହିଛି।

ସେପଟେ ଋଷିକୂଲ୍ୟାରେ କଇଁଛଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି ମନ୍ତ୍ରୀ। ସେ କହିଛନ୍ତି 'ଗତବର୍ଷ ଅଧିକ ସଂଖ୍ୟକ ଅଲିଭ ରିଡଲେ ଆସିଥିଲେ। ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡଲେ ଆସିବେ ବୋଲି ଆମର ଆଶା ରହିଛି। ମାତ୍ର ଅସାମାଜିକ ବ୍ୟକ୍ତିଙ୍କ ନଜରରୁ କଇଁଛଙ୍କୁ ରକ୍ଷା କରିବା ଆମର ମୁଖ୍ୟ ଦାୟିତ୍ୱ। ସେଥିପାଇଁ ସେଠାରେ କ୍ଲୋଜ ମନିଟରିଂ କରାଯାଉଛି। ଋଷିକୂଲ୍ୟା, ଭିତରକନିକାରେ ତିନୋଟି ୱାଚ୍ ଟାୱାର କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ୩ଟି ଜାଗାରେ ପ୍ରାଥମିକ ଭାବରେ ୱାଚ୍ ଟାୱାର ହେବ। ପରବର୍ତ୍ତୀ ସମୟରେ ଆଣ୍ଟି ସୋସିଆଲ ଆକ୍ଟିଭିଟି ଦେଖି ୱାଚ୍ ଟାୱାର ସଂଖ୍ୟା ବୃଦ୍ଧି ନେଇ ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ।

### ଘନ କୁହୁଡ଼ି ନେଇ...

ଜାରି କରିଛି। ପୂର୍ବାନୁମାନ ଅନୁଯାୟୀ, ହାଲୁକାରୁ ମଧ୍ୟମ କୁହୁଡ଼ି କନ୍ଧମାଳ, କୋରାପୁଟ, ବଲାଙ୍ଗୀର, ବୌଦ୍ଧ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା ଏବଂ କଟକରେ ଅନୁଭୂତ ହେବ।

ଜାନୁୟାରୀ ୬–୭ରୁ ନୟାଗଡ଼, ଢେଙ୍କାନାଳ, କନ୍ଧମାଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡରେ କୁହୁଡ଼ିର ପ୍ରଭାବ ରହିବ। ସେହିପରି ଜାନୁୟାରୀ ୭–୧୦ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, କଟକ, ପୁରୀ, ଏବଂ ଖୋର୍ଦ୍ଧାରେ କୁହୁଡ଼ି ଅନୁଭୁତ ହେବ।

ସକାଳ ଏବଂ ସନ୍ଧ୍ୟା ସମୟରେ ଦୃଶ୍ୟମାନତା କମ୍ ରହିବାର ସମ୍ଭାବନା ଥିବାରୁ ଯାତ୍ରୀମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଦୁର୍ଘଟଣା ଏଡାଇବା ପାଇଁ ଗାଡି ଚାଳକମାନଙ୍କୁ ଫଗ୍ ଲାଇଟ୍ ବ୍ୟବହାର କରିବାକୁ ଏବଂ ଧୀର ଗତି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି।

### ପ୍ରମିଳା ମଲ୍ଲିକଙ୍କ ଘରେ...

ସଭାପତି ମଧ୍ୟ ଉପସ୍ଥିତ ଥିଲେ। 'ଧର୍ମଶାଳା, କୋରେଇ, ସୁକିନ୍ଦା, ବଡ଼ଚଣା, ଯାଜପୁର, ବିଞ୍ଝାପୁର, ବିରୀ କାହାରି କାହାରି ଭିତରେ କୌଣସି ବିଦ୍ୱେଷ ନାହିଁ। କର୍ମୀଙ୍କ ମଧ୍ୟରେ ଥିଲେ ଥିବ। ନେତାଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ଯାଜପୁର ବିଜେଡି ସଂଗଠନ ମଜବୁତ ଅଛି। ମିଡିଆ ବାଲା ଦୁର୍ବଳ ଥିବା ମିଛ ପ୍ରଚାର କରୁଛନ୍ତି।

# ଉମର ଓ ଶାର୍ଜିଲଙ୍କ ଜାମିନ ସୁପ୍ରିମକୋର୍ଟରେ ଖାରଜ



**ନୂଆଦିଲ୍ଲୀ,୫।୧ ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୦ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦ ଓ ଶରଜିଲ୍ ଇମାମଙ୍କୁ ମିଳିଲାନି ଜାମିନ। ସୁପ୍ରିମକୋର୍ଟ ତାଙ୍କୁ ଜାମିନ୍ ଦେବାକୁ ମନା କରିଛନ୍ତି। ଉମର ଓ ଶରଜମିଲ ୫ ବର୍ଷରୁ ଅଧିକ ସମୟ ଧରି ଜେଲ୍‌ରେ ଅଛନ୍ତି। ତେଣୁ ଦୁହେଁ ଜାମିନ ଦାବି କରିଥିଲେ, କିନ୍ତୁ କୋର୍ଟ ଏହି ମାମଲାରେ ତାଙ୍କ ମୁଖ୍ୟ ଭୂମିକାକୁ ଦେଖି ଜାମିନ ଦେବାକୁ ମନା କରିଦେଇଥିଲେ। ତେବେ କୋର୍ଟ ସେମାନଙ୍କ ସହିତ ଆବେଦନ ଦାଖଲ କରିଥିବା ଅନ୍ୟ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ଯେଉଁମାନଙ୍କୁ ଜାମିନ ଦେଇଛନ୍ତି ସେମାନେ ହେଲେ ଗୁଲଫିଶା ଫାତିମା, ମୀରାନ ହାଇଦର, ଶିଫା ଉର ରେହମାନ, ମହମ୍ମଦ ସଲିମ ଏବଂ ଶାଦାବ ଅହମ୍ମଦ। ସେମାନେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ ସେମାନେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଜେଲରେ ଅଛନ୍ତି। ବିଚାରପତି ଅରବିନ୍ଦ କୁମାର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଦଙ୍ଗାରେ ଶରଜିଲ ଏବଂ ଉମରଙ୍କ ଭୂମିକା ତୁଳନାରେ ତାଙ୍କ କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଥିଲେ। ଏହି ଆଧାରରେ, ସେମାନଙ୍କୁ ଛାଡି ଦିଆଯାଇଥିଲା।

ସୁପ୍ରିମକୋର୍ଟ ଦ୍ୱାରା ଜାମିନ ପାଇଥିବା ପାଞ୍ଚ ଜଣ ବ୍ୟକ୍ତି ମଧ୍ୟରେ ଗୁଲଫିଶା ଫାତିମା, ମୀରାନ ହାଇଦର, ଶିଫା–ଉର–ରେହମାନ, ମହମ୍ମଦ ସଲିମ ଏବଂ ଶାଦାବ ଅହମ୍ମଦ ଅଛନ୍ତି। ସେମାନେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ ସେମାନେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଜେଲରେ ଅଛନ୍ତି। ବିଚାରପତି ଅରବିନ୍ଦ କୁମାର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଦଙ୍ଗାରେ ସେମାନଙ୍କର ଭୂମିକାକୁ ଶରଜୀଲ ଏବଂ ଉମରଙ୍କ ତୁଳନାରେ କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଥିଲେ। ଏହାକୁ ଆଧାର କରି, ସେମାନଙ୍କୁ ଅନୁକମ୍ପା ପ୍ରଦାନ କରାଯାଇଥିଲା। ଏହି ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା ଏବଂ ଅସ୍ତ୍ରଶସ୍ତ୍ର ଆଇନ ପରି ଆଇନ ବ୍ୟତୀତ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ)ର ଧାରା ଅନୁଯାୟୀ ଅଭିଯୋଗ କରାଯାଇଛି। ୟୁଏପିଏରର ଧାରା ୪୩ଡି(୫) ଜାମିନ ପାଇଁ କଠୋର ସର୍ତ୍ତାବଳୀ ଲାଗୁ କରେ, ଅଭିଯୁକ୍ତଙ୍କୁ ପ୍ରମାଣ କରିବାକୁ ପଡିବ ଯେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରଥମ ଦୃଷ୍ଟିରୁ ମିଥ୍ୟା। ସମସ୍ତ ଅଭିଯୁକ୍ତ ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତାର ଅଧିକାର) ଆଧାରରେ ଜାମିନ ଆବେଦନ କରିଥିଲେ। କୋର୍ଟ ଏହି ପାଞ୍ଚ ଜଣଙ୍କୁ ମୁକ୍ତ କରିଛନ୍ତି କାରଣ ସେମାନେ ବିନା ବିଚାରରେ ଦୀର୍ଘ ସମୟ ଧରି ଜେଲରେ ଥିଲେ। କିନ୍ତୁ ଉମର ଏବଂ ଶାର୍ଜିଲଙ୍କ ମାମଲାରେ, ୟୁଏପିଏର ଧାରା ୪୩ଡି(୫) ଲାଗୁ କରାଯାଇଥିଲା।

ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ନିମ୍ନ ଅଦାଲତରେ ମାମଲାର ଶୁଣାଣି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଶାର୍ଜିଲ ଏବଂ ଉମର ଖାଲିଦ ମାମଲାର ପ୍ରମୁଖ ସାକ୍ଷୀଙ୍କ ପରୀକ୍ଷା ପରେ ଜାମିନ ଆବେଦନ ଦାଖଲ କରିପାରିବେ। ଯଦି ବିଳମ୍ବ ହୁଏ, ତେବେ ଏହି ନିର୍ଦ୍ଦେଶର ଗୋଟିଏ ବର୍ଷ ପରେ ଉଭୟ ଟ୍ରାଏଲ୍ କୋର୍ଟରୁ ଜାମିନ ଆବେଦନ କରିପାରିବେ।

ଫେବୃଆରୀ ୨୦୨୦ରେ, ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ପ୍ରତିବାଦ ସମୟରେ ସଂଘର୍ଷରେ ୫୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଶହ ଶହ ଆହତ ହୋଇଥିଲେ। ଅଭିଯୋଗ ହୋଇଛି ଯେ ଏହି ଅଭିଯୁକ୍ତମାନେ ଦଙ୍ଗା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଦିଲ୍ଲୀ ପୋଲିସ ସେମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ଯେପରିକି ଦଙ୍ଗା, ବେଆଇନ ସମାବେଶ ଏବଂ ଅପରାଧିକ ଷଡ଼ଯନ୍ତ୍ର ସହିତ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ)ର ଧାରା ଅନୁଯାୟୀ ଅଧିକାଂଶ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅନେକ ମାମ ରୁଜୁ ହୋଇଛି। ଦିଲ୍ଲୀ ପୋଲିସ ମଧ୍ୟ ଯୁକ୍ତି ଦେଇଛି ଯେ ଅଭିଯୁକ୍ତମାନେ ସାରା ଦେଶରେ ହିଂସା ସୃଷ୍ଟି କରି ଜାତୀୟ ଅଖଣ୍ଡତାକୁ ବିପର୍ଯ୍ୟସ୍ତ କରିବାକୁ ଚାହୁଁଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ